ବର୍ଷ-୨୫, ସଂଖ୍ୟା-୧୪୧
ଭୁବନେଶ୍ୱର
୨୪, ମଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 141
Bhubaneswar
24,May, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


# ଟ୍ରାଫିକ୍ ଭିଡ ହ୍ରାସ ପାଇଁ ବଡ଼ ପଦକ୍ଷେପ

ଭୁବନେଶ୍ୱର, ୨୩।୫(ମହାଭାରତ): ରାଜଧାନୀ ଭୁବନେଶ୍ୱର ସହ କଟକ ସହରରେ ଟ୍ରାଫିକ ସମସ୍ୟା ଓ ଭିଡ଼ ହ୍ରାସ ନିମନ୍ତେ ରାଜ୍ୟ ସରକାର ବ୍ୟାପକ ଯୋଜନା କାର୍ଯ୍ୟକାରୀ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଟ୍ୱିନସିଟିରେ ଭିଡ଼ ହ୍ରାସ ସହିତ ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ ଦେଇ ରାସ୍ତା ଓ ଫ୍ଲାଏଓଭର ଆଦି ନିର୍ମାଣ କରିବା ସହ ଏଥିଯୋଗୁ ବିସ୍ଥାପିତ ହେବାକୁ ଥିବା ମୋଟ ୩୬୬ଟି ପରିବାରକୁ ଆର୍ଥିକ ସହାୟତା ସରକାର ଯୋଗାଇ ଦେବେ ବୋଲି ଜଣାପଡ଼ିଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ଆଜି ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟ୍ୱିନ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ୍ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା



ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ, ଏବଂ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏ ଓଭର୍ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକସ୍ ରୁ ପଥର ଗାଡିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲେଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି । ଏହା ସହିତ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବାରିମୁଣ୍ଡ ଓ କେଳୁଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍‌ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏହା ସହିତ ଏକ ଇନର୍ ରିଙ୍ଗ୍ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ଏହି ସମସ୍ତ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ଦିନ ପ୍ରତିଦିନ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

ଏହି ନିର୍ମାଣ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଚାରିଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠୁ ନୂଆଦିଲ୍ଲୀରେ ଚାରିଦିନିଆ ଗସ୍ତ ଆରମ୍ଭ କରିଛନ୍ତି। ଏହି ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ତାଙ୍କ ସରକାରର ପ୍ରଥମ ବର୍ଷର କାର୍ଯ୍ୟଦକ୍ଷତା ରିପୋର୍ଟ ଉପସ୍ଥାପନ କରିବେ ଏବଂ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିବେ। ଏହି ଗସ୍ତର ମୁଖ୍ୟ ଆକର୍ଷଣ ହେଉଛି ମୁଖ୍ୟମନ୍ତ୍ରୀ ମାଝୀଙ୍କର ପ୍ରଧାନମନ୍ତ୍ରୀଙ୍କ ସହ ଏକାନ୍ତ ବୈଠକ, ଯେଉଁଥିରେ ସେ ଜୁନ ୧୨ ତାରିଖରେ ଓଡ଼ିଶା ସରକାରର ପ୍ରଥମ ବାର୍ଷିକୀ ଉତ୍ସବରେ ଯୋଗଦେବା ପାଇଁ ମୋଦିଙ୍କୁ ଔପଚାରିକ ଭାବେ ନିମନ୍ତ୍ରଣ କରିବେ। ଏହି ଉତ୍ସବରେ ରାଜ୍ୟର ଅଗ୍ରଗତି ଏବଂ ବିଭିନ୍ନ କଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ପ୍ରଦର୍ଶନ କରାଯିବ।ଦିଲ୍ଲୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମାଝୀ ମେ ୨୪ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗର ଶାସନ ପରିଷଦ ବୈଠକରେ ଯୋଗଦେବେ ଏବଂ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ମଧ୍ୟ ଅଂଶଗ୍ରହଣ କରିବେ। ସେହିପରି ଆସନ୍ତା ମେ ୨୬ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ।

# ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯୋଜନା

ଭୁବନେଶ୍ୱର, ୨୩।୫(ମହାଭାରତ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ବାଲିସାହି ସ୍ଥିତ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ସମାଧୀ ସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତୀ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା।



ସନାତନ ଧର୍ମର ସୁରକ୍ଷା ତଥା ଅଦ୍ୱୈତ ବେଦାନ୍ତର ପ୍ରଚାର ନିମନ୍ତେ କାର୍ଯ୍ୟ କରୁଥିବା ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୀଠର ଉନ୍ନତି ପାଇଁ ସବୁ ବିଭାଗ ତଥା ଜିଲ୍ଲା ପ୍ରଶାସନର ସମନ୍ୱୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମହୋଦଧି ସନ୍ଧ୍ୟା ଆଳତୀ ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଯାହା ଆବଶ୍ୟକତା ରହିଛି ସମସ୍ତ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବୈଠକରେ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ, ପ୍ରମୁଖ ଶାସନ ସଚିବ ଆଇନ ବିଭାଗ ମାନସ ରଞ୍ଜନ ବାରିକ, ପ୍ରମୁଖ ଶାସନ ସଚିବ ପୂର୍ତ୍ତ ବିଭାଗ ସଞ୍ଜୟ ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଜିଲ୍ଲାପାଳ ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଭିନିତ୍ ଅଗ୍ରୱାଲ, ଗୋବର୍ଦ୍ଧନ ପୀଠର ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ବ୍ରହ୍ମଚାରୀ ସୁଯସ ପ୍ରଶାନ୍ତ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଲାଗିବ ଆଣ୍ଟି ଡ୍ରୋନ ଟେକ୍ନୋଲୋଜି

ଭୁବନେଶ୍ୱର, ୨୩।୫(ମହାଭାରତ): ପୁରୀ ଜଗନ୍ନାଥ ମନ୍ଦିରରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏହି ୧୨ଶ ଶତାବ୍ଦୀର ହିନ୍ଦୁ ତୀର୍ଥସ୍ଥଳୀର ସୁରକ୍ଷା ପାଇଁ ଆଣ୍ଟି-ଡ୍ରୋନ ପ୍ରଯୁକ୍ତି ସ୍ଥାପନ ଉପରେ ବିଚାର କରୁଛନ୍ତି। ଏ ସମ୍ପର୍କରେ ଆଇନ ବିଭାଗ ଓଡ଼ିଶା ପୋଲିସ ସହ ଆଲୋଚନା କରି ପୁରୀ ଶ୍ରୀମନ୍ଦିରରେ ଆଣ୍ଟି-ଡ୍ରୋନ ବ୍ୟବସ୍ଥା ସ୍ଥାପନ କରିବାକୁ ଯୋଜନା କରିଛି, ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।



ମନ୍ତ୍ରୀ କହିଛନ୍ତି, ମନ୍ଦିରରେ ଆଣ୍ଟି-ଡ୍ରୋନ ପ୍ରଯୁକ୍ତି ସ୍ଥାପନ କରାଯାଇପାରେ, ଏହି ବ୍ୟବସ୍ଥା ଅନଧିକୃତ କିମ୍ବା ସମ୍ଭାବ୍ୟ ବିପଜ୍ଜନକ ଡ୍ରୋନଗୁଡ଼ିକୁ ଚିହ୍ନଟ, ଅନୁସରଣ ଏବଂ ନିଷ୍କ୍ରିୟ କରିବ। ଆବଶ୍ୟକ ହେଲେ ଏହି ପ୍ରଯୁକ୍ତି ସ୍ଥାପନ ପାଇଁ ଆର୍ଥିକ ସହାୟତା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ଦ୍ୱାରା ପ୍ରଦାନ କରାଯିବ, ବୋଲି ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି।

ଜାମ୍ମୁ ଓ କାଶ୍ମୀରର ପେହଲଗାମରେ ୨୨ ଏପ୍ରିଲ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ବୃଦ୍ଧି ପାଇବା ମଧ୍ୟରେ, ଓଡ଼ିଶା ସରକାର ପଡ଼ୋଶୀ ଦେଶରୁ ସମ୍ଭାବ୍ୟ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଜଗନ୍ନାଥ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି। ନିକଟରେ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା ଓ ପ୍ରିୟଙ୍କା ସେନାପତି ପୁରୀ ମନ୍ଦିର ଉପରେ ଡ୍ରୋନ ଉଡାଇଥିବା ଖବର ସାମ୍ନାକୁ ଆସିଥିଲା । ରାଜ୍ୟର ବିଭିନ୍ନ ଜାଗାରେ ହେଉଥିବା ରଥଯାତ୍ରା ପାଇଁ ସହାୟତା ଯୋଗାଇ ଦେବେ ସରକାର। ରାଜ୍ୟର ବିଭିନ୍ନ ଜାଗାରେ ରଥଯାତ୍ରା ହେଉଥିବା ବେଳେ ରଥ ନିର୍ମାଣ ଓ ରଥଯାତ୍ରା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ ଆଇନ ବିଭାଗ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ଦେବୋତ୍ତର ଆୟୋଗ ଅଧୀନରେ ଥିବା ଜଗନ୍ନାଥ ମନ୍ଦିରକୁ ରଥଯାତ୍ରା ପାଇଁ ମିଳିବ ଆର୍ଥିକ ସରକାର ।ଏନେଇ ଅନେକ ଆବେଦନ ଆସିଛି ଏବଂ ଯେଉଁମାନେ ଆବେଦନ କରିନାହାନ୍ତି ତାଙ୍କ କଥା ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପରିକ୍ରମା ପ୍ରକଳ୍ପ ବେଳେ ଭଙ୍ଗା ଯାଇଥିବା ମଠ ମନ୍ଦିରଗୁଡ଼ିକୁ ପୁନର୍ବାସ କରିବେ ଓଡ଼ିଶାର ବିଜେପି ସରକାର। ଏନେଇ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଖାଲି ସେତିକି ନୁହେଁ, ଇତିମଧ୍ୟରେ ୧୯ଟି ମଠକୁ ପୁନର୍ବାସ ପାଇଁ ପ୍ରକ୍ରିୟା ଆରମ୍ଭ ମଧ୍ୟ ହୋଇଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାପିତ କରାଯିବ। ଏଠି ପୁରୀ ସହରରେ ଏକ ଜାଗା ଚିହ୍ନଟ ହୋଇଛି ।ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ରହିଲେ ଭକ୍ତମାନଙ୍କୁ ଦର୍ଶନ ଏବଂ ସେବା ପୂଜା ପାଇଁ ସୁବିଧା ହେବ ।ଏନେଇ ଦେଓତ୍ତର କମିସନଙ୍କ ସହ ଦୁଇ ଥର ବୈଠକ ମଧ୍ୟ ହୋଇଛି।

# ଖଣି ଦୁର୍ନୀତି ବିରୋଧରେ ଜିରୋ ଟଲରାନ୍ସ ନୀତି

## ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୫(ମହାଭାରତ): ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ୍ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଭିଜିଲାନ୍‌ସ ପକ୍ଷରୁ ଏକ ଗଠନ କରାଯାଇଛି।

ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗୀୟ ଅଧିକାରୀ ମାନଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରି ରିପୋର୍ଟ ସଂଗ୍ରହ କରିବା ସହ ଏଥି ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧରେ ବିଶେଷକରି ଖଣିଦୁର୍ନୀତି ସମ୍ପର୍କରେ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆସିଛନ୍ତି । ଖଣି ଦୁର୍ନୀତିର ମୁଳୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହି ଆସିଛନ୍ତି ।ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଭିଜିଲାନସକୁ ନିର୍ଦ୍ଦେଶ ଦେଇଛନ୍ତି।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ଜେନା ମଧ୍ୟ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସହ ଦୋଷୀ ଯେ କେହିବି ହୋଇ ଥାନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ସୁନ୍ଦରଗଡ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି ଯାହାର ଆନୁମାନିକ ମୁଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରତ୍ନସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି ଏଥିସହିତ ହେମଗିରିର ଜାମଖାନି ସରଂକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି । ସେହିପରି କୋଇଡା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା ସାନପୁଟୁଳି, କୋଲମଙ୍ଗ ଏବଂ ରୁସିବେଣୁଆ ଠାରେ ୫୦ଟି ବେଆଇନ ମାଙ୍ଗାନିଜ୍ ଏବଂ ଲୌହ ଉତ୍ତୋଳନ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି। ଏହି ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଅ। ଗ୍ରାମରେ ଏସବୁ ଖଣି ଗୁଡ଼ିକରୁ ୨୦ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ଓର୍ ଏବଂ ୧୨୦୦ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଆଇରନ ଓର୍ ବେଆଇନ ଭାବେ ଉତ୍ତୋଳନ କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ୩୭ କୋଟିରୁ ଅଧିକ ଟଙ୍କା ହେବ।

# ୫ ମାଓବାଦୀ ମୃତ

ମାଲକାନଗିରି, ୨୩।୫(ମହାଭାରତ): ଛତିଶଗଡର ବିଜାପୁର ଜିଲ୍ଲା ସୀମାନ୍ତ ଜଂଗଲରେ ଆଜି ପୁଣି ନକ୍ସଲ ଓ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଛି। ପ୍ରାୟ ୨ ଘଣ୍ଟା ଗୁଳିବିନିମୟରେ ୪ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଜଣାପଡିଛି। ବିଶେଷ ସୂତ୍ରରୁ ଖବର ପାଇ ପ୍ରାୟ ୩୦୦ ଯବାନ ବିଜାପୁର ସୀମାନ୍ତ ଜଂଗଲରେ ଚଢାଉ କରିଥିଲେ। ଆଜି ସକାଳୁ ଯବାନଙ୍କୁ ଦେଖି ନକ୍ସଲ ଅତର୍କିତ ଗୁଳି ଚଳାଇଥିଲେ। ତେବେ ନକ୍ସଲ ଯବାନଙ୍କ ଗୁଳିର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ବେଳେ ୪ ଜଣ ନକ୍ସଲଙ୍କ ମୃତ ଦେହ ଠାବ କରାଯାଇଛି ।ଏଥିସହ ଚାରୋଟି ବନ୍ଧୁକ ଜବତ କରାଯାଇଛି। ସେହିପରି ସୁକମା ଜିଲ୍ଲାର କିଷ୍ଟରାମ ଜଂଗଲରେ ପୁଲିସ ନକ୍ସଲ ଗୁଳିବିନିମୟରେ ଜଣେ ନକ୍ସଲ ମୃତ୍ୟୁବରଣ କରିଛି।

# ୨୭ ଓ ୨୮ରେ ରାଜ୍ୟରେ ବଡ଼ ବର୍ଷା

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୫(ମହାଭାରତ): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓ ଅନ୍ୟ ଆନ୍ତର୍ଜାତୀୟ ପାଣିପାଗ ମଡେଲ ଅନୁଯାୟୀ, ମେ ୨୦୨୫ରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଓଡ଼ିଶା ଉପକୂଳ ପ୍ରଭାବିତ ହେବାର ଅନୁମାନ କରାଯାଇଛି। ଏହି ଝଡ଼, ଯାହାର ନାମ ସମ୍ଭାବ୍ୟ ଶକ୍ତି ରଖାଯାଇଛି। ମେ ୨୩ରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଖୁଲନା ଓ ଚଟ୍ଟୋଗ୍ରାମ ଅଞ୍ଚଳକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏପରିକି ମେ ୨୭ ଓ ୨୮ ତାରିଖରେ ଓଡ଼ିଶାର ଅନେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଅନୁସାରେ, ବଙ୍ଗୋପସାଗରରେ ଏକ ନିମ୍ନଚାପ ରେଖା ପ୍ରଭାବରେ ଏହି ବର୍ଷା ହେବ ବର୍ଷାକୁ ଦୃଷ୍ଟିରେ ରଖି ସରକାର ସହରାଞ୍ଚଳରେ ବନ୍ୟା ମୁକାବିଲା ପାଇଁ ବଡ଼ ଆକ୍ସନ ପ୍ଲାନ କରିଛନ୍ତି ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ଥିବାରୁ ନଗରଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

ସମସ୍ତ ଡ୍ରେନ ଏବଂ ମ୍ୟାନ୍‌ହୋଲର ଯାଞ୍ଚ କରିବାକୁ ସମସ୍ତ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି ବାତ୍ୟା, ବନ୍ୟା ଦ୍ୱାରା ପ୍ରଭାବିତ ହେଲେ ୭୨ ଘଣ୍ଟା ମଧ୍ୟରେ ରାସ୍ତା ମରାମତି କରିବାକୁ ଆକ୍ସନ ପ୍ଲାନ କରାଯାଇଛି। ବନ୍ୟା ପ୍ଲାବିତ ତଳିଆ। ଅଞ୍ଚଳ ଚିହ୍ନଟ ସହ ଆଗୁଆ ପମ୍ପସେଟ ମହଜୁଦ ରଖିବାକୁ ଅଧିକାରୀଙ୍କୁ କୁହାଯାଇଛି। ଏପରିକି ସ୍କୁଲ, କଲେଜକୁ ଆଶ୍ରୟ ସ୍ଥଳ ଭାବେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ସୂଚନା ପାଇଁ କଣ୍ଟ୍ରୋଲ ରୁମ ଖୋଲିବାକୁ କୁହାଯାଇଛି। ଆଗାମୀ ୨୪ ଘଣ୍ଟାରେ ପ୍ରବଳ ବର୍ଷା ନେଇ ୮ ଜିଲାକୁ ୟେଲୋ ୱାର୍ଣ୍ଣିଂ ରହିଛି। ମାଲକାନଗିରି, କୋରାପୁଟ,ରାୟଗଡ଼ା, ଗଜପତି, ଗଞ୍ଜାମ , କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ ରୁ ୪୦ କିମି ବେଗରେ ବହିବ ଝଟକା ପବନ ମୋଟ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି କେନ୍ଦ୍ର। ଆସନ୍ତାକାଲି ୧୨ ଜିଲ୍ଲାକୁ ବିଜୁଳି ଘଡଘଡି ସହ ବର୍ଷାର ସମ୍ଭାବନା ଥିବା ବେଳେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କେନ୍ଦୁଝର ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବର୍ଷା ।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆରବ ସାଗରରେ ଏକ ନିମ୍ନ ଚାପ କ୍ଷେତ୍ର ତୀବ୍ରତର ହୋଇ ବାତ୍ୟାରେ ପରିଣତ ହେବାର ସମ୍ଭାବନା ଥିବା ସୂଚନା ଦେଇଛି। ଏହି ଝଡ଼ ମୁମ୍ବାଇ ଓ କୋଙ୍କଣ ଅଞ୍ଚଳରେ ପ୍ରଭାବ ପକାଇବାର ଆଶଙ୍କା ରହିଛି। ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବା ବେଳେ କୋଙ୍କଣ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି, ଯାହା ଅଧିକ ବର୍ଷା ଓ ଝଡବର୍ଷା ବ୍ୟାପର ସଙ୍କେତ ଦେଉଛି।

ଆଇଏମଡି ଅନୁଯାୟୀ, ଉତ୍ତର କର୍ଣ୍ଣାଟକ-ଗୋଆ। ଉପକୂଳର ପୂର୍ବ-ମଧ୍ୟ ଆରବ ସାଗରରେ ଏକ ସାଇକ୍ଲୋନିକ ସର୍କୁଲେସନ ସୃଷ୍ଟି ହୋଇଛି ଏହା ଆଗାମୀ ୧୨ ଘଣ୍ଟା ମଧ୍ୟରେ ନିମ୍ନ ଚାପ କ୍ଷେତ୍ରରେ ପରିଣତ ହେବା ଓ ୩୬ ଘଣ୍ଟା ମଧ୍ୟରେ ଏକ ଡିପ୍ରେଶନ ରୂପାନ୍ତରିତ ହେବାର ସମ୍ଭାବନା ରହିଛି ଏହା ପରେ ଏହା ସାଇକ୍ଲୋନିକ ଝଡ଼ରେ ପରିଣତ ହୋଇପାରେ ଏହି ଝଡ଼ ଗୋଆ।, କୋଙ୍କଣ, କର୍ଣ୍ଣାଟକ ଓ କେରଳରେ ଅଧିକ ରୁ ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୫୦-୬୦ କିଲୋମିଟର ବେଗରେ ପବନ ଆଣିପାରେ ଗୋଆ। ପାଇଁ ମେ ୨୫ ପର୍ଯ୍ୟନ୍ତ ରେଡ ଆଲର୍ଟ ଜାରି ହୋଇଥିବା ବେଳେ ମୁମ୍ବାଇରେ ମେ ୨୩ ଓ ୨୪ ତାରିଖରେ ଅରେଞ୍ଜ ଆଲର୍ଟ ରହିଛି।

# କମାକ୍ଷାନଗରରେ ୧୩୪ କୋଟିର ପ୍ରକଳ୍ପ ଶୁଭାରମ୍ଭ ଓ ଲୋକାର୍ପଣ

କାମାକ୍ଷାନଗର/ଭୁବନେଶ୍ୱର, ୨୩।୫(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ପ୍ରାୟ ୧୩୩ କୋଟି ୬୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆଜି ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଢେଙ୍କାନାଳ ଜିଲ୍ଲାକୁ ବିକଶିତ କରିବା ଦିଗରେ ବିଶେଷ ସହାୟକ ହେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଆଜି ପ୍ରଥମେ କାମାକ୍ଷାନଗର ବାଇସିଙ୍ଗା ଠାରେ ଜାତୀୟ ରାଜପଥ – ୫୩ ନମ୍ବରର କାମାକ୍ଷାନଗର ବାଇପାସରୁ ଡୁବୁରି ସେକ୍ସନର ପ୍ରାୟ ୧୦ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଓଭର ବ୍ରିଜର ଲୋକାର୍ପଣ କରିଥିଲେ । ପରେ କାମାକ୍ଷାନଗର ମହିଳା କଲେଜ କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ, କାମାକ୍ଷାନଗରର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ଜନ୍ତରିବୋଲ ଠାରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ହେବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ । ଏହି ଅବସରରେ ଢେଙ୍କାନାଳର ବିକାଶ ପାଇଁ ଓଡ଼ିଶା ସରକାରଙ୍କର ପ୍ରାୟ ୯୩ କୋଟି ଟଙ୍କା ମୂଲ୍ୟର ୨୨ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପ୍ରାଚୀନ ଯୁଗରୁ ଆମର ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ । ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ବୈଷ୍ଣବ ଚରଣ ପଟ୍ଟନାୟକ, 'ଗଡଜାତ ଗାନ୍ଧୀ' ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ ଓ ମୃଷା ମଲିକଙ୍କ ସଂଗ୍ରାମୀ ଭୂମି ଭାବରେ ଜଣାଶୁଣା । ଏହି ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆବାସିକ ବିଦ୍ୟାଳୟ, ରାଜ୍ୟ ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ବିଭାଗର ଏକ ଶିକ୍ଷାନୁଷ୍ଠାନ ଥିବା ବେଳେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ୱପ୍ନ ମଧ୍ୟ ପୂରଣ ହୋଇଛି । କାମାକ୍ଷାନଗରର କେନ୍ଦ୍ରୀୟ




ବିଦ୍ୟାଳୟ ଆଗାମୀ ଦିନରେ ଆମର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ବୀରପୁତ୍ରମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇବା ସହ ସେମାନଙ୍କ ଆଦର୍ଶ ଓ ବିଚାରରେ ଆଗକୁ ବଢ଼ିବା ପାଇଁ ଅନୁପ୍ରାଣିତ କରିବ ।


କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସରେ ଚଳିତ ଶିକ୍ଷା ବର୍ଷ ଠାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଯିବ । ଓଡ଼ିଶା ସରକାର ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ୨୦୨୫ – ୨୬ ବର୍ଷ ପାଇଁ ୪୫,୦୦୦ରୁ ଅଧିକ ପ୍ରି- ପ୍ରାଇମେରୀ କ୍ଲାସକୁ ଶିଶୁ ବାଟିକାରେ ପରିବର୍ତ୍ତନ କରାଇଛନ୍ତି । କାମାକ୍ଷାନଗର କେନ୍ଦ୍ରୀୟ ବିଦ୍ୟାଳୟରେ ଶିଶୁବାଟିକାରେ ମଧ୍ୟ ଶିଶୁମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରାଯିବ ।

ପ୍ରାରମ୍ଭିକ ଶିକ୍ଷା ମାତୃଭାଷାରେ ହେଲେ ହିଁ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ହେବ । ମାତୃଭାଷାରେ ପିଲାମାନେ ପାଠ ପଢିଲେ ହିଁ ଶହୀଦ ବାଜି ରାଉତ, ସାରଙ୍ଗଧର ଦାସ, ପଠାଣି ସାମନ୍ତ ଏବଂ ଡ଼. ଏପିଜେ ଅବଦୁଲ କଲାମଙ୍କ ପରି ବ୍ୟକ୍ତିତ୍ୱମାନେ ତିଆରି ହେବେ । ଢେଙ୍କାନାଳରେ ଜାତୀୟ ରାଜପଥ, ଜଳପଥ, ରେଳପଥ ସମେତ ପର୍ଯ୍ୟଟନର ଅପାର ସମ୍ଭାବନା ଅଛି । ଅମାପ ସମ୍ଭାବନାର ଜିଲ୍ଲା ଢେଙ୍କାନାଳରେ ଥିବା ଏୟାର ଷ୍ଟ୍ରିପକୁ ବିକଶିତ କରି ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ପାଇଲଟ୍ ଶିକ୍ଷା ଦେବା ପାଇଁ ଯୋଜନା କରାଯିବ ।

ଆମ ଡବଲ ଇଞ୍ଜିନ ସରକାର ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ନେଇଛନ୍ତି । ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି । ଏହା ଦ୍ୱାରା ପିଲାମାନଙ୍କର ବୈଜ୍ଞାନିକ ମନୋଭାବ ବୃଦ୍ଧି ହେବ । ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବାଇସିଙ୍ଗା ଠାରେ ଲୋକାର୍ପିତ ଓଭର ବ୍ରିଜ୍ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣମାନେ ବିଶେଷ ଭାବରେ ଉପକୃତ ହେବେ । କାମାକ୍ଷାନଗର ସବଡିଭିଜନକୁ ଏକ ଶିକ୍ଷାଞ୍ଚଳରେ ପରିଣତ କରିବା ସହ ଢେଙ୍କାନାଳ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଆମେ ସାମୂହିକ ଦାୟିତ୍ୱ ନେବାକୁ ହେବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

ନୂଆପଡ଼ା, ୨୩।୫(ମହାଭାରତ): ଭିଜିଲାନ୍ସ ଜାଲରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳର ଆର୍ ଆଣ୍ଡ ବିର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ ଆୟବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର, ପିପିଲି ଓ ନୂଆପଡ଼ା ସମେତ ୮ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି ଭିଜିଲାନ୍ସ। ଚଢାଉବେଳେ ବିପୁଳ ସମ୍ପତ୍ତି ଠାବ କରାଯାଇଛି। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଭୁବନେଶ୍ୱରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୭ ଜଣ ଡିଏସଏସପି, ୩ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ପିପିଲି (ପୁରୀ), ଲିଙ୍ଗିପୁର, ଭୁବନେଶ୍ୱର ନିମ୍ନଲିଖିତ ୮ଟି ସ୍ଥାନରେ ଏକକାଳୀନ ଘର ଚଢ଼ଉ କରାଯାଉଛି। ଭୁବନେଶ୍ୱରର ଗଙ୍ଗୋତ୍ରୀ ନଗର, ଲିଙ୍ଗୀପୁରସ୍ଥିତ ପ୍ଲଟ ନମ୍ବର ୧୦ରେ ଥିବା ତିନି ମହଲା ବିଶିଷ୍ଟ ବିଲଡିଂ,



ଭୁବନେଶ୍ୱରର ଗଙ୍ଗୋତ୍ରୀ ନଗର, ଲିଙ୍ଗୀପୁରସ୍ଥିତ ପ୍ଲଟ ନମ୍ବର ୧୦/୩୧୯୨୦ରେ ନିର୍ମାଣାଧୀନ ଘର, ପୁରୀ ଜିଲ୍ଲାର ପିପିଲି, ବିଲିପଡ଼ାସ୍ଥିତ ପ୍ଲଟ ନମ୍ବର ୭୪୯ରେ ଥିବା ଫାର୍ମହାଉସ, ଭୁବନେଶ୍ୱରର ବ୍ରହ୍ମେଶ୍ୱରପାଟଣା, ବ୍ରିଟ କଲୋନୀରେ ଥିବା ତାଙ୍କ ଆତ୍ମୀୟଙ୍କ ଘର, ନୂଆପଡ଼ାସ୍ଥିତ ସେଠୀଙ୍କ ଅଫିସ ଚାମ୍ବର, ଆରଆଣ୍ଡବି ସବ-ଡିଭିଜନ ନୂଆପଡ଼ାସ୍ଥିତ ସେଠୀଙ୍କ ସରକାରୀ କ୍ୱାର୍ଟର, ଭୁବନେଶ୍ୱରର କେଦାର ଲେନରେ ପ୍ଲଟ ନମ୍ବର ୬୨୩/ବି ରେ ଥିବା ତାଙ୍କ ସହଯୋଗୀଙ୍କ ଘର ଓ ଭୁବନେଶ୍ୱରର ଓଲ୍ଡ ଟାଉନରେ ଗ୍ୟାରେଜ ଛକ, ପ୍ଲଟ ନମ୍ବର ୮୬୬ରେ ଥିବା ଅନ୍ୟ ଏକ ସହଯୋଗୀଙ୍କ ଘରେ ଚଢାଉ କରାଯାଇଛି।

ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଭୁବନେଶ୍ୱରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ।ରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱଦ୍ୱାରା ୭ ଜଣ ଡିଏସଏସପି, ୩ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ପିପିଲି (ପୁରୀ), ଲିଙ୍ଗିପୁର, ଭୁବନେଶ୍ୱରର ନିମ୍ନଲିଖିତ ୮ଟି ସ୍ଥାନରେ ଏକକାଳୀନ ଘର ଚଢ଼ଉ କରାଯାଉଛି।

## ପତ୍ରପୋଡ଼ା ଦେଶୀ କୁକୁଡ଼ା

**ଆବଶ୍ୟକ ସାମଗ୍ରୀ:** ଗୋଟା ଦେଶୀ କୁକୁଡ଼ା, ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପିଆଜ, ରସୁଣ ବଟା, ସୋରିଷ ବଟା, ଜୀରା ଧନିଆଁ, ଗୁଜୁରାତି, ଡାଲଚିନି ବଟା, ତେଲ ଓ ଶାଳପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପର ଓ ଚମଡ଼ା ଉତାରି ଗୋଟା ଦେଶୀ କୁକୁଡ଼ାରେ ଭଲଭାବେ ତେଲ ମାରିଦିଅନ୍ତୁ। ଏହା ପରେ ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପିଆଜ, ରସୁଣ ବଟା, ସୋରିଷ ବଟା, ଜୀରା ଧନିଆଁ, ଗୁଜୁରାତି, ଡାଲଚିନି ବଟା ଦେଇ ଭଲ ଭାବେ ଗୋଳାନ୍ତୁ। ମସଲା ଭଲ ଭାବେ ଗୋଳେଇ ହବା ପରେ ଏକ ଶାଳପତ୍ରରେ ମସଲା ଗୋଳା କୁକୁଡ଼ାକୁ ରଖି ପୁଣି ଏକ କଦଳୀପତ୍ରରେ ରଖି ତାକୁ କାଠି ଦ୍ୱାରା ବନ୍ଦ କରି ଦିଅନ୍ତୁ। ଏହାପରେ କଦଳୀପତ୍ର ଗୁଡ଼ା ଦେଶୀ କୁକୁଡ଼ାକୁ ନିଆଁ ଅଙ୍ଗାରରେ ରଖନ୍ତୁ। ପାଖାପାଖି ୪୦ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଦେଶୀ କୁକୁଡ଼ା ପତ୍ରପୋଡ଼ା।



### ପରଦା ଖବର

## ଜୀ ସାର୍ଥକରେ 'ସତ୍ୟବାନର ସ୍ୱର୍ଗଯାତ୍ରା'



କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜିତ ଓ ଅଜୟ ରଥଙ୍କ ନିର୍ଦ୍ଦେଶିତ ଟେଲି ସିନେମା 'ସତ୍ୟବାନର ସ୍ୱର୍ଗଯାତ୍ରା' ଆସନ୍ତାକାଲି (୨୫ ତାରିଖ) ଜୀ ସାର୍ଥକରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ନାୟକ ଭାବରେ ଶ୍ରୀଜିତ ଓ ନାୟିକା ଭାବରେ ଅନନ୍ୟା ନଜର ଆସିବେ।କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜିତ ଓ ଅଜୟ ରଥଙ୍କ ନିର୍ଦ୍ଦେଶିତ ଟେଲି ସିନେମା 'ସତ୍ୟବାନର ସ୍ୱର୍ଗଯାତ୍ରା' ଆସନ୍ତାକାଲି (୨୫ ତାରିଖ) ଜୀ ସାର୍ଥକରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ନାୟକ ଭାବରେ ଶ୍ରୀଜିତ ଓ ନାୟିକା ଭାବରେ ଅନନ୍ୟା ନଜର ଆସିବେ। ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ ଏହାର କାହାଣୀ ରଚନା କରିଥିବା ବେଳେ ପ୍ରଶାନ୍ତ ପାୀ ଏହାର ସଙ୍ଗୀତକାର। ଏହାର ସଂକ୍ଷିପ୍ତ କଥାବସ୍ତୁ ଏହିପରି। ସବିତା ଓ ସତ୍ୟବାନ ପାଞ୍ଚ□ ବର୍ଷ ଧରି ବିବାହିତ ହେଲେ ମଧ୍ୟ ଛୋଟ ଛୋଟ କଥା ପାଇଁ ଦୁହିଁଙ୍କ ଭିତରେ ସବୁବେଳେ ଝଗଡ଼ା ଲାଗିରହେ। ଥରେ ସବିତା ଏକ ଟେଲିଭିଜନ ଚ୍ୟନେଲର ରିଆଲିଟି ସୋ' 'ସାବିତ୍ରୀ ନମ୍ବର-୧' ପ୍ରତିଯୋଗିତାରେ ଭାଗ ନିଏ ଓ ଜିତିବାରେ ସାହାଯ୍ୟ କରିବାକୁ ସତ୍ୟବାନକୁ ଅନୁରୋଧ କରେ।ପ୍ରତିଯୋଗିତାର ଆବଶ୍ୟକ ଜିନିଷ କିଣିବା ପାଇଁ ଏକ ଲମ୍ବା ତାଲିକା ବି ଧରାଇଦିଏ। ଏପଟେ ସତ୍ୟବାନ ଏଇ ସବୁ କାମ କରିବା ଭିତରେ ହତାଶ ଅନୁଭବ କରେ ଏବଂ ସେ ଭାବେ ସାବିତ୍ରୀଙ୍କ ସତ୍ୟବାନ ପରି ବଞ୍ଚିବା ଅପେକ୍ଷା ମରିବାଯିବାଟା ଭଲ। ଠିକ୍ ସେହି ସମୟରେ ସେଇ ବାଟ ଦେଇ ଯାଉଥିବା ଯମଦୂତମାନେ, ସତ୍ୟବାନଙ୍କ ଆତ୍ମାକୁ ଯମପୁରୀକୁ ନେଇଯାଆନ୍ତି ଓ ପ୍ରକୃତ କାହାଣୀ ସେତେବେଳେ ଆରମ୍ଭ ହୁଏ। ସତ୍ୟବାନ କ'ଣ ଫେରିପାରେ ମର୍ତ୍ତ୍ୟକୁ? ସବିତା କ'ଣ ପ୍ରକୃତ ଜୀବନର ସାବିତ୍ରୀ ହୋଇପାରେ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଶେଷରେ।

## ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା



ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ତେବେ ସତ୍ୟନାରାୟଣ ବ୍ରତ ମାଧମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଧ ପୁରାଣରେ ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି । ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ ।
ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।

## ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ



ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।

● ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।

● ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋଟୁ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

## ଗୋସେବା ଦ୍ୱାରା ପୁଣ୍ୟ ଲାଭ କଲେ ରାଜା ଦିଲୀପ

ସୂର୍ଯ୍ୟ ତଥା ଇକ୍ଷାକୁ ବଂଶରେ ଦିଲୀପ ନାମରେ ଜଣେ ରାଜା ଥିଲେ । ସେ ଅତ୍ୟନ୍ତ ପ୍ରଜାନୁରଞ୍ଜକ, ଧର୍ମପରାୟଣ ଏବଂ ଉଦାର ରାଜା ଥିଲେ। ଯୁଦ୍ଧ କ୍ଷେତ୍ରରେ ତାଙ୍କ ପରାକ୍ରମ ଅସୀମ ଥିଲା। କିନ୍ତୁ ତାଙ୍କ ହୃଦୟରେ କରୁଣା ପୂରି ରହିଥିଲା। ସର୍ବଦା ସେ ଧର୍ମ ଆଚରଣ କରୁଥିଲେ। ଦିଲୀପଙ୍କ ଅନ୍ୟ ନାମ ଥିଲା ଖଟ୍ୱାଙ୍ଗ। ରାଜା ଦିଲୀପ ଏକଦା ଦେବତାମାନଙ୍କ ପକ୍ଷରୁ ଯୁଦ୍ଧ କରିବା ଲାଗି ସ୍ୱର୍ଗପୁରୀକୁ ଯାଇଥିଲେ। ସେଠାରେ ସେ ଗୋମାତା କାମଧେନୁଙ୍କୁ ଭୁଲବଶତଃ ଦେଖିନପାରି ଚାଲିଗଲେ। କାମଧେନୁ ଭାବିଲେ ରାଜା ଦିଲୀପ ତାଙ୍କୁ ଅପମାନିତ କରିଛନ୍ତି, ତେଣୁ ସନ୍ତାନହୀନ ହୋଇଯିବାକୁ ସେ ରାଜାଙ୍କୁ ଅଭିଶାପ ଦେଲେ। ରାଜା ଚିନ୍ତିତ ହୋଇ ଗୋମାତା କାମଧେନୁଙ୍କୁ କ୍ଷମା ପ୍ରାର୍ଥନା କଲେ । କାମଧେନୁ କହିଲେ, ମୋର କନ୍ୟା ନନ୍ଦିନୀ ବ୍ରହ୍ମର୍ଷି ବଶିଷ୍ଠଙ୍କ ଆଶ୍ରମରେ ଅଛନ୍ତି, ତୁମେ ତାଙ୍କର ସେବା କରିବା ଦ୍ୱାରା ଶାପମୁକ୍ତ ହୋଇପାରିବ। ସୂର୍ଯ୍ୟବଂଶର କୁଳଗୁରୁ ଥିଲେ ବଶିଷ୍ଠ। ତେଣୁ ତାଙ୍କ ଠାରୁ ଆଜ୍ଞା ଲାଭ କରି ରାଜା ଦିଲୀପ ଆସି ନନ୍ଦିନୀ ଗୋମାତାଙ୍କ ସେବା କଲେ। ଦିଲୀପଙ୍କ ପତ୍ନୀ ସୁଦକ୍ଷୀଣା ମଧ୍ୟ ତାଙ୍କୁ ସହାୟତା କଲେ। ରାଜା-ରାଣୀ ଦୁହେଁ ଆଶ୍ରମରେ ରହିଲେ ଏବଂ ପ୍ରତିଦିନ ଗୋ ମାତାଙ୍କୁ ସେବା କଲେ। ରାଜା ଗୋମାତା ନନ୍ଦିନୀଙ୍କୁ ଜଙ୍ଗଲକୁ ଚରାଇବାକୁ ନେଉଥିଲେ। ସନ୍ଧ୍ୟାରେ ଆଶ୍ରମକୁ ଫେରାଇ ଆଣି ଗୁରୁଙ୍କ ଆଜ୍ଞାକ୍ରମେ କ୍ଷୀର ଦୁହୁଁଥିଲେ। ଏପରିକି ନନ୍ଦିନୀ ଯେଉଁ ସ୍ଥାନରେ ଶୋଉଥିଲେ, ସେଠାରେ ହିଁ ରାଜା ନିଜର ବିଛଣା ପାରି ବିଶ୍ରାମ ନେଉଥିଲେ। ଏମିତି ୨୧ ଦିନ ପର୍ଯ୍ୟନ୍ତ ରାଜା ଦିଲୀପ ଗୋସେବା ଜାରି ରଖିଲେ।

୨୨ତମ ଦିନ ରାଜା ଗୋମାତା ନନ୍ଦିନୀଙ୍କୁ ନେଇ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଏହି ସମୟରେ କୁଆଡୁ ଏକ ସିଂହ ଆସି ନନ୍ଦିନୀ ଗୋମାତାଙ୍କ ଉପରକୁ ଝପଟି ପଡ଼ିଲା। ରାଜା ଧନୁ-ଶର ଉଠାଇ ସେହି ସିଂହକୁ ମାରିବାକୁ ଉଦ୍ୟତ ହେଲେ। ମାତ୍ର ଆଶ୍ଚର୍ଯ୍ୟର କଥା ତାଙ୍କ ହାତ ଧନୁରେ ସେମିତି ସ୍ଥିର ହୋଇଗଲା। ଆଉ ଆଗକୁ ବଢ଼ିଲା ନାହିଁ। ରାଜା କ'ଣ କରିବେ କିଛି ବୁଝିପାରିଲେ ନାହିଁ। ଏହି ସମୟରେ ସେହି ସିଂହ ମଣିଷଙ୍କ ଭଳି କଥା କହୁଥିବା ରାଜା ଶୁଣିପାରିଲେ। ସିଂହ କହୁଥିଲା ଯେ "ରାଜନ! ତୁମର ଅସ୍ତ୍ର ମୋର କୌଣସି କ୍ଷତି କରିପାରିବ ନାହିଁ। କାରଣ ମୁଁ ହେଉଛି ଭଗବାନ ଶଙ୍କରଙ୍କ ସେବକ କୁମ୍ଭୋଦର। ଏହି ବୃକ୍ଷଗୁଡ଼ିକର ସେବା ଲାଗି ଭଗବାନ ଶିବ ମୋତେ ନିଯୁକ୍ତ କରିଛନ୍ତି। ତୁମର ଶର ମୋତେ ମାରିପାରିବ ନାହିଁ। ଯେଉଁ ଜୀବ ଏହି ବୃକ୍ଷଗୁଡ଼ିକ ନିକଟକୁ ଆସିବ ସେ ମୋର ଆହାର ହେବ। ଆଜି ଏ ଗାଈ ମୋର



ଆହାର ହେବ, ତେଣୁ ତୁମେ ଫେରିଯାଅ। ରାଜା କହିଲେ, ହେ ସିଂହରାଜ! ଯେପରି ଭଗବାନ ଶଙ୍କରଙ୍କ ଏହି ବୃକ୍ଷର ସୁରକ୍ଷା ଦାୟିତ୍ୱ ଆପଣଙ୍କର, ସେହିପରି ଗୁରୁଦେବଙ୍କ ଗାଈର ରକ୍ଷା କରିବା ମୋର ମଧ୍ୟ କର୍ତ୍ତବ୍ୟ। ଆପଣଙ୍କୁ ଆହାର ଦରକାର, ତେଣୁ ମୁଁ ନିଜ ଶରୀର ଆପଣଙ୍କୁ ସମର୍ପି ଦେଉଛି। ଆପଣ ମୋତେ ଖାଇ ନିଜ କ୍ଷୁଧା ଶାନ୍ତ କରନ୍ତୁ। ଗୋମତା ନନ୍ଦିନୀଙ୍କୁ ଛାଡ଼ିଦିଅନ୍ତୁ। କାରଣ ଏହାଙ୍କ ଛୋଟ ବାଛୁରୀ ତାଙ୍କୁ ଅପେକ୍ଷା କରିଛି।ସିଂହ ରାଜାଙ୍କୁ ବୁଝାଇବାକୁ ଅନେକ ଚେଷ୍ଟା କଲା, ମାତ୍ର ରାଜା କିଛି ଶୁଣିଲେ ନାହିଁ। ସେ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସିଂହ ସମ୍ମୁଖରେ ଆଖି ବନ୍ଦ କରି ବସିରହିଲେ। ରାଜା ମୃତ୍ୟୁକୁ ଅପେକ୍ଷା କରିଥିଲ, କିନ୍ତୁ ତାଙ୍କୁ ନନ୍ଦିନୀଙ୍କ ଅମୃତବାଣୀ ଶୁଣିବାକୁ ମିଳିଲା- ବତ୍ସ! ଉଠ, ତୁମ ପରୀକ୍ଷା ପୂରଣ ହୋଇସାରିଛି। ମୁଁ ତୁମ ଉପରେ ଅତ୍ୟନ୍ତ ପ୍ରସନ୍ନ, ଯାହାକିଛି ବରଦାନ ଚାହୁଁଛ, ମାଗିପାର। ରାଜା ଆଖି ଖୋଲିବାରୁ ଆଗରେ ଗୋମାତା ନନ୍ଦିନୀଙ୍କୁ ଦେଖିପାରିଲେ। ସିଂହ ସେଠାରେ ନଥିଲା। ରାଜା ନିଜ ବଂଶ ଆଗକୁ ବଢ଼ାଇବା ଲାଗି ପୁତ୍ର ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କଲେ। ଗୋମାତା ନନ୍ଦିନୀ କହିଲେ, ତୁମେ ମୋର କ୍ଷୀର ଦୁହିଁ ପିଇଦିଅ। ତା'ପରେ ତୁମେ ପୁତ୍ରଲାଭ କରିବ।ରାଜା କହିଲେ, ମାତା! ଆପଣଙ୍କ କ୍ଷୀରର ପ୍ରଥମ ଅଧିକାର ଆପଣଙ୍କ ବାଛୁରୀର। ଏହାପରେ ଗୁରୁଦେବ ବଶିଷ୍ଠ ତାହା ପ୍ରାପ୍ତ କରିପାରିବେ। ତା'ପୂର୍ବରୁ କିମ୍ବା ଗୁରୁଦେବଙ୍କ ଅନୁମତି ବିନା ମୁଁ ଆପଣଙ୍କ କ୍ଷୀର ପିଇପାରିବି ନାହିଁ। ଆପଣ ମୋତେ କ୍ଷମା କରନ୍ତୁ।ଗୋମାତା ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ- ତଥାସ୍ତୁ!

ସନ୍ଧ୍ୟାକାଳରେ ଆଶ୍ରମକୁ ଫେରି ରାଜା ଗୁରୁଦେବ ବଶିଷ୍ଠଙ୍କୁ ସବୁକଥା ଶୁଣାଇଲେ। ଗୁରୁଦେବ ଗୋଦହନ ପରେ ନିଜ ହାତରେ ରାଜା ଏବଂ ରାଣୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ କ୍ଷୀର ପିଇବାକୁ ଦେଲେ। ଗୌସେବା ଏବଂ ଦୁଗ୍ଧପାନ କରିବା ପରେ ରାଜା ଏବଂ ରାଣୀ ରାଜଭବନକୁ ଫେରିଆସିଲେ। କିଛିଦିନ ପରେ ରାଣୀ ଗର୍ଭବତୀ ହେଲେ। ତାଙ୍କର ଜଣେ ପୁତ୍ର ଜାତ ହେଲା। ଯାହାଙ୍କ ନାଁ ରଖାଗଲା- ରଘୁ- ଅର୍ଥାତ୍ ଯିଏ ଶାସ୍ତ୍ରଜ୍ଞାତା ଏବଂ ଯୁଦ୍ଧକ୍ଷେତ୍ରରେ ଯାହାଙ୍କ ସମ୍ମୁଖରେ ଶତ୍ରୁମାନେ ଛିଡ଼ା ହେବାକୁ ମଧ୍ୟ ଭୟ କରିଥା'ନ୍ତି। ସୂର୍ଯ୍ୟବଂଶର ଅତ୍ୟନ୍ତ ପ୍ରଭାବଶାଳୀ ରାଜା ଥିଲେ ରଘୁ। ଥରେ ରାଜା ଦିଲୀପ ୧୦୦ ଅଶ୍ୱମେଧ ଯଜ୍ଞ କରିବାକୁ ବାହାରିଲେ। ମାତ୍ର ଯଜ୍ଞ ଆୟୋଜନ ସମୟରେ ଦେବରାଜ ଇନ୍ଦ୍ର ନାନା ବାଧାବିଘ୍ନ ଉତ୍ପନ୍ନ କରିବା ଲାଗି ପ୍ରୟାସ କଲେ। କାରଣ ଇନ୍ଦ୍ର ଭୟ କରୁଥିଲେ ଯେ ୧୦୦ ଯଜ୍ଞ କରିସାରିବା ପରେ ରାଜା ଦିଲୀପ ତାଙ୍କ ସିଂହାସନକୁ ଦଖଲ କରିନେବେ। ହେଲେ ରଘୁ ବୀରତ୍ୱର ସହିତ ସବୁ ବାଧାବିଘ୍ନକୁ ଦୂର କରିବାରେ ସଫଳ ହେଲେ। ରାଜା ଦିଲୀପଙ୍କ ଯଜ୍ଞ ସଫଳ ହେଲା। ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ନିଜ ପୁତ୍ରଙ୍କୁ ରାଜସିଂହାସନ ଅର୍ପଣ କରି ତପସ୍ୟା କରିବା ଲାଗି ଜଙ୍ଗଲକୁ ଚାଲିଯାଇଥିଲେ ।

## ବିଭିନ୍ନ ସମସ୍ୟାର ମୁକ୍ତି ପାଇଁ ବ୍ୟବହାର କରନ୍ତୁ 'ବେବି ପାଉଡର'

**ଘରେ ଛୋଟ ପିଲାଙ୍କ ପାଇଁ ସାଧାରଣତଃ ବେବି ପାଉଡର ପ୍ରାୟ ସମସ୍ତେ ବ୍ୟବହାର କରିଥାନ୍ତି । ଶିଶୁଙ୍କ ସ୍କିନ ଖୁବ୍ କୋମଳ ଥିବାରୁ ଇଆଡୁ ସିଆଡୁ ପାଉଡର ବଦଳରେ 'ବେବି ପାଉଡର' ବ୍ୟବହାର ପାଇଁ**



ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି । ତେବେ 'ବେବି ପାଉଡର'କୁ କେବଳ ଶିଶୁଙ୍କ ପାଇଁ ନୁହେଁ, ବୟସ୍କମାନେ ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇଁ ନିଜେ ବ୍ରବହାର ମଧ୍ୟ କରିପାରିବେ । ଏବେ ଆସନ୍ତୁ ଜାଣିବା, ବୟସ୍କମାନେ ଅନ୍ୟ କେଉଁ ସବୁ କାମ ପାଇଁ 'ବେବି ପାଉଡର' ବ୍ୟବହାର କରିପାରିବେ ।

◆ ଯଦି ଆପଣଙ୍କ କେଶ ଅଧିକ ତେଲିଆ ଲାଗି ଚିପ୍‌ଚିପ୍ କରୁଛି ଓ ଏହାକୁ ଶାମ୍ପୁ କରିବା ପାଇଁ ଆପଣଙ୍କ ସମୟ ନାହିଁ,ତେବେ କେଶରେ କିଛି ବେବି ପାଉଡର ଛିଞ୍ଚି ଦିଅନ୍ତୁ କିମ୍ବା ପାନିଆରେ କିଛି ବେବି ପାଉଡର ଲଗାଇ ମୁଣ୍ଡ କୁଣ୍ଡାଇ ଦିଅନ୍ତୁ । ଏଡାଦ୍ୱାରା ଚିପ୍‌ଚିପ୍ ଦୂର ହୋଇଯିବ ।

◆ ଆଖି କଜଳ କିମ୍ବା ପିତାରେ ମସ୍କରା ଲଗାଇ ସାରିବା ପରେ ତା'ର ଆଖପାଖ ଅଂଶରେ କିଛି ବେବି ପାଉଡର ମାଲିସ୍ କରି ଦିଅନ୍ତୁ। ଏଭଳି କଲେ,ମସ୍କରା ଆଉ ଆଖିସାରା ବୋଳି ହୋଇଯିବାର ଆଶଙ୍କା ରହିବ ନାହିଁ ।

◆ ଆପଣ ଯଦି ଓଠକୁ 'ମ୍ୟାଟ ଲୁକ୍' ଦେବାକୁ ଚାହୁଁଛନ୍ତି, କିନ୍ତୁ ଆପଣଙ୍କ ପାଖରେ ମ୍ୟାଟ ବଦଳରେ କେବଳ ଗ୍ଲସି ଲିପଷ୍ଟିକ ଅଛି,ତେବେ ବି ଚିନ୍ତା କରନ୍ତୁ ନାହିଁ। ଓଠରେ ଗ୍ଲସି ଲିପଷ୍ଟିକ୍ ଲଗାଇବା ପରେ ଏହା ଉପରେ ଟିକେ ବେବି ପାଉଡର ଥାପି ଥାପି ଲଗାନ୍ତୁ । ଏହାପରେ ଏକ ଟିସୁ ପେପରକୁ ଦୁଇ ଓଠ ମଝିରେ ରଖି ଚାପି ଦିଅନ୍ତୁ, ଦେଖିବେ ଆପଣଙ୍କ ଓଠକୁ 'ମ୍ୟାଟ ଲୁକ୍' ମିଳିଯିବ ।

◆ ଖରାଦିନେ ଅନେକଙ୍କ ପାଦରୁ ଝାଳ ବାହାରି ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଆପଣଙ୍କ କ୍ଷେତ୍ରରେ ଯଦି ଏମିତି କିଛି ହେଉଛି, ତେବେ କିଛି ବେବି ପାଉଡର ଜୋତା ଭିତରେ ଛିଞ୍ଚି ଦିଅନ୍ତୁ। କିଛି ସମୟ ପରେ ଆପଣଙ୍କ ଜୋତାରୁ ଦୁର୍ଗନ୍ଧ ବାହାରିବା ବନ୍ଦ ହୋଇଯିବ ।

◆ ଅନେକ ସମୟରେ ଅସାବଧାନତା ଯୋଗୁ ଆପଣଙ୍କ ମନପସନ୍ଦର ଡ୍ରେସ ବା ଅନ୍ୟ କପଡାରେ ପଡି ଦାଗ ହୋଇଯାଇଥାଏ । ଏହା ଦେଖିବାକୁ ଖରାପ ଲାଗିବା ସହ ଏଥିରୁ ତେଲିଆ ଗନ୍ଧ ମଧ୍ୟ ଆସିଥାଏ । କିଛି ବେବି ପାଉଡର ନେଇ ତେଲ ପଡିଥିବା ସ୍ଥାନରେ ଲଗାଇ ଘସି ଦିଅନ୍ତୁ । ଏହାପରେ କପଡାକୁ ସଫା କରି ଦିଅନ୍ତୁ,ଦେଖିବା ତେଲ ଦାଗ ସମ୍ପୂର୍ଣ୍ଣ ଚାଲିଯିବ ।

# ୨୦୩୫ ସୁଦ୍ଧା ସ୍ଥାପନ ହେବ ଭାରତର ମଡ୍ୟୁଲାର ଅନ୍ତରୀକ୍ଷ କେନ୍ଦ୍ର : ଇସ୍ରୋ ଅଧ୍ୟକ୍ଷ

**ଭୁବନେଶ୍ୱର, ୨୩।୫(ମହାଭାରତ) :** ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଅର୍ଥାତ୍ ଇସ୍ରୋ ମହାକାଶରେ ୨୦୩୫ ସୁଦ୍ଧା ଏକ ମଡ୍ୟୁଲାର ମହାକାଶ କେନ୍ଦ୍ର - 'ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ୍'' ସ୍ଥାପନ କରିବାର ଯୋଜନା ରଖିଛି ବୋଲି ବୁଧବାର ଇସ୍ରୋର ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ୍ କହିଛନ୍ତି।

ବିଏଏସ୍‌ର ସ୍ଥାପନା ମହାକାଶ ଗବେଷଣା ଏବଂ ତତ୍‌ସମ୍ପର୍କିତ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଫ୍ୟାକଲ୍ଟିମାନଙ୍କ ସହିତ ଆଲୋଚନା ପରିପ୍ରେକ୍ଷୀରେ ଏହି ସୂଚନା ଦେଇଛନ୍ତି ଇସ୍ରୋର ଅଧ୍ୟକ୍ଷ।

ଭାରତର ପ୍ରଥମ ମାନବ ମହାକାଶ ମିଶନ, 'ଗଗନାୟନ' ୨୦୨୭ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରୀ ହେବା ନିମନ୍ତେ ପ୍ରଚେଷ୍ଟା ଚାଲିଥିବା ବେଳେ ଏଥି ନିମନ୍ତେ ୪ ଜଣ ଟେଷ୍ଟ ପାଇଲଟଙ୍କୁ ମହାକାଶଚାରୀ ଭାବେ ପ୍ରଶିକ୍ଷଣ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ମନୁଷ୍ୟ ନ ଥାଇ ଏହି ପରୀକ୍ଷା କରାଯିବ। ସେହିପରି ୨୦୪୭ ସୁଦ୍ଧା ଭାରତ ବିଶ୍ୱରେ ଏକ ମହାକାଶ ଶକ୍ତି ଭାବେ ନିଜକୁ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ ଋଷିଆ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍ ହିଁ ମହାକାଶକୁ ମାନବ ପଠାଇବାରେ ସଫଳ ହୋଇପାରିଛନ୍ତି ବୋଲି ସେ କହିଥିଲେ।



ଜଣେ ରକେଟ ବିଶେଷଜ୍ଞଭାବେ ପରିଚିତ ଡକ୍ଟର ନାରାୟଣନ କହିଥିଲେ ଯେ ଯଦିଓ ଭାରତର ମହାକାଶ ଅଭିଯାନ ୧୯୬୨ରେ ଆରମ୍ଭ ହୋଇଥିଲା ଏହି ଯାତ୍ରା ଖୁବ୍ ଲମ୍ବା ଥିଲା। ଦେଶ ଏବେ ଜଣେ ଭାରତୀୟଙ୍କୁ ନିରାପଦ ଭାବେ ଚନ୍ଦ୍ରକୁ ପଠାଇ ପୁଣି ସଫଳତାର ସହ ଫେରାଇ ଆଣିବା ନିମନ୍ତେ ଲକ୍ଷ୍ୟ ରଖିଛି।

ସେ କହିଥିଲେ ୧୯୬୯ ମସିହାରେ ଯେତେବେଳେ ଇସ୍ରୋ ପ୍ରତିଷ୍ଠା ହୋଇଥିଲା ସେତେବେଳକୁ ଯୁକ୍ତରାଷ୍ଟ୍ର ଆମେରିକା ସଫଳତାର ସହ ନିଲ ଆର୍ମଷ୍ଟ୍ରଙ୍ଗଙ୍କୁ ଚନ୍ଦ୍ରକୁ ପଠାଇସାରିଥିଲା। ତେବେ ବିଳମ୍ବରେ ଆରମ୍ଭ ହେବା ସତ୍ତ୍ୱେ ଇସ୍ରୋ ଖୁବ୍ ଦୃଷ୍ଟାନ୍ତମୂଳକ ବିକାଶ କରିପାରିଛି। ୧୯୮୦ ମସିହାରେ ପ୍ରଥମ ଥର ପାଇଁ ଭାରତ ମହାକାଶକୁ ୩୫ କେଜିର ସାଟେଲାଇଟ୍ ପଠାଇବାରେ ସଫଳ ହୋଇପାରିଥିଲା।

ପରବର୍ତ୍ତୀ ସମୟରେ ଭାରତ ୬ଟି ପିଢ଼ିର ଲଂଚ ଭେହିକଲ ନିର୍ମାଣ କରିବାକୁ ସକ୍ଷମ ହୋଇଛି। ମାତ୍ର ୨୭ ଦିନ ମଧ୍ୟରେ ଏକ ୪୦ ମହଲା ଉଚ୍ଚର ରକେଟ ପ୍ରସ୍ତୁତ କରିବା ଭାରତ ନିମନ୍ତେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେ କହିଥିଲେ।

ଡ. ନାରାୟଣନ୍ କହିଥିଲେ ଯେ ଏପରି ଏକ ସମୟ ଥିଲା ଯେତେବେଳେ କ୍ରାୟୋଜେନିକ ଇଞ୍ଜିନ୍ ର ଜ୍ଞାନକୌଶଳ ନିମନ୍ତେ ଭାରତ ଅନ୍ୟ ଦେଶମାନଙ୍କର ସାହାଯ୍ୟ ଲୋଡ଼ି ଅପଦସ୍ତ ଓ ଅପମାନିତ ହୋଇଥିଲା। ମାତ୍ର ଦେଶ ଏହା ଏବେ ନିଜେ ନିର୍ମାଣ କରିବାକୁ ସକ୍ଷମ ଅଟେ। ଏ ପର୍ଯ୍ୟନ୍ତ ଭାରତ ୩ଟି କ୍ରାୟୋଜେନିକ ଇଞ୍ଜିନ୍ ପ୍ରସ୍ତୁତ କରିସାରିଥିବା ବେଳେ ସେଥିରୁ ୨ଟି ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ବୋଲି ସେ କହିଥିଲେ।

ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରାୟାନ୍-୩କୁ ଅବତରଣ କରାଇପାରିବା ସହ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇପାରିଥିବା ଏକ ବିରାଟ ସଫଳତା ବୋଲି ପ୍ରକାଶ କରି ସେ ଭାରତ ଗୋଟିଏ ମିଶନ୍‌ରେ ମହାକାଶରେ ୧୦୦ରୁ ଅଧିକ ସାଟେଲାଇଟ୍ ସ୍ଥାପନ କରି ବିଶ୍ୱ ରେକର୍ଡ କରିଥିବା କହିଥିଲେ।

ଭାରତ ହେଉଛି ଏକ ମାତ୍ର ଦେଶ ଯିଏକି ପ୍ରଥମ ପ୍ରୟାସରେ ହିଁ ମଙ୍ଗଳ ଗ୍ରହର ଅରବିଟରେ ପହଂଚିବାରେ ସକ୍ଷମ ହୋଇପାରିଛି ବୋଲି ସେ କହିଥିଲେ। ଡକ୍ଟର ନାରାୟଣନ୍ କହିଥିଲେ ଯେ ଚନ୍ଦ୍ରାୟାନ -୪ ଏକ ଜଟିଳ ମିଶନ ଭାବେ ଉଭା ହୋଇପାରେ। କାରଣ ଏହି ମିଶନ ଜରିଆରେ ଚନ୍ଦ୍ରରେ ଥିବା ପଦାର୍ଥକୁ ଆଣିବାର ଯୋଜନା ରଖାଯାଇଛି। ସେହିପରି ଭାରତ ଜାପାନ୍‌ର ସହଭାଗିତାରେ ଚନ୍ଦ୍ରାୟାନ-୫ ଲଂଚ୍ କରିବାର ଯୋଜନା ରଖିଥିବା ସେ କହିଛନ୍ତି।

ସୋଆରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର ଅନ୍ତରାଷ୍ଟ୍ରୀୟ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଆଇଆଇଟି ଖଡ଼୍‌ଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଡକ୍ଟର ନାରାୟଣନ୍‌ଙ୍କୁ ସ୍ୱାଗତ କରିଥିବା ବେଳେ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମୁନା ଦାସ ଏବଂ ବିଭିନ୍ନ ଅନୁଷ୍ଠାନର ଡିନ୍ ମାନେ ଉପସ୍ଥିତ ଥିଲେ। ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେୟରଙ୍କ ବାଂଲାଦେଶୀ ମନ୍ତବ୍ୟକୁ ନେଇ ପ୍ରତିବାଦ କଲା ଆଞ୍ଚଳିକ ସୁରକ୍ଷା ମଞ୍ଚ

ଭୁବନେଶ୍ୱର, ୨୩।୫(ମହାଭାରତ): ରାଜ୍ୟରେ ଓ ଦେଶରେ ପଡୋଶୀ ବଂଲାଦେଶୀମାନଙ୍କ ଅନୁପ୍ରବେଶ ଓ ବେଆଇନ ଭାବେ ବସବାସ କରିବା ଦେଶର ଓ ରାଜ୍ୟର ବାହ୍ୟ ଓ ଆଭ୍ୟନ୍ତରିଣ ସୁରକ୍ଷା ପାଇଁ ଘୋର ବିପଦ ସୃଷ୍ଟି କରଛି। ଯେଉଁଥି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ ବିତାଡିତ କରିବା ପାଇଁ ଯୋଜନା ଓ ଆଇନ ପ୍ରସ୍ତୁତ କରୁଥିବା ସମୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଗଣମାଧ୍ୟମ ଜରିଆରେ ସେମାନଙ୍କୁ ସୁରକ୍ଷା, ସମର୍ଥନ ଓ ସ୍ଥାୟୀ ରୂପେ ରହିବା ପାଇଁ ଦେଇଥିବା ମନ୍ତବ୍ୟକୁ ଘୋର ନିନ୍ଦାକରି ବିକ୍ଷୋଭ ପ୍ରଦର୍ଶନ କରିଛି ଆଂଚଳିକ ସୁରକ୍ଷା ମଂଚ। ମଂଚର ସଭାପତି ତଥା ସମାଜସେବୀ ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ରାଜମହଲ ଛକରେ ହଜାର ହଜାର ସଂଖ୍ୟାରେ ଜନତା ଯୋଗଦେଇ ମେୟର ଶ୍ରୀମତୀ ଦାସଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ କୁଶପୁତଳିକା ଦାହ କରିଥିଲେ। ଏହି ଅବସରରେ ମଞ୍ଚର ସଭାପତି ଶ୍ରୀ ପ୍ରଧାନ କହିଛନ୍ତି ଭାରତ ବିରୋଧରେ ଷଡଯନ୍ତ୍ର କରୁଥିବା ବାଂଲାଦେଶ ନାଗରିକଙ୍କୁ ମେୟର ଏକ ସାମ୍ବିଧାନିକ ପଦରେ ରହି ସମର୍ଥନ କରିବା ନିନ୍ଦନୀୟ ଓ ରାଷ୍ଟ୍ର ବିରୋଧି ଅଟେ। ଯଦି ମେୟରଙ୍କ ନିକଟରେ ସାମାନ୍ୟତମ ରାଷ୍ଟ୍ରପ୍ରେମ ଥାଏ ସେ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ସହ ଦେଶବାସୀଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଆଜିର ଏହି ଶୋଭାଯାତ୍ରା ରାଜମହଲ ଛକରୁ ବାହାରି ଶିଶୁଭବନ ଛକରେ ସମାପନ ହୋଇଥିବା ବେଳେ ପ୍ରତିବାଦକୁ ସାଧାରଣ ଜନତା ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଜୁନ୍ ୧ରେ କ୍ଷୀର ଢାଳି ପ୍ରତିବାଦ କରିବେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୨୩।୫(ମହାଭାରତ): ଗଲା ମାର୍ଚ୍ଚ ମାସରୁ ପ୍ରଗତି ଡାଏରୀ କ୍ଷୀର ଲିଟର ପିଛା ୩ ଟଙ୍କା ୫୦ପଇସା, ମିଲ୍କ ମୁଁ ୩ ଟଙ୍କା ଓ ଅମୁଲ୍ ୩ଟଙ୍କା ୫୦ ପଇସା ବଢାଇ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୪୦ ଟଙ୍କା (ପ୍ରଗତି) ୩୯ଟଙ୍କା (ମିଲ୍କମୁଁ) ଓ ୪୩ ଟଙ୍କା ୫୦ପଇସା (ଅମୁଲ) ଦେଉଥିବା ବେଳେ ଓମ୍‌ଫେଡ୍ କିନ୍ତୁ ଦୁଗ୍ଧ ଚାଷୀଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଛି ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଭିଯୋଗ କରିଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଆଗାମୀ ୭ ଦିନ ଭିତରେ ଯଦି ଦୁଗ୍ଧ ଲିଟର ବୃଦ୍ଧି ନେଇ ଓମ୍‌ଫେଡ୍ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯାଏ, ତାହେଲେ ବାଧହୋଇ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଜୁନ୍ ୧ ତାରିଖ ବିଶ୍ୱ ଦୁଗ୍ଧ ଦିବସ ଦିନ ରାଜରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରାଯିବ।

# ସହାୟକ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ୪ ଅଧିକାରୀ ଗିରଫ

ରାୟଗଡା, ୨୩।୫(ମହାଭାରତ): ଓଡ଼ିଶା ଭିଜିଲାନ୍ସ ବିଭାଗ ଶୁକ୍ରବାର ଦିନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଅନ୍ତର୍ଗତ ୨୦ ଲକ୍ଷରୁ ଅଧିକ ସରକାରୀ ଧନରାଶି ଠକେଇ ମାମଲାରେ ଚାରିଜଣ ସରକାରୀ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଜଣେ ସହଯୋଗୀ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଅଛନ୍ତି।

ଏହି କାର୍ଯ୍ୟାନୁଷ୍ଠାନ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକରେ ଚାଷ ପାଇଁ ପୋଖରୀ ଖନନ ନ କରି ସରକାରୀ ଧନର ବ୍ୟାପକ ଦୁରୁପଯୋଗ ନେଇ ଅଭିଯୋଗ ପରେ ଗ୍ରହଣ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ପ୍ରାରମ୍ଭିକ ତଦନ୍ତରେ ପ୍ରମାଣ ମିଳିଛି ଯେ ଏ ସଂପର୍କରେ ରାଶି ସରକାରୀ ରାଜକୋଷରୁ ଖର୍ଚ୍ଚ ହୋଇଥିଲେ ମଧ୍ୟ ବିଭିନ୍ନ ଗ୍ରାମରେ ଅନୁମୋଦିତ ୨୩ ଟି ଜଳାଶୟ ଖନନ କାର୍ଯ୍ୟ ହୋଇନାହିଁ।

ଗିରଫ ହୋଇଥିବା ଅଧିକାରୀମାନେ ହେଲେ ରାଜେନ୍ଦ୍ର ନାଥ ନାଇକ, ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ ସହ ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି, ଯୋଗେନ୍ଦ୍ର ଖୋସଲା, ମୃଦା ସଂରକ୍ଷଣ ଓଭରସିୟର, ଦୀପକ କୁମାର ସାହୁ, ମୃଦା ସଂରକ୍ଷଣ ଓଭରସିୟର, କୁମାର ନାୟକ, ମୃଦା ସଂରକ୍ଷଣ ବିସ୍ତାର କାର୍ଯ୍ୟକର୍ତ୍ତା। ଏ ସମସ୍ତ ଅଧିକାରୀ ପ୍ରୋଜେକ୍ଟ ଡାଇରେକ୍ଟର, ୱାଟସେଡ, ରାୟଗଡା କାର୍ଯ୍ୟାଳୟ ସହିତ ଜଡିତ।

ଯାଂଚ ବେଳେ ଏହାବି ସାମ୍ନାକୁ ଆସିଛି ଯେ, କାର୍ଯ୍ୟସ୍ଥଳରେ କୌଣସି କାର୍ଯ୍ୟ ହୋଇନଥିବା ବେଳେ ଅଭିଯୁକ୍ତମାନେ ଜାଲ କରି ମନରେଗା ଜବକାର୍ଡ ହିତାଧିକାରୀଙ୍କ ଖାତାରେ ସରକାରୀ ଟଙ୍କା ଟ୍ରାନ୍ସଫର କରିଥିଲେ ଏବଂ ପୁଣି ଏହାକୁ ଉଠାଇଥିଲେ। ଏବେ ସୁଦ୍ଧା ୨୦ଲକ୍ଷରୁ ଅଧିକ ଟଙ୍କା ହେରଫେର ନେଇ ଜଣାପଡ଼ିଛି। ତେବେ ତଦନ୍ତ ବେଳେ ଏହା ଆହୁରି ବଢ଼ିପାରେ।

ଏଠାରେ ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ଜଳାଶୟ କାଶୀପୁର ବ୍ଲକର ଦୂରସ୍ଥ ଓ ବନାଞ୍ଚଳରେ ଅବସ୍ଥିତ ଥିବାରୁ ସତ୍ୟାପନ କାର୍ଯ୍ୟରେ ସମସ୍ୟା ହେଉଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାଯାଇଛି ଯେ ଆଂଚଳିକ ସ୍ତରରେ ଚାଲିଥିବା ତଦନ୍ତରେ ଆହୁରି ଗୁରୁତ୍ୱପୂର୍ଣ୍ଣ ଅନିୟମିତତା ବାହାରିବାର ସମ୍ଭାବନା ରହିଛି। ଏହି ମାମଲାରେ କୋରାପୁଟ ସତର୍କତା ଥାନାରେ କେସ୍ ନମ୍ବର ୨୦, ତାରିଖ ୨୧.୦୫.୨୦୨୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇଛି ଏବଂ ତଦନ୍ତ ଜାରି ରହିଛି।

# କଂଗ୍ରେସର ୨୪ ଘଂଟିଆ ଗଣଧାରଣା

ଭୁବନେଶ୍ୱର, ୨୩।୫(ମହାଭାରତ): ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ପାଇଁ ନ୍ୟାର୍ଯ୍ୟ ଆରକ୍ଷଣ ଦାବିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆଜି ଦିବା ୧୦ ଘଟିକାରୁ ୨୪ ଘଂଟିଆ ଧାରଣା ଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ଧାରଣା ସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଶ୍ରୀ ଦାସ କହିଛନ୍ତି ଯେ କେନ୍ଦ୍ର ସରକାର ତରବରିଆ ଭାବେ ଭୟରେ ଜାତି ଜନଗଣନା କରିବାପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏହାର ସମସ୍ତ ଶ୍ରେୟ ରାହୁଲ ଗାନ୍ଧୀଙ୍କର। ରାହୁଲ ଗାନ୍ଧୀ କହି ଆସିଛନ୍ତି ଯାହାର ସଂଖ୍ୟା ଯେତେ ତାହାର ହକ ସେତେ। ସେହି ନିମୟରେ ସେ ସଂସଦ ଭିତରେ ଏବଂ ସଂସଦ ବାହାରେ ଶାଣିତ ସ୍ୱରରେ ଜାତି ଜନଗଣନା ପ୍ରସଙ୍ଗ ଉପସ୍ଥାପନ ଦୀର୍ଘଦିନ ଧରି କରି ଆସୁଥିଲେ। ସେତେବେଳେ ଜାତି ଜନଗଣନାକୁ ପ୍ରଧାନମନ୍ତ୍ରୀ ମୋଦି, ଅମିତ ଶାହା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଙ୍କ ଠାରୁ ବହୁ ନେତା ତୀବ୍ର ବିରୋଧ କଲେ। ଏପରିକି ଲୋକସଭାରେ ତାଚ୍ଛଲ୍ୟ କରି ବିଜେପିର ସଦସ୍ୟମାନେ ରାହୁଲ ଗାନ୍ଧୀଙ୍କର ଜାତି କ'ଣ ବୋଲି ପଚାରିଲେ। ବିଜେପି ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ ସହରୀ ନକ୍ସଲ ଚିନ୍ତାଧାରା ବୋଲି କୁହାଯାଇଥିଲା। ଦେଶକୁ ଭାଗ ଭାଗ କରିବାପାଇଁ ଜାତି ଜନ ଗଣନା କରାଯାଉଛି ବୋଲି ବିଜେପି ନେତୃବୃନ୍ଦ ଅଭିଯୋଗ କହିଥିଲେ। ତେଣୁ ଆଜି ଯଦି ଜାତିଜନଗଣନା ସମ୍ଭବ ହୋଇଛି ତାହା କେବଳ ରାହୁଲ ଗାନ୍ଧୀଙ୍କ ଅବିରତ ସଂଗ୍ରାମ ପାଇଁ।

ଓବିସି ବର୍ଗ ପାଇଁ ମଣ୍ଡଳ କମିଶନ ଯେଉଁ ରିପୋର୍ଟ ଦେଲେ ସେଥିରେ ନିଯୁକ୍ତି ଏବଂ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯିବାପାଇଁ ମନମୋହନ ସିଂ ସରକାର ଧାର୍ଯ୍ୟ କରିଥିଲେ। ୨୦୦୫ ମସିହାରେ ସମ୍ବିଧାନର ୯୩ତମ ସଂଶୋଧନ କରି ମନମୋହନ ସିଂ ସରକାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସି ମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କଲେ। ଯାହାଫଳରେ ଏମସ, ଆଇଆଇଟି, ଆଇଆଇଏମ ଏବଂ ଉଚ୍ଚ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣର ସୁଯୋଗ ପାଇଲେ। ଏଠାରେ ଉଲ୍ଲେଖ୍ୟ ଯୋଗ୍ୟ ଯେ ଜନସଂଖ୍ୟାର ସମୁଦାୟ ୫୪ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। ଆଜିର ଓଡ଼ିଶାର ମୋହନ ସରକାର ଏହି ବର୍ଗକୁ ଉପେକ୍ଷା କରି ସାଧାରଣ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରଖିଛନ୍ତି। ବ୍ୟବହାରିକ ଶିକ୍ଷା ପାଠ୍ୟକ୍ରମରେ ୬୦- ୯୦ ହଜାର ସିଟ ଖାଲି ପଡୁଥିବା ବେଳେ ଏହି ଘୋଷଣାର ମୂଲ୍ୟ କିଛି ନାହିଁ। ଇଂଜିନିୟରିଂ, ମେଡିକାଲ ଓ ବୈଷୟିକ ଶିକ୍ଷାକ୍ଷେତ୍ରରେ ଏହା ଲାଗୁ ହୋଇପାରିବ ନାହିଁ। ତେଣୁ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ପ୍ରବଞ୍ଚନା। ରାଜ୍ୟରେ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ମେଡିକାଲ ଓ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମରେ ମାତ୍ର ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିଛି। ଏହା ଦୁର୍ଭାଗ୍ୟଜନକ। ଆମର ଦାବି – ? ଓବିସି ଏବଂ ଏସିବିସି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ଆରକ୍ଷଣ ଏବଂ



ଏହି ବର୍ଗର ବେକାର ଯୁବକ ଯୁବତୀ ମାନଙ୍କପାଇଁ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ। ? ସ୍ଥାନ ସଂରକ୍ଷଣର ସୁଯୋଗ ହରାଇଥିବା ଓବିସି ଓ ଏସିବିସି ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ଏହାର କ୍ଷତି ଭରଣା କରାଯାଉ। ୨୦୧୫ ମସିହାରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବୈଷୟୀକ ଓ ବ୍ୟବହାରିକ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ। ? ସମ୍ବିଧାନର ଧାରା ୧୫ (୫) ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନରେ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ।

ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସହ ପ୍ରଭାରୀ ରୋଜାଲିନା ତିର୍କି, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ଶିବାନନ୍ଦ ରାୟ, ଅମର ପ୍ରଧାନ, ସୁରେଶ କୁମାର ରାଉତରାୟ, ରାମଚନ୍ଦ୍ର ଖୁଂଟିଆ, ଅନନ୍ତ ପ୍ରସାଦ ସେଠୀ, ସମୀର ରାଉତରାୟ, ଅଶୋକ ଦାସ, ରମେଶ ଜେନା, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ମଙ୍ଗୁ ଖିଲ, ପ୍ରଫୁଲ୍ଲ ପ୍ରଧାନ, ଡ. ଲଲାଟେନ୍ଦୁ ମହାପାତ୍ର, ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ସସ୍ମିତା ବେହେରା, ପ୍ରକାଶ ମିଶ୍ର, ସୁଧାଂଶୁ ଦେଓ, ଜାନକୀ ପଟ୍ଟନାୟକ, ମନୋରଞ୍ଜନ ଦାଶ, ରଣଜିତ ପାତ୍ର, ୟାସିର ନୱାଜ, ଉଦିତ ପ୍ରଧାନ, ସନ୍ତୋଷ ପ୍ରଧାନ, ବିଜୟାନନ୍ଦ ଚାଉଳିଆ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ମାନସ ମଲ୍ଲିକ, ସନ୍ତୋଷ ପ୍ରଧାନ, ଶାନ୍ତନୁ ସାହୁ, ମଧୁସ୍ମିତା ସେଠୀ, ସୁଦର୍ଶନ ଦାସ, ନଟବର ବାରିକ, ବାଙ୍କନିଧି ବେହେରା ପ୍ରମୁଖ ବହୁକଂଗ୍ରେସ ନେତୃବୃନ୍ଦ ଯୋଗଦେଇଥିଲେ।

# ଇଏସଆଇ ହସ୍ପିଟାଲରେ ସୁପର ସ୍ପେଶାଲିଟି ଓପିଡ଼ି ଚିକିତ୍ସା ଉଦଘାଟିତ

ଭୁବନେଶ୍ୱର, ୨୩।୫(ମହାଭାରତ): ଇ.ଏସ. ଆଇ ହସ୍ପିଟାଲ, ଭୁବନେଶ୍ୱରରେ ଗୁରୁବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ଉଚ୍ଚ ବିଶେଷଜ୍ଞ ବହିବିଭାଗ (ସୁପର ସ୍ପେଶାଲିଟି ଓପିଡ଼ି ) ଚିକିତ୍ସାର ଶୁଭ ଉଦଘାଟନ କରିଛନ୍ତି। ଏହି ସେବା ହାଇ-ଟେକ ମେଡ଼ିକାଲ କଲେଜ ଓ ହସପିଟାଲ, ଭୁବନେଶ୍ୱରଙ୍କ ସହଭାଗିତାରେ କାର୍ଯ୍ୟକାରୀ ହେବ। ଏଥିରେ ଉଚ୍ଚ ବିଶେଷଜ୍ଞ ଚିକିତ୍ସା ଯଥା –ଇଉରୋଲୋଜି , କାର୍ଡିଓଲୋଜି , ଅଙ୍କଲୋଜି , ନ୍ୟୁରୋସର୍ଜରୀ , ନେଫ୍ରୋଲୋଜି ,ନିଉରୋଲୋଜି ଏବଂ ଏଣ୍ଡୋକ୍ରାଇନୋଲୋଜି ର ସୁବିଧା ରହିଛି।

କର୍ମଚାରୀ ରାଜ୍ୟ ବୀମା ଯୋଜନା ଏକ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନା ଯେଉଁଥିରେ ସଂଗଠିତ କ୍ଷେତ୍ରରେ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଥାଏ। ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟମାନେ ମଧ୍ୟ ଏହି ବୀମା ସେବା ପାଇଥାନ୍ତି। ଏହି ଯୋଜନା ଓଡ଼ିଶାରେ ୧୯୬୦ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି। ବର୍ତ୍ତମାନ ଏହି ଯୋଜନାରେ ଓଡ଼ିଶାରେ ୪ ଗୋଟି ହସ୍ପିଟାଲ ଓ ୫୩ ଟି ଡିସପେନ୍ସାରୀ ମାଧ୍ୟମରେ ପ୍ରାୟତଃ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ଏତଦ୍ ବ୍ୟତୀତ ଆଉ ୫ ଟି ନୂତନ ଡାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି। ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ଯୋଗାଇଦେବା କର୍ମଚାରୀ ରାଜ୍ୟ ବୀମା ଯୋଜନାର ମୂଳ ଲକ୍ଷ୍ୟ।

ସାଂପ୍ରତିକ ସ୍ଥିତି ଅନୁସାରେ କିଡନୀ, ହୃଦରୋଗ ଇତ୍ୟାଦି ବହୁମାତ୍ରାରେ ଦେଖାଯାଉଛି। ଏଥିନିମନ୍ତେ ହିତାଧିକାରୀମାନଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ୧୨ ଟି ସେକେଣ୍ଡାରୀ କେୟାର ଓ ୧୫ ଟି ଟର୍ଟିଆରୀ କେୟାର ସହ ଚୁକ୍ତି କରାଯାଇଛି। ବୀମାଭୁକ୍ତ କର୍ମଚାରୀଙ୍କୁ ଅଧିକ ଚିକିତ୍ସା ସେବା ଯୋଗାଇବାପାଇଁ ପ୍ରତ୍ୟକ ଜିଲ୍ଲା ସ୍ତରରେ ସେକେଣ୍ଡାରୀ କେୟାର ସହ ଖୁବଶୀଘ୍ର ଚୁକ୍ତି କରାଯାଉଛି। ନିକଟରେ ପ୍ରଥମ କରି ଭୁବନେଶ୍ୱରରେ କର୍ମଚାରୀ ରାଜ୍ୟ ବୀମା ( ଇ .ଏସ. ଆଇ) ହସ୍ପିଟାଲରେ ଡ଼ାଏଲେସିସ ୟୁନିଟ ଖୋଲାଯାଇଛି।

# ନାଲ୍‌କୋ ସଂପ୍ରସାରଣ ପ୍ରକଳ୍ପକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୩।୫ (ମହାଭାରତ):** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ଆର୍ଥିକ ବର୍ଷ ୨୦୨୪-୨୫ରେ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ବ୍ୟବସାୟ କ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଅଛି। ଗତକାଲି ଘୋଷିତ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲକୋ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନିଟ ଲାଭରେ କର୍ଡ କରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫୮ ପ୍ରତିଶତ ଅଭିବୃଦ୍ଧି ଅଟେ। କମ୍ପାନୀ ଆର୍ଥିକ ବର୍ଷ ୨୦୨୪-୨୫ ଆରଇ ମଧ୍ୟ ସର୍ବକାଳିନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି।

କର୍ମଚାରୀ ମାନଙ୍କୁ ସମ୍ବୋଧିତ କରିବା ଅବସରରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସଭିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟ ପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲକୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି




କହିଥିଲେ। ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲକୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର, ଖଣିମନ୍ତ୍ରଣାଳୟ, ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ।

ଶ୍ରୀ ସିଂହ କହିଥିଲେ ଯେ, ଆଲୁମିନା ଓ ଆଲୁମିନିୟମର ବଜାର ଦରରେ ବୃଦ୍ଧି କମ୍ପାନୀର ସଫଳତାକୁ ଆଗକୁ ନେବାରେ ସହାୟକ ହୋଇଛି, କିନ୍ତୁ ଦୀର୍ଘକାଳୀନ ସଫଳତା ନିମନ୍ତେ କାର୍ଯ୍ୟକ୍ଷମତାରେ ଉତ୍କର୍ଷତା, ଏବଂ ଉଚ୍ଚକାର୍ଯ୍ୟ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଅଟେ। ସଂପ୍ରସାରଣ କାର୍ଯ୍ୟ ଗୁଡିକ ସଂପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ ରିଫାଇନେରୀ ସଂପ୍ରସାରଣ, ପୋଟାଙ୍ଗୀ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍ଟର ପ୍ଲାଣ୍ଟ ତଥା କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ର ପ୍ରସ୍ତାବିତ ସଂପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଦର୍ଶାଇଥିଲେ। ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲକୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ,ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା,ନିର୍ଦ୍ଦେଶକ (ପିଆଣ୍ଡଟି) ଜଗଦୀଶଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ ଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ନିଜ ଅଭିଭାଷଣରେ କମ୍ପାନୀର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତା ମୂଳକ ଧାରାବଜାୟ ରଖିବା ପାଇଁ ନାଲକୋ ପରିବାରକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ।

# ପ୍ରକୃତି ସହିତ ସ୍ଥାୟୀ ଏବଂ ସୁସଂହତ ସମ୍ପର୍କ ସୃଷ୍ଟି ଜରୁରୀ : ଜଙ୍ଗଲମନ୍ତ୍ରୀ

ଭୁବନେଶ୍ୱର, ୨୩।୫(ମହାଭାରତ) ରାଜ୍ୟବାସୀଙ୍କୁ ଉତମ ଗୁଣବତାସମ୍ପନ୍ନ ଜୀବନ ପ୍ରଦାନ କରିବା ପାଇଁ ପ୍ରକୃତି ସହିତ ସମନ୍ୱୟ ଜରୁରୀ ଏବଂ ଆମକୁ ରାଜ୍ୟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମୃଦ୍ଧ ଜୈବବିବିଧତାକୁ ସୁରକ୍ଷା ଦେବାକୁ ପଡିବ। ଜମି, ଜଳ, ଜୀବ ଏବଂ ଜଙ୍ଗଲ ସମେତ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଓ ଭବିଷ୍ୟତ ପିଢ଼ି ପାଇଁ ସେମାନଙ୍କର ଉପଲବ୍ଧତା ସୁନିଶ୍ଚିତ କରିବା ଆମର ପରମ କର୍ତବ୍ୟ। ଏ ସମ୍ବନ୍ଧରେ ପାଠ୍ୟକ୍ରମରେ ବିଭିନ୍ନ ସ୍ଥାୟୀ ବ୍ୟବହାର ଅଭ୍ୟାସ ଅନ୍ତର୍ଭୁକ୍ତ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ଆବଶ୍ୟକ। ଏହି ନୀତିଗୁଡ଼ିକୁ ଆପଣେଇ ଏବଂ ସମୁଚିତ କାର୍ଯ୍ୟପନ୍ଥା ଗ୍ରହଣ କରି, ଆମେ ପ୍ରକୃତି ସହିତ ଏକ ଅଧିକ ସ୍ଥାୟୀ ଏବଂ ସୁସଂହତ ସମ୍ପର୍କ ସୃଷ୍ଟି କରିପାରିବା, ସମସ୍ତଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିପାରିବା ବୋଲି ଜଙ୍ଗଲମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି।

ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ ବିସ୍ତୃତ ଜୈବବିବିଧତାକୁ ସଂରକ୍ଷଣ କରିବା ଏବଂ ଏଗୁଡ଼ିକୁ ସ୍ଥାୟୀ ଓ ପୋଷଣୀୟ ଭାବରେ ବ୍ୟବହାର କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଚଳିତ ୨୦୨୫ ଆନ୍ତର୍ଜାତୀୟ ଜୈବବିବିଧତା ଦିବସର ବିଷୟବସ୍ତୁ ରହିଛି "ପ୍ରକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ"।

ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହି ଆଇନର ତିନୋଟି ଉଦ୍ଦେଶ୍ୟ ହାସଲ କରିବାରେ ଇଗଉ ଗୁଡ଼ିକର ଭୂମିକା ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଜୈବବିବିଧତା ସଂରକ୍ଷଣ ମାନସିକତା ସୃଷ୍ଟି କରିବା ଦୀର୍ଘକାଳୀନ ଲକ୍ଷ୍ୟ ହାସଲ କରିବା ପାଇଁ ଅତ୍ୟନ୍ତ ଫଳପ୍ରଦ ହେବ ବୋଲି ହୃଦୟଙ୍ଗମ କରି ବିଭିନ୍ନ ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟର ଯୁବପିଢୀ ମନକୁ କାର୍ଯ୍ୟକ୍ରମରେ ସାମିଲ କରିବା କ୍ଷେତ୍ରରେ ବୋର୍ଡର ଉଦ୍ୟମକୁ ପ୍ରଶଂସା କରିଥିଲେ।

ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରେମ କୁମାର ଝା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ ତୃଣମୂଳ ସ୍ତରରେ ଲୋକଙ୍କ ମଧ୍ୟରେ ଜୈବ ବିବିଧତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ବୋର୍ଡର ପ୍ରୟାସ ପ୍ରଶଂସନୀୟ।

ଅତିଥିମାନେ ଓଡ଼ିଶାର ସବୁଠାରୁ ବିପଦପୂର୍ଣ୍ଣ ଛଅଟି ଉଦ୍ଭିଦକୁ ଜଳ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ବିଭିନ୍ନ ଅଂଶୀଦାରଙ୍କ ପାଇଁ ବୋର୍ଡ ଦ୍ୱାରା ପ୍ରକାଶିତ ଚାରୋଟି ପୁସ୍ତକ ଯଥା ୧. ମିଠା ପାଣିର କଇଁଛ ଏବଂ ଓଡ଼ିଶାର ପବିତ୍ର ସ୍ଥାନରୁ ପ୍ରତିଧ୍ୱନି", ୨. "ଓଡ଼ିଶାର ସାଧାରଣ ଜଳଜ ଉଦ୍ଭିଦ: ଏକ ପକେଟ କ୍ଷେତ୍ର ଗାଇଡ୍", ୩. "ଜୈବ ବିବିଧତା ପରିଚାଳନା କମିଟି ପାଇଁ ଏକ ଦ୍ୱିଭାଷୀ କାର୍ଯ୍ୟକ୍ଷମ ମାର୍ଗଦର୍ଶିକା ଏବଂ ୪. ଓଡ଼ିଶା ଜୈବ ବିବିଧତା ବୋର୍ଡର କାର୍ଯ୍ୟକଳାପ ରିପୋର୍ଟ: ୨୦୨୪-୨୫ ଉନ୍ମୋଚନ କରିଥିଲେ। ବୋର୍ଡ ପୂର୍ବରୁ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ନାତକୋତର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରିଥିଲା। ଓଡ଼ିଶାର ରାମସାର ସ୍ଥଳ ସଂଲଗ୍ନ ବିଦ୍ୟାଳୟର ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।

# ପ୍ରକୃତି ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୩।୫(ମହାଭାରତ)– ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମୃଦ୍ଧ ପାରିସ୍ଥିତିକ ଐତିହ୍ୟକୁ ରେଖାଙ୍କିତ କରି ସାଧାରଣ ଲୋକଙ୍କୁ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ଓ ସଂରକ୍ଷିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମାଝି ସୋସିଆଲ୍ ମିଡିଆରେ ସେୟାର କରିଥିବା ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, "ଭିତରକନିକା ଜଙ୍ଗଲ୍‌ରୁ ଆରମ୍ଭ କରି ଚିଲିକାର ଶାନ୍ତ ଜଳରାଶି ପର୍ଯ୍ୟନ୍ତ, ଓଡିଶା ଜୈବ ବିବିଧତାରେ ନିଶ୍ୱାସ ନେଉଛି। ଏହି ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସରେ ଆସନ୍ତୁ ଆମେ ପ୍ରକୃତିର ଏହି ମଧୁର ଲୟକୁ ସମ୍ମାନ ଦେବା ଓ ଏହାର ପ୍ରତ୍ୟେକ ସ୍ୱରକୁ ରକ୍ଷା କରିବା ପାଇଁ ସଂକଳ୍ପ ନେବା।

# ୭୩.୬୨ ଲକ୍ଷ ସାଇବର ଠକେଇରେ ଜଣେ ଗିରଫ

ଭୁବନେଶ୍ୱର, ୨୩।୫(ମହାଭାରତ): ଡିଜିଟାଲ୍ ଗିରଫ କରିବାକୁ ଧମକ ଦେଇ ଜଣେ ବ୍ୟକ୍ତିଙ୍କ ଠାରୁ ୭୩.୬୨ ଲକ୍ଷ ଠକେଇ କରିବା ଅଭିଯୋଗରେ କ୍ରାଇମ୍ ବ୍ରାଂଚ, ଓଡିଶାର ସାଇବର କ୍ରାଇମ୍ ୟୁନିଟ୍ ପଶ୍ଚିମବଙ୍ଗର ହାୱଡ଼ାରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ରୋହିତ କୁମାର ଜୟସୱାଲ। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହାସହ ଅଭିଯୁକ୍ତର ବ୍ୟାଙ୍କ ଆକାଉଂଟଗୁଡ଼ିକୁ ଫ୍ରିଜ୍ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ମେ ୧୫ ତାରିଖରେ ପାରାଦ୍ୱୀପ ଅଂଚଳର ଜଣେ ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରୋହିତ ନିଜକୁ ସିବିଆଇ ଏବଂ ଦିଲ୍ଲୀ ପୋଲିସ କର୍ମଚାରୀ ବୋଲି ପରିଚୟ ଦେଇଥିଲା। ଏହାସହ ତାଙ୍କ ନାମରେ ବୁକ୍ ହୋଇଥିବା ଏକ ପାର୍ସଲକୁ ଦିଲ୍ଲୀ କଷ୍ଟମ୍ସ ବିଭାଗ ଜବତ କରିଛି ବୋଲି ସୂଚନା ଦେଇଥିଲା। ସେହି ପାର୍ସଲରେ ଏଟିଏମ୍ କାର୍ଡ, ୧୫ଟି ଭାରତୀୟ ପାସପୋର୍ଟ, ୨ଟି ଲାପଟପ୍, ୪ କିଲୋଗ୍ରାମ କପଡା ଏବଂ ଡ୍ରଗ୍ସ ରହିଛି ବୋଲି କହିଥିଲା। ଉକ୍ତ ପାର୍ସଲକୁ ନୂଆଦିଲ୍ଲୀର ଚାନ୍ଦନୀ ଚୌକରୁ ସଂଘାଇ (ଚୀନ୍) ପଠାଯିବାର ରହିଛି ବୋଲି ଭୟଭୀତ କରିଥିଲା। ଏଭଳି ପରିସ୍ଥିତିରୁ ମୁକୁଳିବାକୁ ହେଲେ ଟଙ୍କା ପଠାଇବାକୁ କହିଥିଲା ନ ହେଲେ ଡିଜିଟାଲ ଗିରଫ କରାଯିବ ବୋଲି ଧମକ ଦେଇଥିଲା। ଅଭିଯୋଗକାରୀ ଜଣକ ଭୟଭୀତ ହୋଇ ୭୩ ଲକ୍ଷ ୬୨ ହଜାର ଟଙ୍କା ଉକ୍ତ ଠକର ବିଭିନ୍ନ ଆକାଉଂଟକୁ ପଠାଇଥିଲା। କିଛିଦିନ ପରେ ଅଭିଯୋଗକାରୀ ଠକାମିର ଶିକାର ହୋଇଥବା ସଂକାନ୍ତରେ ଜାଣିବାକୁ ପାଇଥଲେ।

# ଶିକ୍ଷା

'ଅପରେସନ ସିନ୍ଦୂର' ତଥା ପାକିସ୍ଥାନ ଓ ପାକ୍ ଅଧିକୃତ କାଶ୍ମୀରରେ ଭାରତର ପ୍ରଚଣ୍ଡ ଆକ୍ରମଣ ସମ୍ପର୍କରେ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଥିବା ଭାରତୀୟ ସ୍ଥଳସେନାର ମହିଳା ଅଧିକାରୀ କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୁଦ୍ଧରେ ଆପତିଜନକ ମନ୍ତବ୍ୟ ଦେଇଥିବା ବିଜେପି ନେତା ତଥା ମଧ୍ୟପ୍ରଦେଶର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଜୟ ଶାହଙ୍କ ବିରୁଦ୍ଧରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଗ୍ରହଣ କରିଥିବା କଠୋର ଆଭିମୁଖ୍ୟ ଯଥାର୍ଥ ଏବଂ ସଠିକ ପଦକ୍ଷେପ ବୋଲି କୁହାଯାଇପାରିବ। ସାଧାରଣ ସଭାରେ ବିଜୟ ଦେଇଥିବା ମନ୍ତବ୍ୟକୁ ହାଇକୋର୍ଟ ବିପଦଜନକ ଓ ମାନହାନୀ ସୂଚକ ଦର୍ଶାଇବା ସହ ଉକ୍ତ ବିଦ୍ୱେଷମୂଳକ ଭାବ ସୃଷ୍ଟିକାରୀ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କ ବିରୁଦ୍ଧରେ ଏତଲା ଦାୟର ପାଇଁ ଦେଇଥିବା ନିର୍ଦ୍ଦେଶ ଯଥାର୍ଥ। କର୍ଣ୍ଣେଲ ସୋଫିଆ ଜଣେ ମୁସଲିମ୍ ସମ୍ପ୍ରଦାୟର ହୋଇଥିବାରୁ ଦେଶରେ ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକବାଦୀ ତଥା ବିଚ୍ଛିନ୍ନତାବାଦୀ ମନୋଭାବ ଉଦ୍ରେକ କରିବାକୁ ଉତ୍ସାହିତ କରୁଛି ବୋଲି ଅଦାଲତ ମନ୍ତବ୍ୟ ଦେବା ସହ ୬ଘଂଟା ମଧ୍ୟରେ ତାଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୧୫୨ (ଦେଶର ସଂହତି, ଏକତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟିକାରୀ)ରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଦେଶଦ୍ରୋହ, ଶାନ୍ତିଭଙ୍ଗ, ସାମାଜିକ ସଦ୍‌ଭାବ ଭଙ୍ଗ ଏବଂ ଶତ୍ରୁତା ଓ ଘୃଣା ସୃଷ୍ଟିକାରୀ ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଏହି ଧାରାରେ ଅତିକମରେ ୩ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଯଦି ସେ ଦୋଷୀ ପ୍ରମାଣିତ ହୁଅନ୍ତି, ତେବେ ବିଧାନସଭା ସଦସ୍ୟ ପଦ ହରାଇବେ ଏବଂ ୬ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢିପାରିବେ ନାହିଁ। ଆହୁରି ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ପାଇଁ ଆବେଦନ କରି ଶାହା ସୁପ୍ରିମକୋର୍ଟରେ ନିରାଶ ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଏବଂ ସଠିକ ବୋଲି ଦର୍ଶାଇବା ସହ ସୁପ୍ରିମକୋର୍ଟ ତାଙ୍କର କ୍ଷମା ଭିକ୍ଷାକୁ ଅଗ୍ରାହ୍ୟ କରିଦେବା ସହ ତାଙ୍କ ବିରୁଦ୍ଧରେ ତଦନ୍ତ ପାଇଁ ୩ଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସଆଇଟି) ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷମ ଭିକ୍ଷା କରି ଅଡୁଆରୁ ଖସିଯିବା ପାଇଁ ଯେଉଁ ଉଦ୍ୟମ କରିଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ ବାଲି ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟରୁ ଅଦାଲତଙ୍କ କଠୋର ଆଭିମୁଖ୍ୟ ସ୍ପଷ୍ଟ ବୁଝାପଡେ। ଉଲ୍ଲେଖଯୋଗ୍ୟ ଯେ, ଦେଶର ଜଣେ ଜଣେ ବୀର ଯବାନଙ୍କୁ ଆତଙ୍କବାଦୀଙ୍କ ଭଉଣୀ ବୋଲି କହିବା ଠାରୁ ଅଧିକ ଗର୍ବିତ କଥା ଆଉ କିଛି ଥାଇନପାରେ। ଏହା ନିସନ୍ଦେହ ଯେ, ଶାହ ମନ୍ତବ୍ୟ ପାଇଁ ଦେଶବାସୀଙ୍କୁ ଲଜ୍ଜିତ ହେବାକୁ ପଡିଛି। ପହଲ୍‌ଗାମ ନୃଂଶସ ହତ୍ୟାକାଣ୍ଡର ପ୍ରତିଶୋଧ ନେଇ ଦେଶ ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଜଣେ ମନ୍ତ୍ରୀଙ୍କ ବିପଦଜନକ ମନ୍ତବ୍ୟ କେବଳ ଯବାନଙ୍କୁ ନୁହେଁ, ଦେଶବାସୀଙ୍କୁ ହତୋତ୍ସାହିତ କରିଛି। ଆହୁରି ମଧ୍ୟ ମନ୍ତ୍ରୀ ବହୁ ବଳମ୍ବରେ କର୍ଣ୍ଣେଲ ଭଉଣୀ ସମ୍ବୋଧନ କରି କରିଥିବା କ୍ଷମା ଭିକ୍ଷା ଜଣେ ସେନା ପଦାଧିକାରୀଙ୍କ ପଦ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ମନ୍ତ୍ରୀ ବିଜୟ ଶାହ ଜଣେ ସାମ୍ବିଧାନୀକ ପଦାଧିକାରୀ। ତାଙ୍କ ମୁହଁରେ ସାଂପ୍ରଦାୟିକ ତଥା ଘୃଣା, ବିଦ୍ୱେଷ ଭାବ ସୃଷ୍ଟିକାରୀ ମନ୍ତବ୍ୟ ଆଦୌ ଶୋଭାପାଏ ନାହିଁ। ତାଙ୍କର ସାମ୍ପ୍ରଦାୟିକବାଦୀ ମନୋଭାବ ରାଜନୈତିକ ଲକ୍ଷ୍ମଣ ରେଖା ଅତିକ୍ରମ କରିଛି। ଏଥିଲାଗି ଦେଶର ଆଇନ ତାଙ୍କୁ ଦଣ୍ଡିତ କରିବ। କିନ୍ତୁ ସେ ଯେଉଁ ଦଳରୁ ପ୍ରତିନିଧି କରୁଛନ୍ତି, ସେହି ଦଳ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ, ଯାହାକି ଏକ ଉଦାହରଣ ସୃଷ୍ଟି କରିବ। କିନ୍ତ ବିଜେପି ବର୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ଦେଇନାହିଁ କି ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ଠାରୁ ନିଜକୁ ଦୂରେଇ ରଖିନାହିଁ। ଅନ୍ୟପକ୍ଷରେ ଶାହଙ୍କ ମନ୍ତବ୍ୟକୁ ବିଭିନ୍ନ ରାଜନୈତିକ ଦଳଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ସମସ୍ତେ ନିନ୍ଦା କରିଥିବାବେଳେ ବିଜେପି କାହିଁକି ନୀରବତା ଅବଲମ୍ବନ କରିଛି, କିଛି ବୁଝାପଡୁନାହିଁ। ଏହା ସତ୍ୟ ଯେ, ରାଜନେତା ହିଁ ସାମ୍ପ୍ରଦାୟିକ ବିଜ ବୁଣିଥାନ୍ତି। ତେବେ ଏଭଳି ମନୋଭାବ ସମ୍ପନ୍ନ ନେତାଙ୍କ ବିରୁଦ୍ଧରେ କଠୋର ଦଳୀୟ କାର୍ଯ୍ୟାନୁଷ୍ଠାନ ଦେଶରେ ସାମ୍ପ୍ରଦାୟିକ ସଦଭାବ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହୋଇଥାଏ। ଆତଙ୍କବାଦୀ ବିରୁଦ୍ଧରେ ପ୍ରଚଣ୍ଡ ପ୍ରହାର ନେଇ ବିଜେପି ବିଜୟ ଉତ୍ସବ ପାଳନ କରୁଥିବାବେଳେ ନିନ୍ଦନୀୟ ମନ୍ତବ୍ୟ ନେଇ ଦଳର ନୀରବତାରେ ବିସ୍ମିତ ହେବାକୁ ପଡେ। ଏହା ନିସନ୍ଦେହ ଯେ, ଆମ ଦେଶରେ ରାଜନେତାଙ୍କ ମଧ୍ୟରେ ବାଚଳତା ଓ ବାତୁଳତା ନୂଆ ନୁହେଁ। ଭୋଟ ବ୍ୟାଙ୍କ ପାଇଁ ସେମାନେ ଶାଳୀନତା, ସଂଜମତା ଓ ନୈତିକତାର ସମସ୍ତ ସୀମା ଲଂଘନ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ସେମାନଙ୍କ ବାଚଳତା ଓ ଲଗାମଛଡା ମନ୍ତବ୍ୟକୁ କେବଳ ବୀର ଯବାନ ନୁହଁନ୍ତି, ସୁପ୍ରିମକୋର୍ଟ ମଧ୍ୟ ବାଦ ପଡିନାହାଁନ୍ତି। ସାମ୍ପ୍ରତିକ ସମୟରେ ଜଣେ ମନ୍ତ୍ରୀଙ୍କ ବାଚଳତା ବିରୁଦ୍ଧରେ ଅଦାଲତର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ଏହିଭଳି ନେତାଙ୍କ ପାଇଁ ଏକ ଶିକ୍ଷା ହେବ, ଏଥିରେ ସନ୍ଦେହ ନାହିଁ।

# ସାଧୁସନ୍ଥଙ୍କ ଲୀଳା କ୍ଷେତ୍ର ଶ୍ରୀକ୍ଷେତ୍ର

## 'ଦେଖ ଏ ଯେତେ ନଦ ନଦୀ ପ୍ରଭାହେ ମିଳନ୍ତି ଜଳଧି'

**ପୁଷ୍ପମିତ୍ର ମହାପାତ୍ର**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ରକୁ ଯୁଗ ଯୁଗ ଧରି ଅନେକ ସାଧୁ, ସନ୍ଥ, ଆଧାତ୍ମିକ ପରିବ୍ରାଜକ, ଭକ୍ତଙ୍କ ଆଗମନ ହୋଇଛି। ଭାରତର ପ୍ରମୁଖ ଚାରୋଟି ଧାମ ଭିତରୁ ଶ୍ରୀକ୍ଷେତ୍ର ବା ଜଗନ୍ନାଥ ଧାମ ଅନ୍ୟତମ। ଜଗନ୍ନାଥ ଧର୍ମ, ଚେତନା ଓ ଜାତୀୟ ଭାବନା ସହିତ ଉଦାରବାଦ ଅନେକ ସାଧୁସନ୍ଥଙ୍କୁ ପ୍ରଭାବିତ କରିଛି। ଓଡ଼ିଆଙ୍କ ନିତ୍ୟ ପାରାୟଣ ଗ୍ରନ୍ଥ ଶ୍ରୀମଦ ଭାଗବତରେ ସ୍ୱୟଂ ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - 'ଦେଖ ଏ ଯେତେ ନଦ ନଦୀ ପ୍ରବାହେ ମିଳନ୍ତି ଜଳଧି, ଲବଣ ଜଳେ ସେ ମିଶନ୍ତି ନିଜ ସ୍ୱଗୁଣ ପାସୋରନ୍ତି।' ଯଥାର୍ଥରେ ସାଗର ଅଭିମୁଖେ ଧାବମାନ ନଦୀମାନେ ଯେପରି ଅନନ୍ତ ସାଗରର ଲବଣାକ୍ତ ଜଳ ଭିତରେ ନିଜର ସତ୍ତା ହରାଇ ବସିଥାନ୍ତି ଠିକ ସେହିପରି ଭାରତର ଅନେକ ଧର୍ମୀୟ ଚେତନା ସେ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ୍ୱବାଦ ହେଉ ବା ରାମାନୁଜଚାର୍ଯ୍ୟଙ୍କ ବିଶିଷ୍ଟାଦ୍ୱୈତ, ଶ୍ରୀ ଚୈତନ୍ୟଙ୍କ ଅଚିନ୍ତ୍ୟ ଭେଦଭାବ ହେଉ ବଲ୍ଲଭାଚାର୍ଯ୍ୟଙ୍କ ସୁଧାଦ୍ୱୈତ ସବୁର ମହାମିଳନ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ପାବନ ଶ୍ରୀକ୍ଷେତ୍ର ଧାମରେ।

'ପୁନରପି ଜନମଂ ପୁନରପି ମରଣଂ, ପୁରପି ଜନନୀ ଜଠରେ ଶୟନ. ଇହ ସଂସାରେ ବହୁ ଦୁସ୍ତରେ, କୃପାୟପାରେ ବହୁ ଦୁସ୍ତରେ, ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ, ଭଜ ଗୋବିନ୍ଦଂ ମୂଢ଼ମତେ' - ଭାରତ ପ୍ରଖ୍ୟାତ ଓ ଆତ୍ମ ଅନୁଚିନ୍ତନର ସୁବିଖ୍ୟାତ ଗ୍ରନ୍ଥ ଭଜ ଗୋବିନ୍ଦମଂ ସ୍ରଷ୍ଟା ଆଦିଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରରେ ପଦାର୍ପଣ କରିଥିଲେ ସପ୍ତମ ଶତାବ୍ଦୀର ଶେଷ ଭାଗ ସମୟରେ। ଭାରତର ବଦ୍ରିନାଥ, ଦ୍ୱାରକାନାଥ ଓ ଶୃଙ୍ଗେରି ପରେ ତାଙ୍କର ପୁରୀ ଆଗମନ ହୋଇଥିଲା। ସେ ଶ୍ରୀଜଗନ୍ନାଥ ଓ ଗୀତାର ପୁରୁଷୋତ୍ତମଙ୍କ ଭିତରେ କୌଣସି ତାରତମ୍ୟ ନଥିଲା ବୋଲି ଅନୁଭବ କରିଥିଲେ। ତାଙ୍କରି ପ୍ରଚେଷ୍ଟାରେ ନିର୍ମାଣ ହୋଇଥିଲା ଶଙ୍କରାଚାର୍ଯ୍ୟ ପୀଠ। ସେହିପରି ମାଦଳା ପାଞ୍ଜିର ତତ୍ୱ ଅନୁଯାୟୀ ୧୧୧୨ ମସିହାରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ ବିଶିଷ୍ଟ ଦ୍ୱୈତବାଦର ଅନନ୍ୟ ପ୍ରଚାରକ ଶ୍ରୀରାମାନୁଜଚାର୍ଯ୍ୟ। ସତ୍ୱଲିପି ଓ ମାଦଳା ପାଞ୍ଜିର ତଥ୍ୟ ମୁତାବକ ତାଙ୍କ ପ୍ରଚେଷ୍ଟାରେ ଶ୍ରୀମନ୍ଦିର ପରିସରରେ ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ସହ ଏମାର ମଠର ସେ ଥିଲେ ନିର୍ମାତା। ତତ୍କାଳୀନ ରାଜା ଚୋଡ଼ଗଙ୍ଗ ଦେବ ତାଙ୍କ ଅନୁଗାମୀ ହୋଇଥିଲେ ଓ ରାମାନୁଜଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁ ରୂପେ ଗାନ କରୁଥିଲେ। ସେହିପରି ଗୋବର୍ଦ୍ଧନ ପୀଠର ପ୍ରଥମ ଆଚାର୍ଯ୍ୟ ତଥା ଶଙ୍କରଙ୍କ ପ୍ରଥମ ଶିଷ୍ୟ ପଦ୍ମପାଦ ମହାପ୍ରଭୁଙ୍କ କୃପା ପାଇବା ନିମିତ୍ତ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ମହାନ ରାଧାକୃଷ୍ଣ ଭକ୍ତିଧାରା ପ୍ରବାହର ଭାବଚେତକ ନିମ୍ବାକାଚାର୍ଯ୍ୟ ପୁରୀକୁ ଆଗମନ କରି ମହାପ୍ରଭୁଙ୍କ କୃପାରେ ନିଜକୁ ନିମଜ୍ଜିତ କରିଥିଲେ। ବିଶ୍ୱାସ ରହିଛି ଯେ ତାଙ୍କ ପ୍ରଚେଷ୍ଟାରେ ରାଧାବଲ୍ଲଭ ମଠ ନିର୍ମାଣ ହୋଇଥିଲା। ଶୁଦ୍ଧ ଦ୍ୱୈତାଦ୍ୱୈତବାଦର ପ୍ରବକ୍ତା ମାଧବାଚାର୍ଯ୍ୟ ମହାପ୍ରଭୁଙ୍କ କୃପା ପାଇବା ନିମିତ୍ତ ପୁରୀକୁ ଆଗମନ କରିଥିଲେ। ସେ ନିଜେ ବଳଭଦ୍ର ଛତା ମଠ ପ୍ରତିଷ୍ଠା କରିବା ସହ ମହାପ୍ରଭୁଙ୍କ ଭାବରେ ଗଦ ଗଦ ହୋଇ 'ଭକ୍ତିରତ୍ନାବଳୀ' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ। ବଙ୍ଗଳାର ଜଣେ ସିଦ୍ଧ ସାଧକ ମାଧବେନ୍ଦ୍ରପୁରୀ ବୃନ୍ଦାବନରେ କୃଷ୍ଣପ୍ରେମରେ ନିମଜ୍ଜିତ ଥିଲେ। ଏକଦା ମହାପ୍ରଭୁଙ୍କୁ ସ୍ୱପ୍ନରେ ପାଇ ପୁରୀକୁ ଆଗମନ କରିଥିଲେ। ତାଙ୍କ ଉଦ୍ୟମରେ ଗୌଡ଼ୀୟ ବୈଷ୍ଣବ ପୀଠ ରୂପେ ବେଶ ଖ୍ୟାତି ପାଇଥିବା ବଡ଼ ଛତା ମଠ ପ୍ରତିଷ୍ଠା ହୋଇଛି। ସିଦ୍ଧସାଧକ ବଲ୍ଲଭାଚାର୍ଯ୍ୟ ପୁରୀକୁ ଆଗମନ କରି ଗୋକୁଳ ମଠରେ ଅବସ୍ଥାନ କରୁଥିଲେ ଓ ପ୍ରତ୍ୟେହ ମହାପ୍ରଭୁଙ୍କ ନୀତିକାନ୍ତି ଦର୍ଶନ କରି ନିଜକୁ ଭାଗ୍ୟବାନ ମନେକରୁଥିଲେ।

'ଗୁରୁ ଓ ଗୋବିନ୍ଦ ଦୌ ଖଡେ, କାକେ ଲାଗୁ ପାଏ, ବଲିହାରୀ ଗୁରୁ ଆପ୍‌ନେ, ଗୋବିନ୍ଦ ଦିୟା ବତାୟ।' ଯାହାର ଭାବାର୍ଥ ହେଉଛି 'ଗୁରୁ ଓ ଗୋବିନ୍ଦ ଅର୍ଥାତ୍ ଭଗବାନ ଉଭୟ ଦଣ୍ଡାୟମାନ। କାହାକୁ ଆମେ ପ୍ରଣାମ କରିବା ? ଗୁରୁଙ୍କୁ ହିଁ ପ୍ରଥମେ ପ୍ରଣାମ କରିବା; କାରଣ ସିଏ ହିଁ ଗୋବିନ୍ଦଙ୍କୁ ଚିହ୍ନାଇ ଦିଅନ୍ତି।' ଏହି ନିର୍ଗୁଣ ପରମବ୍ରହ୍ମବାଦୀ ଚେତନାର ମହାନ ସନ୍ଥ କବୀରଙ୍କର ଆଗମନ ହୋଇଥିଲା ପୁରୀକୁ। ସେ କବୀରଚୌରା ମଠ ନିର୍ମାଣ କରିବା ସହ ନେମାଳରେ କବୀରଙ୍କ ଗାଦି ମଧ୍ୟ ରହିଛି। କବୀର ଥିଲେ ନିର୍ଗୁଣ ପରମବ୍ରହ୍ମବାଦୀ ଓ ରାମୋପାସକ ଥିବାରୁ ତାଙ୍କର ଆଚରଣ ଥିଲା ପ୍ରେମମୟ, ଜାତି ଅଜାତି, ଛୁଁଆ-ଅଛୁଆଁ ଭେଦ ଭାବର ଉର୍ଦ୍ଧ୍ୱରେ। ସେ ଜଗନ୍ନାଥ ଧାମକୁ ନିଜ ସାଧନାର ପୀଠ ରୂପେ ବାଛି ନେଇଥିଲେ। ଆସାମର ସନ୍ଥକବି ଶଙ୍କରଦେବ ଶ୍ରୀକ୍ଷେତ୍ରରେ ପାଖାପାଖି ଚାରି ବର୍ଷ ଅବସ୍ଥାନ କରିଥିଲେ ଏବଂ ସବୁଠାରୁ ବଡ଼ କଥା ହେଉଛି ସେ ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇପଡ଼ିଥିଲେ। ନାମ ସଂକୀର୍ତ୍ତନର ମୁଖ୍ୟ ପ୍ରବକ୍ତା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମହିମା ସମ୍ପର୍କରେ ଜାଣିବା ପରେ ସେ ପୁରୀକୁ ଆଗମନ କରିଥିଲେ। ଶ୍ରୀକ୍ଷେତ୍ରରେ ରାୟରାମାନନ୍ଦ ଓ ଓଡ଼ିଆ ଭାଗବତର ସ୍ରଷ୍ଟା ଜଗନ୍ନାଥ ଦାସ ତାଙ୍କ ପରମ ବନ୍ଧୁ ଥିଲେ। ଶ୍ରୀମନ୍ଦିରରେ ବଟ ଗଣେଶ ସମ୍ମୁଖରେ ଜଗନ୍ନାଥ ଦାସ ଭାଗବତ ପାଠ କରୁଥିବା ସମୟରେ ତାଙ୍କୁ ଦେଖି ଶ୍ରୀଚୈତନ୍ୟ ମୁଗ୍ଧ ହୋଇ ଜଗନ୍ନାଥ ଦାସଙ୍କୁ ଅତିବଡ଼ୀ ବୋଲି ସମ୍ବୋଧନ କରିଥିଲେ। ମହାପ୍ରଭୁଙ୍କ ଲୀଳା ସଂକୀର୍ତ୍ତନର ସେ ଥିଲେ ଅନ୍ୟତମ ପ୍ରବକ୍ତା। ସନ୍ଥ ତୁଳସୀ ଦାସ ରାମଭକ୍ତ ହୋଇଥିଲେ ମଧ୍ୟ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ ଓ ମାଦଳା ପାଞ୍ଜିର ତଥ୍ୟ ମୁତାବକ ଶ୍ରୀକ୍ଷେତ୍ରର ସନ୍ନିକଟ ମାଳତୀ ପାଟପୁର ଗ୍ରାମରେ ସେ ରାତ୍ରୀ ଯାପନ କରିଥିବା ସମୟରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ଶ୍ରୀଜଗନ୍ନାଥ ହିଁ ସ୍ୱୟଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ସେ ଜାଣିବା ପରେ ଭାବତଲ୍ଲୀନ ହୋଇପଡ଼ିଥିଲେ। ଶ୍ରୀକ୍ଷେତ୍ରରେ ଚୈତନ୍ୟ ଦେବଙ୍କ ରହଣୀ ସମୟରେ ନାନକଙ୍କ ଆଗମନ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ କଲାପରେ ସେ ଶ୍ରୀଚୈତନ୍ୟଙ୍କ ସଂକୀର୍ତ୍ତନରେ ନିୟମିତ ଯୋଗ ଦେଉଥିଲେ। ପିଲାଦିନୁ ଗଣେଶଙ୍କୁ ନିଜ ଆରାଧ୍ୟ ଭାବେ ଗ୍ରହଣ କରିଥିବା ମହାରାଷ୍ଟ୍ରର ବାସିନ୍ଦା ଭକ୍ତ ଗଣପତି ଭଟ୍ଟ ଧ୍ୟାନରେ ଶ୍ରୀଜଗନ୍ନାଥଙ୍କୁ ଗଣେଶ ଭାବେ ଅନୁଭବ କଲାପରେ ପୁରୀକୁ ଆଗମନ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କଲାପରେ ତାଙ୍କ ନୟନ ଯୁଗଳରୁ ଧାର ଧାର ହୋଇ ଲୁହ ବୋହି ଯାଇଥିଲା ଏବଂ ସେ ରତ୍ନବେଦୀରେ ମହାପ୍ରଭୁଙ୍କ ବଦଳରେ ନିଜ ଆରାଧ୍ୟ ଗଣେଶଙ୍କ ଦର୍ଶନ କରିଥିଲେ। ବିଶ୍ୱାସ ରହିଛି ତାଙ୍କ ନିବେଦନ ମୁତାବକ ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଗଜାନନ ବେଶ ହୋଇଥାଏ।

ମୁମ୍ବାଇର ଜନୈକ ଅପାଠୋଇ ମହିଳା ଯିଏ ସଦା ବିଷ୍ଣୁଙ୍କ ନାମସ୍ମରଣରେ ନିମଜ୍ଜିତ ରୁହନ୍ତି ସେ ଦିନେ ସ୍ୱପ୍ନରେ ଦେଖିଥିଲେ ତାଙ୍କ ହୃଦେଶ୍ୱର ବିଷ୍ଣୁ ପୁରୀରେ ଶ୍ରୀଜଗନ୍ନାଥଙ୍କ ଭାବରେ ଅବସ୍ଥାନ କରୁଛନ୍ତି। ସେ ପୁରୀକୁ ଆଗମନ କରିଥିଲେ ଓ ଏହିଠାରେ ହିଁ ତାଙ୍କର ଶେଷ ଜୀବନ ବିତିଥିଲା। ସନ୍ଥ ତୁକାରାମ ମହାପ୍ରଭୁଙ୍କ ସମ୍ପର୍କରେ ଜାଣିବା ପରେ ପୁରୀକୁ ଆଗମନ କରିଥିଲେ ଓ ନିଜ ସଂକୀର୍ତ୍ତନ ମଣ୍ଡଳୀ ସହ ନିୟମିତ ଦେଉଳ ବେଢ଼ା ଭିତରେ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନରେ ନିଜକୁ ନିମଜ୍ଜିତ ରଖୁଥିଲେ। ମହାପ୍ରଭୁଙ୍କ ପ୍ରତି ତାଙ୍କର ଆବେଗଭରା ଭକ୍ତିକୁ ଦେଖି ସେ ତତ୍କାଳୀନ ସମୟରେ ଜଗନ୍ନାଥ ବଲ୍ଲଭ ମଠରେ ରହୁଥିବାରୁ ତାଙ୍କୁ ଏକ ସ୍ୱତନ୍ତ୍ର ମଠ ପ୍ରଦାନ କରିଥିଲେ। ଯାହା ତନ୍ତୀ ମଠ ଭାବେ ପ୍ରଖ୍ୟାତ। ୧୮୯୮ ମସିହାରେ ପ୍ରଭୁପାଦ ବିଜୟ କୃଷ୍ଣ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ସେ ଶ୍ରୀଜଗନ୍ନାଥଙ୍କ ସର୍ବଧର୍ମ ମତବାଦର ବିଶ୍ୱାସକୁ ଗ୍ରହଣ କରିବା ସହ ଏଠାରେ କିଛି ଦିନ ଅବସ୍ଥାନ କରିଥିଲେ। ଶ୍ରୀରାମକୃଷ୍ଣଙ୍କ ପତ୍ନୀ ଶାରଦା ଦେବୀ ୧୮୮୮ ଓ ୧୯୦୫ ଏହିପରି ଭାବେ ଦୁଇଥର ପୁରୀକୁ ଆଗମନ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ସେ ନିଜକୁ ଭାଗ୍ୟବାନ ମନେକରୁଥିଲେ।

ସତ୍ୱଲିପିର ତଥ୍ୟ ଅନୁଯାୟୀ ୧୯୨୧ ମସିହାରେ ଠାକୁର ନିଗମାନନ୍ଦ ସରସ୍ୱତୀ ପୁରୀକୁ ଆଗମନ କରିଥିଲେ। କେହି କେହି ମଧ୍ୟ ବିଶ୍ୱାସ କରନ୍ତି ଯେ ସେ ମହାପ୍ରଭୁଙ୍କ ଦର୍ଶନ ପାଇବା ପରେ ଅନେକ ସମୟ ଯାଏ ଧ୍ୟାନସ୍ଥ ହୋଇଯାଇଥିଲେ। ୧୯୩୪ ମସିହା ପବିତ୍ର ଝୁଲଣ ପୂର୍ଣ୍ଣିମା ଦିନ ସେ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରିଥିଲେ। ବାଳକ ରାମଦାସ ନିଜ ଅନୁଗାମୀ ଓ ଭକ୍ତମାନଙ୍କ ସହ ବୃନ୍ଦାବନ, କାଶୀ, ରାମେଶ୍ୱର, ଚିତ୍ରକୂଟ, ମଥୁରା ପରି ଅନେକ ତୀର୍ଥକ୍ଷେତ୍ର ପରିଭ୍ରମଣ କରିବା ପରେ ପୁରୀକୁ ଆଗମନ କରିଥିଲେ। ସେ ମହାପ୍ରଭୁଙ୍କ ଦର୍ଶନ ପାଇବା ପରେ ଭାବତଲ୍ଲୀନ ହୋଇପଡ଼ିଥିଲେ। ପୁରୀକୁ ଯେତେ ସାଧୁସନ୍ଥ ଆସିଛନ୍ତି ସେମାନେ ନିଜ ଧର୍ମ, ମତବାଦ ଓ ସମ୍ପ୍ରଦାୟର ବାର୍ତ୍ତା ପ୍ରଚାର କରିବା ସହ ନିଜର ମଠ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ଶ୍ରୀ ଜଗନ୍ନାଥ ଚେତନା ସମସ୍ତ ସମ୍ପ୍ରଦାୟର ଉର୍ଦ୍ଧ୍ୱରେ ସାମ୍ୟ ଓ ମୈତ୍ରୀର ଦେବତା ରୂପେ ଚିର ଉପାସିତ। ଅନେକ ସାଧୁସନ୍ଥ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ଚିନ୍ତା ଚେତନାରେ ନିଜକୁ ହଜାଇ ଦେଇଛନ୍ତି। ଏହି ଉପସ୍ଥାପନଟି ରଖିବାବେଳେ ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତାମତକୁ ଉଲ୍ଲେଖ କରୁଛୁ 'ଜଗନ୍ନାଥ ଆପଣାର ବିପୁଳ ପ୍ରଭାବରେ ସକଳ ଧର୍ମ ମତବାଦକୁ ଓ ସମସ୍ତ ଆଚାର୍ଯ୍ୟଙ୍କୁ ନିଜର କରିନେଇ ଭାରତୀୟ ବୈଷ୍ଣବ ଧର୍ମ ଇତିହାସରେ ଆପଣାର ସୁବିପୁଳ ପ୍ରଭାବଶାଳୀ ଦୈବତ ମହିମାର ପରାକାଷ୍ଠା ପ୍ରଦର୍ଶନ କରି ସକଳ ଶ୍ରେଣୀର ହିନ୍ଦୁ ଜନତାକୁ ଆପଣାର କରି ନେଇଛନ୍ତି।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,
E-mail : niityou001@gmail.com

# ଶ୍ରୀଜଗନ୍ନାଥ ସଂସ୍କୃତି : ବିଶ୍ୱ ମାନବବାଦ ଓ ସାମାଜିକ ସଦ୍‌ଭାବନାର ପ୍ରତୀକ

**ପ୍ରଫେସର ଡାକ୍ତର ସମ୍ରାଟ କର**

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ। ସମଗ୍ର ବିଶ୍ୱ ଦରବାରରେ ପୂଜ୍ୟ। ସେ ହିଁ ସନାତନ ଏବଂ ସତ୍-ଚିତ୍-ଆନନ୍ଦର ମୂର୍ତ୍ତିମନ୍ତ ପ୍ରତୀକ। ଉତ୍କଳ ଭୂମିର ସେ ହେଉଛନ୍ତି ଉପାସ୍ୟ ଦେବତା। ଓଡ଼ିଶା ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି ଓ ସାହିତ୍ୟ ଏସବୁର ପ୍ରାଣକେନ୍ଦ୍ର ସେ। ଏ ଜାତିର ଜାତୀୟତା, ଓଡ଼ିଆ ଚିନ୍ତାର ଚିନ୍ତନ, ଓଡ଼ିଶାର ବଡ଼ିମା ଓ ଓଡ଼ିଆ ପ୍ରାଣର ଯାହା କିଛି ମାହାତ୍ମ୍ୟ ସବୁ ତାଙ୍କରି ଠାରେ ରୂପାୟିତ। ସେ ହେଉଛନ୍ତି ରହସ୍ୟ। ତାଙ୍କରି ଭିତରେ ଅନେକ ତଥ୍ୟ ରହିଛି।

ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମ ଓ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଇଥାଏ। ଭକ୍ତ ତାଙ୍କୁ ଯେତେବେଳେ ଯେଉଁପରି ଭାବରେ ଡାକିଛି, ଜଗନ୍ନାଥ ତାକୁ ସେତେବେଳେ ସେହି ଭାବରେ ଦର୍ଶନ ଦେଇଛନ୍ତି। କେତେବେଳେ ସେ ଶୂନ୍ୟ ପୁରୁଷ, ଦାରୁବ୍ରହ୍ମ ଜଗନ୍ନାଥ ତ ଆଉ କେତେବେଳେ ରାମ-କୃଷ୍ଣ-ବୁଦ୍ଧ। ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ମତାବଲମ୍ବୀ ଭକ୍ତ, ଦାର୍ଶନିକ ସ୍ୱମତ ପ୍ରଚାର କରିବା ନିମନ୍ତେ ଶ୍ରୀକ୍ଷେତ୍ର ପୁରୀ ଆଗମନ କରି ଜଗନ୍ନାଥ ଧର୍ମ ଦର୍ଶନ ଦ୍ୱାରା ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି। ଶ୍ରୀ ଶଙ୍କର, ରାମାନୁଜ, ବିଷ୍ଣୁ ସ୍ୱାମୀ, ମାଧ୍ୱାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ଗୌଡ଼ୀୟ ଅତିବଡ଼ୀ, ଗାଣପତ୍ୟ, ଅବଧୂତ, କବୀର, ନାନକ, ଅଘୋର ପ୍ରଭୃତି ଅଗଣିତ ଧର୍ମ ସମ୍ପ୍ରଦାୟର ମଠ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳେ। ଏମାନେ ଭାରତର ବିଭିନ୍ନ ପ୍ରାନ୍ତରେ ଆଧ୍ୟାତ୍ମିକ ସଂହତି ସ୍ଥାପନରେ ସହାୟକ ହୋଇ ଅଛନ୍ତି। ଜଗନ୍ନାଥ ସାମ୍ୟ, ମୈତ୍ରୀ, ଶାନ୍ଦ୍ର, କରୁଣା ଓ ସଂହତିର ପ୍ରତୀକ ରୂପେ ବିଦ୍ୟମାନ। ପବିତ୍ର ପୁରୀ କ୍ଷେତ୍ରରେ ଆଚାଣ୍ଡାଳ ବ୍ରାହ୍ମଣ ଜଗନ୍ନାଥଙ୍କ ମହାପ୍ରସାଦ ପାଖରେ ଜାତି ନିର୍ବିଶେଷରେ ଏକତ୍ରିତ ହୁଅନ୍ତି। 'ଲକ୍ଷ୍ମୀ ପୁରାଣ'ରେ ଉଲ୍ଲେଖ ଅଛି - 'ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ, ସମସ୍ତେ ଖାଇବା ହସ୍ତ ଜଳେ ନଧୋଇବେ। ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।'

ଏହି ଜଗନ୍ନାଥଙ୍କ ନିକଟରେ ଦାସିଆ ବାଉରୀ ପରମ ଭକ୍ତ ରୂପେ ଆଦୃତ। ପ୍ରଭୁ ଜଗନ୍ନାଥ ସ୍ୱହସ୍ତରେ ତାରି ଦ୍ୱାରା ପ୍ରେରିତ ନଡ଼ିଆ ଓ ଆମ୍ବ ପରମ ଆନନ୍ଦରେ ଗ୍ରହଣ କରିଛନ୍ତି। ପୁଣି ସେହି ଭକ୍ତ ଜଳ ମଧ୍ୟରେ ଜଗନ୍ନାଥଙ୍କର ଦଶାବତାରର ଅଲୌକିକ ଦୃଶ୍ୟ ଦେଖି ଆତ୍ମବିଭୋର ହୋଇଛି। ଯବନ କବି ସାଲବେଗ ପାଇଁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଅଟକି ଯାଇଛି। ରାମଦାସଙ୍କ ଦାର୍ଢ଼୍ୟତା ଭକ୍ତିରେ ଏହିପରି ବିଭିନ୍ନ ଜାତି ଓ ସଂପ୍ରଦାୟର ଭକ୍ତ ମାନଙ୍କର ଅଲୌକିକ ବର୍ଣ୍ଣନା ସବୁ ଦେଖିବାକୁ ମିଳେ। ଜଗନ୍ନାଥଙ୍କ ଆଗରେ ସମସ୍ତେ ସମାନ। ଭକ୍ତି ଦ୍ୱାରା ସେ କିଣି ହୋଇଯାନ୍ତି। ଜାତି-ବର୍ଣ୍ଣ-ସଂପ୍ରଦାୟର ଭେଦାଭେଦି ଭୁଲି ସବୁ ଭକ୍ତଙ୍କୁ କରୁଣା ପ୍ରଦାନ କରନ୍ତି ଓ ଆପଣାର କରି ନିଅନ୍ତି।


ହିନ୍ଦୁ, ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ ସମେତ ମୁସଲମାନ, ଖ୍ରୀଷ୍ଟିଆନ ପ୍ରଭୃତି ଧର୍ମାବଲମ୍ବୀମାନେ ଭାରତ ବର୍ଷର ସ୍ଥାୟୀ ବାସିନ୍ଦା। ହିନ୍ଦୁମାନେ ଶବର ପୂଜିତ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟ ଦେବତା ରୂପରେ ଗ୍ରହଣ କରିଅଛନ୍ତି। ଜୈନମାନେ ଜଗନ୍ନାଥଙ୍କୁ ନିଜ ଧର୍ମର ଦେବତା ରୂପରେ ମାନ୍ୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ 'କୈବଲ୍ୟ'କୁ ମୁକ୍ତିର ମାର୍ଗରୂପେ ଗ୍ରହଣ କରନ୍ତି। ବୌଦ୍ଧମାନେ ବିଶ୍ୱାସ କରନ୍ତି ସେ, ଜଗନ୍ନାଥଙ୍କ ନାଭି କମଳର ବ୍ରହ୍ମ ବୁଦ୍ଧଦେବଙ୍କ ପବିତ୍ର ଦନ୍ତ ବ୍ୟତୀତ ଅନ୍ୟକିଛି ନୁହେଁ। ଶୈବମାନେ ଶ୍ରୀକ୍ଷେତ୍ରକୁ ଶିବକ୍ଷେତ୍ରରେ ପ୍ରାଧାନ୍ୟ ଦେଇଥାନ୍ତି। ଶାକ୍ତମାନେ କହନ୍ତି, 'ବିମଳା ଭୈରବୀ ଯନ୍ତ୍ର ଜଗନ୍ନାଥସ୍ତୁ ଭୈରବ'। ବୈଷ୍ଣବମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ବିଷ୍ଣୁ। ସେ କେତେବେଳେ ଯମୁନା କୂଳରେ, କଦମ୍ବମୂଳରେ, ତ୍ରିଭଙ୍ଗୀ ଠାଣୀରେ ବଂଶୀଧାରଣ କରିଥିବା ଶ୍ରୀକୃଷ୍ଣତ, ଆଉ କେତେବେଳେ ଶଙ୍ଖ-ଚକ୍ର-ଗଦା-ପଦ୍ମ ଧାରଣକାରୀ ସ୍ୱୟଂବିଷ୍ଣୁ। ସେ ଅବତାରୀ। ଅନ୍ୟମାନେ ଅବତାର। ତେଣୁ ଜଗତର ନାଥ। ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱମାନତାବାଦ, ଧର୍ମୀୟ ଚେତନା, ସାଂସ୍କୃତିକ ସମନ୍ୱୟ ଓ ସାମାଜିକ ସଦଭାବନାର ପ୍ରତୀକ। ଆମେ ଯେତେ କଥା ଜାଣିଲେ ବି ବହୁତ କିଛି ବାକି ରହିଯିବ। ଏହି ସଂସ୍କୃତିର ବ୍ୟାପକତା ହିଁ ଏହାର ବୈଶିଷ୍ଟ୍ୟ ପ୍ରତିପାଦିତ କରେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ନିରବତା : ଦୁଇଟି କାନ ଓ ଗୋଟିଏ ଜିଭ

**କିଶୋର କୁମାର ଜେନା**

ଇଂଲିସ୍ କବି ଡ୍ରାଇଡେଡ୍ କହିଥିଲେ, ଅଧିକ ଗପୁଥିବା ଲୋକେ କମ୍ ଚିନ୍ତା କରନ୍ତି । ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି, 'ଭଗବାନ ଦୁଇଟି କାନ ଓ ଗୋଟିଏ ଜିଭ ଦେଇଛନ୍ତି । ତେଣୁ ଯେତିକି ଶୁଣିବା ତାହାର ଅଧା କହିବା' । ପ୍ରସିଦ୍ଧ ରସିଆନ୍ ଔପନ୍ୟାସିକ ମିଖାଇଲ ସୋଲ୍‌କୋଭଙ୍କ ଏକ ଗଳ୍ପର ମୁଖ୍ୟ ଗୋଟିଏ ଚରିତ୍ର ଗପୁଡ଼ି ସ୍ୱଭାବର । ସୁଯୋଗ ମିଳିବା ମାତ୍ରକେ ଭାଷଣ ଦେବାରେ ଲାଗେ । ପ୍ରତ୍ୟେକ ଥର ଭାଷଣ ଆରମ୍ଭ କରିବା ପୂର୍ବରୁ ଭୂମିକାରେ ସେ କହେ ଭଲ କଥାଟିଏ ଖଣ୍ଡେ ରୂପା ଭଳି ମୂଲ୍ୟବାନ । ତାଙ୍କ ଭାଷଣ ଶୁଣୁଥିବା ଜଣେ ଶ୍ରୋତା ଦିନେ ହଠାତ୍ ଉଠି କହିଲେ, କିନ୍ତୁ ନିରବତା ସୁନା ଭଳି ମୂଲ୍ୟବାନ ତୁମେ ତୁମର ରୂପାକୁ ସୁନାରେ ପରିଣତ କରୁନାହଁ କାହିଁକି ? ଅର୍ଥାତ୍ ନିରର୍ଥକ କଥା ତୁଳନାରେ ନିରବତା ଶ୍ରେୟସ୍କର । ପ୍ରାଚୀନ ଭାରତୀୟମାନେ ମଧ୍ୟ ବାକ୍‌ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ । ବୌଦ୍ଧ ଜାତକର ସୁପ୍ରସିଦ୍ଧ କାହାଣୀଟିଏ ଏହିପରି ବୌଧିସତ୍ତ୍ୱ ଏକଦା ରାଜକୁମାର ରୂପେ ଜନ୍ମ ହୋଇ ସର୍ବଦା ନିରବ ରହୁଥିଲେ । ତାଙ୍କ ଅଭୁତପୂର୍ବ ନିରବତା, ତାଙ୍କ ପିତା-ମାତାଙ୍କୁ ଚିନ୍ତିତ କରି ରଖିଥିଲେ । ଦିନେ ରାଜକୁମାର ରାଜ ଉଦ୍ୟାନରେ ଧ୍ୟାନରତ ଥିଲେ । ତାଙ୍କୁ ଜଗିଥିଲା, ଜଣେ ଦେହରକ୍ଷୀ । ପକ୍ଷୀଟିଏ ଗଛ ଡାଳରେ ଉଚ୍ଚ ସ୍ୱରରେ ରାବିବାକୁ ଲାଗିଲା । ରାଜକୁମାରଙ୍କର ଧ୍ୟାନଭଙ୍ଗ ହେଲାନାହିଁ । ତେବେ ବିରକ୍ତ ହୋଇ ଦେହରକ୍ଷୀ ତୀର ମାରିଲା । ତାର ଲକ୍ଷ୍ୟ ଥିଲା ଅବ୍ୟର୍ଥ । ପକ୍ଷୀଟି ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିଲେ ରାଜକୁମାର । ନିକଟକୁ ଦଉଡିଯାଇ, ଆଉଁସି ପକାଇ କହିଲେ, ହାୟ, କଥା କହିବାରୁ ସିନା ତୁ



ଏଭଳି ଦୁରାବସ୍ଥା ଭୋଗିଲୁ । ଦେହରକ୍ଷୀ ଦଉଡିଯାଇ ରାଜାଙ୍କୁ ସୁ-ଖବର ଶୁଣାଇଲା । ରାଜା ଉଦ୍ୟାନକୁ ଝପଟିଆସି ନିରବରେ ବସିଥିବା ରାଜକୁମାରଙ୍କୁ ଦେଖିଲେ । ହେଲେ ରାଜାଙ୍କ ସମ୍ମୁଖରେ ସେ ମୁହଁ ଖୋଲିଲେ ନାହିଁ । ରାଜା ରାଗିଗଲେ । ରକ୍ଷୀକୁ ମିଥ୍ୟାବାଦୀ ମନେକରି ପ୍ରାଣଦଣ୍ଡ ପାଇଁ ନିର୍ଦ୍ଦେଶ ଦେଲେ । ରକ୍ଷୀଟିକୁ ବଞ୍ଚାଇବାକୁ ଯାଇ ଦ୍ୱିତୀୟ ଥର ପାଇଁ ମୁହଁ ଖୋଲିଲେ ବୋଧିସତ୍ତ୍ୱ - 'କଥା କହିବାରୁ ସିନା ତୋର ଏ ଦଶା ହେଲା ।'

ମୌନ ହିଁ ପରମାତ୍ମା। ମୌନ ହିଁ ଏହି ଦେହ, ମନ, ପ୍ରାଣ ଓ ଇନ୍ଦ୍ରିୟମାନଙ୍କର ଆଧାର। ମୌନ ହେଉଛି ଏହି ଜ୍ଞାନମୟ ବିଶ୍ୱର ପୃଷ୍ଠଭୂମି। ମୌନ ହିଁ ଶକ୍ତି। ମୌନ ଏକ ଜୀବନ୍ତ ଶକ୍ତି। ମୌନ ହିଁ ଏକମାତ୍ର ବାସ୍ତବ ସତ୍ତା। ସକଳ ବୋଧଜ୍ଞାନର ଉର୍ଦ୍ଧ୍ୱରେ ଯେଉଁ ଶାନ୍ତି ଅବସ୍ଥିତ, ତାହା ମୌନ। ଜୀବନର ଅନ୍ତିମ ଲକ୍ଷ୍ୟସ୍ଥଳ ହେଉଛି ମୌନ। ଜୀବନର ଲକ୍ଷ୍ୟ ହେଉଛି ମୌନ। ମୌନ ଲାଭ ଉଦ୍ଦେଶ୍ୟରେ ହିଁ ଆପଣ ଦେହ ଲାଭ କରିଛନ୍ତି। ସକଳ ଶବ୍ଦର, ସମସ୍ତ ରବର ପୃଷ୍ଠଦେଶରେ ରହିଛି ମୌନ, ଯାହା କି ଆପଣଙ୍କର ଅନ୍ତରାତ୍ମା। ଆପଣଙ୍କର ପ୍ରକୃତ ପରିଚୟ ହେଉଛି ମୌନ। ମୌନ ହେଉଛି ସହଜ ଅନ୍ତର୍ଜ୍ଞାନ। ମୌନ ଦ୍ୱାରା ହିଁ ଅନ୍ତରାତ୍ମା ନିଜର ଭାବ ପ୍ରକାଶ କରନ୍ତି। ମୌନରେ ନିମଜ୍ଜିତ ହେବାର ଅର୍ଥ ପରଂବ୍ରହ୍ମରେ ଲୀନ ହୋଇଯିବା। ମୌନ ହେଉଛି ବିସ୍ତୀର୍ଣ୍ଣ ସାହାରା ମରୁରବ ବାଣୀ। ମୌନ ହେଉଛି ସୁତୁଙ୍ଗ ହିମାଳୟର ବାଣୀ। ତୁଷାରାଚ୍ଛନ୍ନ ଗଙ୍ଗୋତ୍ରୀରେ ବା କୈଳାସରେ ଯେଉଁ ସମ୍ପୂର୍ଣ୍ଣ ଉଲଗ୍ନ ଅବଧୂତ ବାସ କରନ୍ତି, ମୌନ ହେଉଛି ତାଙ୍କର ବାଣୀ। ପ୍ରଭୁ ଦକ୍ଷିଣାମୂର୍ତ୍ତି ତାଙ୍କର ଚାରି ଶିଷ୍ୟ ସନକ, ସନାତନ, ସନନ୍ଦନ ଓ ସନତକୁମାରଙ୍କୁ ଯେଉଁ ବାଣୀ ପ୍ରଦାନ କରିଥିଲେ, ତାହା ମୌନ ବା ତୁଷ୍ଣୀଭାବ ଭିନ୍ନ ଅନ୍ୟ କିଛି ନୁହେଁ। ହୃଦୟ ଯେତେବେଳେ ପୂର୍ଣ୍ଣ ହୋଇଯାଏ, ଆପଣ ଯେତେବେଳେ ଆନନ୍ଦରେ ଉତପ୍ଲାବିତ ହୋଇଯାଆନ୍ତି, ସେତେବେଳେ ଆଉ ବାକସ୍ଫୁରଣ ହୁଏନାହିଁ। ସେତେବେଳେ ଆପଣ ମୌନପ୍ରଶାନ୍ତ ହୋଇଯାଆନ୍ତି। ମୌନର ସେ ଯେଉଁ ମହିମା, ତାହା ବର୍ଣ୍ଣନା କରିବାକୁ କାହାର ସାଧ ଅଛି। ନୈରାଶ୍ୟ, ବିଫଳତା, ପରାଭବ ଓ କ୍ଷୟକ୍ଷତିର ଆଘାତରେ ହୃଦୟ ଯେଉଁମାନଙ୍କର ବିକ୍ଷତବିଦୀର୍ଣ୍ଣ, ସେମାନଙ୍କ ପକ୍ଷରେ ମୌନସମାନ ଶତୀଳସଞ୍ଜୀବନୀ ପ୍ରଲେପ ଦ୍ୱିତୟ ଆଉ ନାହିଁ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ ମାନଙ୍କୁ ମୌନତାର ମୂଳ ଭାବାର୍ଥ ଓ ଜୀବନ କ୍ଷେତ୍ରର ତତ୍ତ୍ୱ ନିମିତ୍ତ ମାର୍ଗଦର୍ଶନ କରି କହିଛନ୍ତି 'ଜୀବନର ଝଡ଼ଝଞ୍ଜା, ଦ୍ୱନ୍ଦ୍ୱ, କଳହ ଓ ଗୃହବିବାଦର ଅହରହ ଘାତପ୍ରତିଘାତ ଫଳରେ ସ୍ନାୟୁମଣ୍ଡଳ ଯେଉଁମାନଙ୍କର କ୍ଷତିବିକ୍ଷତ, ସେମାନଙ୍କର ପକ୍ଷରେ ପ୍ରଶାନ୍ତି ବା ନୀରବତା ସମାନ ବେଦନାନିଗ୍ରହ ମହୌଷଧି ଦ୍ୱିତୀୟ ଆଉ ନାହିଁ।' ଆପଣ ଗଭୀର ନିଦ୍ରାରେ ଶୋଇଥିବାବେଳେ ଏହି ମହାନ ମୌନ ସହିତ ଆପଣଙ୍କର ନିବିଡ଼ ସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ କିନ୍ତୁ ସେତେବେଳେ ଆପଣଙ୍କ ଉପରେ ପଡ଼ିଯାଇଥାଏ ଅବିଦ୍ୟାର ଆଚରଣ, ଅଜ୍ଞାନର ଆଚ୍ଛାଦନ। ତଥାପି ଘୋର ନିଦ୍ରାରେ ଆପଣ ସେ ଯେଉଁ ପ୍ରଶାନ୍ତି ଉପଭୋଗ କରନ୍ତି, ନିସ୍ତବ୍ଧ ମଧ୍ୟରାତ୍ରରେ ଆପଣ ସେ ଯେଉଁ ନିରବତା ଉପଲବ୍ଧି କରନ୍ତି, ତାହା ସେହି ମୌନ ମହାସାଗର ବ୍ରହ୍ମଙ୍କର ସତ୍ତାର ହିଁ ପରିଚୟ ଦିଏ।

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭
E-mail : kishorekumarjena.adv@gmail.com

ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ସଫଳତାର ଶୀର୍ଷରେ ଗଣିଆ ବ୍ଲକ ଅଧିନସ୍ଥ ଡ଼ ଆର ସୀ ସାମନ୍ତରାୟ ମହାବିଦ୍ୟାଳୟ

ଗଣିଆ, (ମହାଭାରତ ): ଶିକ୍ଷା ର ମାନ ସବୁବେଳେ ଉଚ୍ଚ କୋଟିର ହେବା ଦରକାର। ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ସହ, ଶାରୀରିକ, ବୌଦ୍ଧିକ, ମାନସିକ ଆଦି ବିକାଶ ମଧ୍ୟ ଦରକାର। ଏ କ୍ରମରେ ଦେଖିଲେ ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ପ୍ରସାଦ ପଞ୍ଚାୟତ ନିକଟରେ ଡ଼. ଆର ସୀ ସାମନ୍ତରାୟ ମହାବିଦ୍ୟାଳୟ ଅବସ୍ଥିତ। ବହୁ ପୁରାତନ ଭାବେ କଲେଜ ଟି ଅବସ୍ଥାପିତ।ଗଣିଆ ବ୍ଲକ ର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଶିକ୍ଷା ସେବା ଯୋଗାଇଆସିଛି। ଛାତ୍ର ଛାତ୍ରୀ ମାନଙ୍କ ର ଶାରୀରିକ, ବୌଦ୍ଧିକ, ମାନସିକ ଦକ୍ଷତା ବିକାଶ କରାଇବା ଏହି ଅନୁଷ୍ଠାନ ର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମୂଳଲକ୍ଷ୍ୟ। ଏ ଅନୁଷ୍ଠାନ ରେ ସମସ୍ତ ପ୍ରକାର ବ୍ୟବସ୍ଥା ରହିଅଛି। ସ୍ମାର୍ଟ କ୍ଲାସ, ସାଇନ୍ସ ଲାବୋରୋଟାରୀ, କେମିଷ୍ଟ୍ରି ଲାବୋରାଟାରୀ,ଉନ୍ନତ ମାନର କମ୍ପ୍ୟୁଟର ଲାବୋରାଟାରୀ,ସମସ୍ତ ପ୍ରକାର ର ସୁବିଧା ସହ ହଷ୍ଟେଲ ମଧ୍ୟ ରହିଅଛି। ଏହାର ଭୌଗଳିକ ପରିବେଶ ଅତି ସୁନ୍ଦର ଓ ଆଧ୍ୟାତ୍ମିକତା ପରିବେଶ ଦୃଷ୍ଟି ରୁ ମଧ୍ୟ ଅତି ଉଚ୍ଚକୋଟୀର। ଯାହାର ପ୍ରତିଫଳନ ଦେଖିବାକୁ ମିଳିଛି ୨୦୨୪-୨୫ ଶିକ୍ଷା ବର୍ଷ ରେ ଛାତ୍ର ଛାତ୍ରୀ ମାନଙ୍କ ର ସଫଳତା ଓ ଅନୁଷ୍ଠାନ ର ସଫଳତା। ତେବେ ବିଜ୍ଞାନ ଶ୍ରେଣୀ ରେ ମୋଟ ୨୨୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୫୮ ଜଣ ଅଧିକାର କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬୩ ଜଣ ଓ ତୃତୀୟ ଶ୍ରେଣୀ ରେ ୬ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେଇଭଳି କଳା ଶ୍ରେଣୀରେ ୯୦ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ରେ ୨୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୯ ଓ ତୃତୀୟ ଶ୍ରେଣୀରେ ୩୦ ଜଣ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ରେ ୫୪୩ ନଂ ରଖି ଆଞ୍ଚଳ ଆଚାର୍ଯ୍ୟ କଲେଜ ଓ ଗଣିଆ ବ୍ଲକ ରେ ପ୍ରଥମ ସ୍ଥାନ ଅଧିକାର ନେଇଥିବା ବେଳେ ୫୩୧ ନଂ ରଖି ସୁନିତା ପାଣି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କଳା ଶ୍ରେଣୀର ରୋଜାଲିନ ମୁଦୁଲି ୫୧୧ ରଖି କଲେଜ ରେ ପ୍ରଥମ ହୋଇଥିବା ବେଳେ ଶୁଭଲକ୍ଷ୍ମୀ ନାୟକ ୫୦୧ ନଂ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ କଲେଜ ତରଫରୁ ଉନ୍ନୀତ ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ ତୋଡ଼ା ଓ ଉତ୍ତରୀୟ ପ୍ରଦାନ ସହିତ ମିଷ୍ଟାନ୍ନ ମଧ୍ୟ ଦିଆଯାଇଥିଲା। ତେବେ ଏକ ଅନୁନ୍ନତ ଅଂଚଳ ରେ ଅବସ୍ଥିତ ହୋଇ ମଧ୍ୟ ଛାତ୍ର ଛାତ୍ରୀ ଙ୍କ ସଫଳତା ଦୃଷ୍ଟି କୋଣରୁ ମହାବିଦ୍ୟାଳୟ ର ନାମ ଆଜି ଶୀର୍ଷ ରେ ପହଁଚିଛି। ଏଣୁ ମହାବିଦ୍ୟାଳୟ ର ଅଧକ୍ଷ ଡ଼. ମଳୟ କୁମାର ପଣ୍ଡା, ଉପାଧକ୍ଷ ଉମାକାନ୍ତ ବେହେରା ଓ ଅଧ୍ୟାପକ ମାନଙ୍କୁ ଅଭିଭାବକ ମାନେ ଧନ୍ୟବାଦ ଜଣାଇଥିଲେ ।

## ବିଦ୍ୟୁତ ତାର ଛିଣ୍ଡି ୨ ବଳଦଙ୍କ ମୃତ୍ୟୁ

ଲାଞ୍ଜିଗଡ, (ମହାଭାରତ ): ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବୋରିଂପଦର ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବୋରିଂପଦର ଗାଁର କମଲୁ ମାଝୀ ଓ ଡମ୍ବା ମାଝୀଙ୍କ ଦୁଇଟି ବଳଦ ବୋରିଂପଦର ନିକଟସ୍ଥ ପିପଲପଡାର ଏକ ପଡିଆରେ ଚରୁଥିବାବେଳେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଛିଣ୍ଡି ପଡ଼ିବାରୁ ଘଟଣାସ୍ଥଳରେ ହିଁ ଦୁଇ ବଳଦଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଖବର ପାଇ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବାବେଳେ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ରୁଦ୍ର ନାରାୟଣ ସାହୁଙ୍କୁ ପଚାରିବାରୁ ଗଛ ଡାଳ ପଡ଼ି ବିଦ୍ୟୁତ ତାର ଛିଣ୍ଡିଯିବାରୁ ଏପରି ଅଭାବନୀୟ ଘଟଣା ଘଟିଛି। ସରକାରଙ୍କ ନୀତି ନିୟମ ଅନୁଯାୟୀ ବଳଦ ମାଲିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲିସେ କହିଛନ୍ତି।

## ଯୁକ୍ତ୨ ବିଜ୍ଞାନରେ ସାଇକୃପା ସାଇନ୍ସ ସେଣ୍ଟରର ସଫଳତା

ବାଲିପାଟଣା, (ମହାଭାରତ ): ବାଲିପାଟଣା ଶିଶୁ ଅନନ୍ତ କଲେଜ ନିକଟରେ ଥିବା ସାଇକୃପା ସାଇନ୍ସ ସେଣ୍ଟରର +୨ ବିଜ୍ଞାନ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ସଫଳତା ହାର ଶତପ୍ରତିଶତ ରହିଛି । ଚଳିତ ବର୍ଷ ଅନୁଷ୍ଠିତ+୨ ବିଜ୍ଞାନ ପରୀକ୍ଷାରେ ଲେବିନା ରାୟ ସାମନ୍ତ ୯୦% ପ୍ରତିଶତ ସହ ୫୪୧ ନମ୍ବର ରଖିଥିବା ବେଳେ ଜ୍ୟୋତିର୍ମୟୀ ବେହେରା ୫୩୧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷାରେ ମୋଟ ୪୨ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୩୬ ଜଣ ପ୍ରଥମ ଶ୍ରେଣୀରେ ଓ ୬ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଫଳାଫଳ ପ୍ରକାଶ ପରେ ଅନୁଷ୍ଠାନ ପରିସରରେ ଅଧ୍ୟାପକ , ଅଧ୍ୟାପିକା ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମହଲରେ ଏକ ଖୁସିର ମାହୋଲ ଦେଖିବାକୁ ମିଳିଛି । ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କ କହିବା ଅନୁସାରେ ଏହି କୋଚିଂ ସେଣ୍ଟର ଟି ଲାଇବ୍ରେରୀ, ଏସି କ୍ଲାସ ରୁମ୍, ସ୍ମାର୍ଟ କ୍ଲାସ, ସାପ୍ତାହିକ ପରୀକ୍ଷା ସହ ବିଦ୍ୟାର୍ଥୀଙ୍କ ପାଇଁ ଏକ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି କରିଛି ଯାହା ସେମାନଙ୍କୁ ପଢ଼ିବା ପାଇଁ ଅଧିକ ଉତ୍ସାହିତ କରୁଛି । ଅଂଚଳର ଶିକ୍ଷାଦାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ତିଆରି କରିବା ଆର୍ଥିକ ଅସୁବିଧାରେ ଶିକ୍ଷାରୁ ବଞ୍ଚିତ ହେଉଥିବା ମେଧା ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରି ସେମାନଙ୍କୁ ମାଗଣା ଶିକ୍ଷାଦାନ କରିବା ଏହି କୋଚିଂ ସେଣ୍ଟରର ଲକ୍ଷ୍ୟ ବୋଲି ଏହାର ମୁଖ୍ୟ ବିଶ୍ୱ ରଞ୍ଜନ ଦାସ କହିଛନ୍ତି। ଏହି ଅବସରରେ ୯୦ %ରୁ ଉର୍ଦ୍ଧ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମାନଙ୍କୁ ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତତ୍ୱ ବିଦ୍ୟା ଭୂଷଣ ଭୋଳ, ଆଶୁତୋଷ ଚୌଧୁରି, ପ୍ରଳୟ ଦାସ ଉତ୍ତରୀୟ ଦେଇ ସମ୍ବୋଧିତ କରିଥିଲେ ! । ଫଳାଫଳ ପ୍ରକାଶ ପାଇବା ପରେ ପ୍ରଫେସର ପି କେ ରାଉତ, ରଶ୍ମିରଞ୍ଜନ ବାରିକ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଋତୁପର୍ଣ୍ଣା ସାହୁ, ସ୍ମୃତିରଞ୍ଜନ ସାହୁ,ଚିତନ୍ ନାୟକ, ରଞ୍ଜିତ ପ୍ରଧାନ, ପାର୍ବତୀ ମୁଦୁଲି, ରମେଶ ଚନ୍ଦ୍ର ସାହୁ, ପ୍ରତ୍ୟୁଷ ସାହୁ,ନଳିନୀ ପଣ୍ଡା ଅଧାପକ ଓ ଅଧାପିକା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାଲିଆଯୋର ଠାରେ ରବି ଋତୁ ମାଣ୍ଡିଆର କ୍ରପ୍ କଟିଂ

କୋକସରା, (ମହାଭାରତ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ଭାଲିଆଯୋର ଗ୍ରାମର ଚାଷୀଙ୍କ କ୍ଷେତରେ ଶୁକ୍ରବାର ରବି ଋତୁ ମାଣ୍ଡିଆ ଚାଷର କ୍ରପ୍ କଟିଂ କରାଯାଇଛି। କୋକସରା ଶ୍ରୀଅନ୍ନ ଅଭିଯାନ ବିପିସି ସୁରେନ୍ଦ୍ର ଯୁଏଡ, ସିଆରପି ହେମାଙ୍ଗୀନି ହଂସ, ହିମାଂଶୁ ମାଝୀ, ସୁଶୀଲ ଭାଟି, ଗୋକୁଳ ଧମାଝୀ, ରାଜେନ୍ଦ୍ର ବାଗ, କୃଷକ ସାଥି ଗଜିନ୍ଦ୍ର ନାଗ ପ୍ରମୁଖଙ୍କ ଉପସ୍ଥିତରେ ଚାଷୀ ବିଶ୍ୱମ୍ବର ନାଏକଙ୍କ ମାଣ୍ଡିଆ କ୍ଷେତ୍ରରେ ୫/୫ ମିଟର ସ୍ଥାନରେ କ୍ରପ୍ କଟିଂ କରାଯାଇଥିଲା। କଟା ଯାଇଥିବା ସବୁଜ ମାଣ୍ଡିଆ ଯାହାର ଓଜନ ପ୍ରାୟ ୧୦ କେଜି ହୋଇଥିଲା। ସ ହାୟକ ସଂସ୍ଥା ଦ ହ୍ୟୁମାନ୍ ଡେଭଲପମେଣ୍ଟ ଓ ଜୟ କୋକସରା ଅର୍ଗାନିକ ଫାର୍ମର ପ୍ରଡୁସର କମ୍ପାନୀ ଲିଂ ପକ୍ଷରୁ ସରକାରୀ ସ୍ତରରେ ଅଞ୍ଚଳର ଚାଷୀମାନଙ୍କୁ ମାଣ୍ଡିଆ ଚାଷ ନିମନ୍ତେ ବିହନ, ବୈଷୟିକ ସହାୟତା ଯୋଗାଇ ଦେବାସହ ଚାଷୀଙ୍କୁ ବ୍ୟାପକ ସଚେତନତା କରାଯାଇଥିଲା। ସୂଚନା ଯେ' ବ୍ଲକର ବଡ଼ପୋଡ଼ାଗୁଡ଼ା, ଆମପାଣି, କାଉଡୋଲା, ଗୋତମୁଣ୍ଡା, ମହିମା ଆଦି ପଞ୍ଚାୟତର ୨୨ ଜଣ ଚାଷୀ ୮ ହେକ୍ଟର ଜମିରେ ମାଣିଆ ଚାଷ କରିଥିଲାବେଳେ ୧୫ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ ରଖାଯାଇଥିଲା। ୨୦୨୫/୨୬ ଖରିଫ୍ ଋତୁରେ ବ୍ଲକର ବିଭିନ୍ନ ପଞ୍ଚାୟତର ୭୪୨ ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ଲକ୍ଷ ରଖାଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଚାଷୀ ମାନଙ୍କୁ ମାଗଣାରେ ବିହନ, ବୈଷୟିକ ସହାୟତା, ବ୍ୟାପକ ସଚେତନତା କରାଯାଇଥିବା ଓ ମଣ୍ଡି ବ୍ୟବସ୍ଥା ଥିବାରୁ ଚାଷୀମାନେ ଉତ୍ସାହିତ ହୋଇ ମାଣ୍ଡିଆ ଚାଷ ଉପରେ ବିଶେଷ ଧ୍ୟାନ ନେଇ ଲାଭବାନ ହେବାର ଲକ୍ଷ ରଖିଛନ୍ତି। କ୍ରପ୍ କଟିଂ ସମୟରେ ସ୍ଥାନୀୟ ଚାଷୀ ବିଶମ୍ଭର ନାଏକ, ଶିବ ପୁଝାରୀ, ବନସିଂ ଧମାଝୀ, ପ୍ରକାଶ ସାହୁ, ଘନଶ୍ୟାମ ପୁଝାରୀ, ରାମଚନ୍ଦ୍ର ଧମାଝୀ, ସୀତାରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରରୁ ଅଳଙ୍କାର ସହ ଟଙ୍କା ଲୁଟ୍

ଦାନଗଦି, (ମହାଭାରତ ): ଦାନଗଦି ବ୍ଲକ କୁମ୍ଭିରଗାଡିଆ ପଂଚାୟତ ରେ କିଛି ଲୁଟେରା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ପଚାଶ ହଜାର ରୁ ଅଧିକ ଟଙ୍କା ଚୋରି ସହ ମହାପ୍ରଭୁଙ୍କ ଅଳଙ୍କାର ଚୋରି ହୋଇଛି। ଗୁରୁବାର ରାତ୍ରୀ ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜଣାପଡିବାପରେ ସକାଳୁ ଯାଜପୁର ଓ ଦାନଗଦି ପୋଲିସ ପହଞ୍ଚି ମନ୍ଦିର ପରିସରରେ ତନାଘନାକରି ସିସିଟିଭି ଜାଞ୍ଚ ପ୍ରକ୍ରିୟା ଜାରିରହିଛି ।କଳିଙ୍ଗନଗର ଦାନଗଦି ଅଞ୍ଚଳରେ ଚୋରି ଛିନତାଇ ଅଗ୍ରାଧିକାର ଥିବାବେଳେ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ଛାଡ଼ିନଥିଲେ ଲୁଟେରା । ରାତି ଅଧରେ ମନ୍ଦିରରୁ ଚୋରି ଘଟଣା ସଭିଙ୍କ ମନରେ ପାପ ଛୁଇଁବାପରି ମନେହେଉଛି। ଚୋରି ଡକାୟତି ରେ ସଂପୂର୍ଣ୍ଣ କଳିଙ୍ଗନଗର ଲିପ୍ତ ଥିବାବେଳେ ଏହା ଏକ ନିନ୍ଦନୀୟ ଘଟଣା।

## ବର୍ଷାରେ କାଦୁଅମୟ ଗ୍ରାମ୍ୟ ଉନ୍ନୟନ ରାସ୍ତା



ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ କାକଟପୁର ବର୍ଡ଼ର କୁହାଯାଉଥିବା ଖଣ୍ଡାସାହି କ୍ଲାସ ରୋଡ଼, ଅତିତରେ ଏହି ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥା ରେ ରହିଥିଲା ମାତ୍ର ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ର ନବୀକରଣ କରିବା ସହ ଜିଉଁନ୍ତି ଛକ ରୁ ଖଣ୍ଡାସାହି ୨ କିଲୋମିଟର ପର୍ଯ୍ୟନ୍ତ ପକ୍କା ପିଚୁ ସଡ଼କ କରିଥିଲେ। ତାଳଦା ଦୀପାଞ୍ଚଳ ବିଜୁ ସେତୁ ପୂର୍ଣ୍ଣାଙ୍ଗ ହେବା ପରେ ଅସ୍ତରଙ୍ଗ କାକଟପୁରକୁ ଆଞ୍ଚଳିକ ଲୋକଙ୍କ ପାଇଁ ଏହି ଗୋଟେ ମାତ୍ର ରାସ୍ତା ସୁବିଧା ଜନକ ଥିଲା। କେବଳ ଆଞ୍ଚଳିକ ନୁହେଁ ବରଂ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲା ଲୋକ ପ୍ରତ୍ୟକ ଦିନ ଏହି ରାସ୍ତାରେ ଯାତାୟାତ କରୁଛନ୍ତି ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ସଡ଼କ ଯୋଜନା ଏଠି କାଦୁଅ ଯୋଜନା ରେ ପରିବର୍ତ୍ତନ ହେଇଛି। ହଁ ଆଜ୍ଞା ଏ କଥା ଆମେ କହୁନୁ କହୁଛି ଆମ କ୍ୟାମେରା ଆଉ ଶୁଭୁଛି ଯାତ୍ରୀଙ୍କ ସ୍ୱର କାକଟପୁର ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ରାସ୍ତା ର ଉଭୟ ପାର୍ଶ୍ୱ ରାଜସ୍ୱ ଅଞ୍ଚଳରୁ ମାଟି ମାଫିଆ ମାନେ ଏତେ ସକ୍ରିୟ ହେଲେ ଉଦୁ ଉଦିଆ ଖରାବେଳେ ଆଉ ମଧ୍ୟ ରାତ୍ର ରେ ଏଠୁ ବିନା ରାଜସ୍ୱ ରୟାଲଟି ରେ ମାଟି ଚୋରା ଚାଲାଣ କଲେ। ଆଉ ଓଭର ଲୋଡ଼ ମାଟି ରାସ୍ତା ରେ ଜମା କଲେ, ପରବର୍ତ୍ତୀ ଅବସ୍ଥା ରେ ଅଦିନିଆ ବର୍ଷା ଏବେ ରାସ୍ତାକୁ ସମ୍ପୂର୍ଣ୍ଣ କାଦୁଅ ମୟ କରିଦେଇଛି। ଯାହାକି ଫଳରେ ଅନେକ ଦୁର୍ଘଟଣାର ଶିକାର ହେଲେଣି କିନ୍ତୁ ପ୍ରଶାସନ ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଦୁର୍ଘଟଣାରେ ଆହତ ହୋଇଛନ୍ତି କିନ୍ତୁ ପ୍ରଶାସନ ବୋଧେ ଏହି କାରଣ ରୁ କିଏ ଆଗକୁ ମୃତ୍ୟୁ ମୁଖକୁ ଯିବ ସେଥିପାଇଁ କୁମ୍ଭକର୍ଣ୍ଣ ନିଦ୍ରା ରେ ଶୋଇଛି କି ? ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ସ୍ଥାନୀୟ ପ୍ରଶାସନ କୁ ତୀବ୍ର ନିନ୍ଦା କରାଯାଇଛି। କିପରି କାହା ଅନୁମତି ରେ ମାଟି ମାଫିଆ ଏତେ ସକ୍ରିୟ ହେଇଛନ୍ତି ? କାହିଁକି ପ୍ରଶାସନ ପାଖରେ ଖବର ନାହିଁ ? ଅନେକ ଦିନ ଧରି ବାରମ୍ବାର ଖବର ହେଉଛି କଣ ପାଇଁ ପଦକ୍ଷେପ ନିଆଯାଉନାହିଁ ? ଏହା ପଛରେ କିଛି ତଳିଆ କର୍ମଚାରୀଙ୍କ ଅନ୍ଧାରି ବିଜେ ହେଉଛି କି ?ଏ ପ୍ରଶ୍ନ ବୁଦ୍ଧିଜୀବୀ ଙ୍କର ଉତ୍ତର ରଖିବେ ପ୍ରଶାସନ, କଥା ରେ ନୁହେଁ କେବଳ କାମ ରେ, କେବେ ନେବେ ପଦକ୍ଷେପ କି ଆଗକୁ ଏହି ରାସ୍ତା ରେ ଭବିଷ୍ୟତ ମୃତ୍ୟୁକୁ ଅପେକ୍ଷା କରିବେ ତାହା ହିଁ ଅପେକ୍ଷା ।

## ଦିବ୍ୟାଙ୍ଗ ଓ ଭତ୍ତାଧାରୀ ବୃଦ୍ଧାଙ୍କ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ



ରାଇରଙ୍ଗପୁର, (ମହାଭାରତ ): ଆଜି କୁସୁମୀ ବ୍ଲକରେ ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ସଭାପତି ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ଦିବ୍ୟାଙ୍ଗ ଓ ଭତ୍ତାଧାରୀ ବୃଦ୍ଧା ଏକ ବିଶାଳ ରାଲି କରି ବ୍ଲକ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଥିଲେ ଦିବା ୧୦ ଘଟିକାରୁ ଦିନ ୧୨:୩୦ ଘଟିକା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିବା ସହିତ ସରକାରଙ୍କ ପାତର ଅନ୍ତର ନୀତି ପାଇଁ ସରକାରଙ୍କ ବିରୁଦ୍ଧରେ ଗର୍ଜିଥିଲେ ଶତାଧିକ ଆଦିବାସୀ ବୃଦ୍ଧା, ଦିବ୍ୟାଙ୍ଗ ଭତ୍ତାଧାରୀ । ଏବେର ସରକାର ସରକାରକୁ ଆସିବା ଆଗରୁ ନିର୍ବାଚନୀ ଇସ୍ତାହାରରେ କହିଥିଲେ ସରକାରକୁ ଆସିଲେ ସମସ୍ତ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ପ୍ରଦାନ କରିବେ ବୋଲି,ସେତେବେଳେ କୌଣସି ସର୍ତ୍ତ ରଖିନଥିଲେ ଯେ ୮୦%ଦିବ୍ୟାଙ୍ଗ ଓ ୮୦ ବର୍ଷ ବୟସ୍କ ବୃଦ୍ଧାଙ୍କୁ ୩୫୦୦ ଭତ୍ତା ପ୍ରଦାନ କରାଯିବ ବୋଲି,ସରକାରଙ୍କ ଏପରି ନିଷ୍ପତ୍ତି ପାଇଁ ରାଜ୍ୟରେ ୮% ଲୋକ ଉପକୃତ ହେଉଥିବା ବେଳେ ବାକି ୯୨% ଭତ୍ତାଧାରୀ ପ୍ରତାରଣାର ଶିକାର ହେଉଛନ୍ତି । ଏବେ ମିଳୁଥିବା ୧୦୦୦ ଟଙ୍କା ଭତ୍ତା ରାଶି ସରକାରଙ୍କୁ ଫେରେଇ ନେବା ପାଇଁ ଦାବି କରିବା ସହିତ ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ୩୦୦୦ ଟଙ୍କା ଲେଖାଏଁ ଭତ୍ତା ରାଶି ପ୍ରଦାନ କରାଇବା ଦାବିରେ ନାରା ବାଜି କରିଥିଲେ, କିନ୍ତୁ ଦୁଃଖର ବିଷୟ ସରକାର ଯେଉଁ ୮୦%ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ୮୦ ବୟସରୁ ଉର୍ଦ୍ଧ୍ୱ ବୃଦ୍ଧା ମାନଙ୍କୁ ଯେଉଁ ୩୫୦୦ ଟଙ୍କା ପ୍ରଦାନ ଆରମ୍ଭ କରିଛନ୍ତି ସେଥିରେ ମୟୂରଭଞ୍ଜ ଜିଲ୍ଲାରୁ ମାତ୍ର ୨୯୧୮ ଭତ୍ତାଧାରୀ ୩୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ ଜିଲ୍ଲାରେ ଭତ୍ତା ପାଉଥିବା ହିତାଧିକାରୀ ୩୫୭୪୪୯ ଥିବା ବେଳେ ୨୯୧୮ ଜଣ ୩୫୦୦ ଟଙ୍କା ପାଉଥିବା ବେଳେ ବାକି ୩୨୮୨୬୧ ଲୋକ ପାଉଛନ୍ତି ୧୦୦୦/୧୨୦୦ ପୁଣି ନୂତନ ଆବେଦନ କାରୀ ମାନଙ୍କୁ ନୂତନ ଭତ୍ତା ପ୍ରଦାନ କରିବାରେ ମଧ୍ୟ ବିଫଳ ହୋଇଛନ୍ତି ପ୍ରଶାସନ ଅଧିକାରୀ, କରିବେତ କରିବେ କୋଣ ଉପରୁ ଯାହା ଯେମିତି ଆସିବ ସେମାନେ ସେମିତି କରିବାକୁ ବାଧ୍ୟ । ସରକାର ଏବେ ଭତ୍ତା ପାଉଥିବା ଲୋକଙ୍କୁ ପ୍ରତାରଣା ଉପରେ ପ୍ରତାରଣା ଦେଇ ଚାଲିଛନ୍ତି ଏପଟେ ସଂଘ ମଧ୍ୟ ଚୁପ ବସିନୀ ପଞ୍ଚାୟତ ସ୍ତରରେ ଆନ୍ଦୋଳନ ଜୋରଦାର ଜାରିରଖିଥିବା ବେଳେ ଆଜି କୁସୁମୀ ବ୍ଲକ ସ୍ତରରେ ସଂଘର ସଭାପତି ଅରୁଣ କୁମାର ବେହେରା ଆନ୍ଦୋଳନ ଆରମ୍ଭ କରିଛନ୍ତି, କହିବା ଅନୁସାରେ ନିର୍ବାଚନ ଇସ୍ତାହାରରେ ବିଜେପି ସରକାର ସରକାର ଗଢିବା ମାତ୍ରେ ସମସ୍ତ ଭତ୍ତାଧାରୀଙ୍କୁ ତୁରନ୍ତ ୩୦୦୦ ଟଙ୍କା ଭତ୍ତା ଟଙ୍କା ପ୍ରଦାନ କରିବ, କିନ୍ତୁ ସରକାର ଗଢିବାର ଏକ ବର୍ଷ ହେବାକୁ ଗଲାଣି କିନ୍ତୁ ଲୋକଙ୍କୁ ଏପର୍ଯ୍ୟନ୍ତ ୩୦୦୦ ଟଙ୍କା ଭତ୍ତା ଟଙ୍କା ପ୍ରଦାନ ନକରି କେବଳ ୮୦% ଦିବ୍ୟାଙ୍ଗ ଓ ୮୦ ବୟସ ବୃଦ୍ଧାଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବାର ନିଷ୍ପତ୍ତିକୁ ବିରୋଧ କରିବା ସହିତ ସମସ୍ତ ଭତ୍ତାଧାରୀ ଲୋକଙ୍କୁ ୩୦୦୦ ଟଙ୍କା ଭତ୍ତା ଟଙ୍କା ପ୍ରଦାନ ନକରିବା ପର୍ଯ୍ୟନ୍ତ ଆମେ ଚୁପ ବସିବୁନି କି ସରକାରଙ୍କୁ ଶାନ୍ତିରେ ବସିବାକୁ ଦେବୁନି । କାରଣ ଆମେ ମାଗିନଥିଲୁ ତୁମେ ଦେବ ବୋଲି ପ୍ରତିଶ୍ରୁତି ଦେଇ ଭୋଟ ନେଇ ସରକାର କରିଥିଲ କହି ସରକାରଙ୍କ ବିରଧରେ ସ୍ୱର ଉତ୍ତୋଳନ କରିଥିଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବା ସହିତ ସରକାର କିପରି ସମସ୍ତଙ୍କୁ ୩୦୦୦ ଟଙ୍କା ପ୍ରଦାନ କରିବେ ସେଥିପାଇଁ ପ୍ରୟାସ ଜାରି ରହିବ ବୋଲି ଅରୁଣ ବେହେରା କହିଛନ୍ତି, ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁସୁମୀ ଗୋଷ୍ଠିଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା,ଏଥିରେ ଖେଲାରାମ ହେମ୍ବ୍ରମ୍, ବିରେନ୍ଦ୍ର ନାଥ ମହାନ୍ତ,ରଘୁବର ଦାସ,ଅଜୟ କୁମାର ବେହେରା,ଚୁନୁରାମ ମାଝୀ, ଶତ୍ରୁଘନ ମହାକୁଡ଼, ଶରତ କୁମାର ବାରିକ,ରଘୁନାଥ ସରେନ, ସୁମିତ ଟୁଡୁ, ଲେଧ୍ରା ମାଝୀ, ଶକୁନ୍ତଳା ନାୟକ, ସାବିତ୍ରୀ ସିଂ, ସମାଜସେବୀ ତାପସ୍ୱିନୀ ରଣା ଉପସ୍ଥିତ ଥିଲେ।

## ଫୁଟିଲା ବ୍ରହ୍ମ କମଳ; ଅର୍ପଣ ହେଲା ଦେବତାଙ୍କୁ

ଅସ୍ତରଙ୍ଗ, (ମହାଭାରତ ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ ଗ୍ରାମର ମାଧବାନନ୍ଦ ବାରିକ୍ଙ୍କ ଅଗଣାରେ ବୁଧବାର ରାତିରେ ଦୁଇଟି ଦୁର୍ଲଭ ଦେବପୁଷ୍ପ ବ୍ରହ୍ମକମଳ ଫୁଟିଥିଲା । ବ୍ରହ୍ମ କମଳ ଫୁଟିବା ଶୁଣି ଏହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳରୁ ଲୋକଙ୍କର ଭିଡ ଜମିଥିଲା ।ପରେ ଫୁଲ ଗଛ ମୂଳରେ ପ୍ରଦୀପ ପ୍ରଜ୍ୱଳନ ସହ ନାମସଂକୀର୍ତ୍ତନ ଓ ଭଜନ ଆରମ୍ଭ ହୋଇଥିଲା ।ଏହି ଫୁଲକୁ ଦେଖିବାକୁ ବହୁ ଲୋକ ରୁଣ୍ଡ ହେବା ବେଳେ ମୁଣ୍ଡିଆ ମାରି ଆର୍ଶୀବାଦ କାମନା କରିଥିଲେ । ରାତି ୧୦ ଟାରେ ଦୁଇଟିଯାକ ଫୁଲ ସମ୍ପୂର୍ଣ୍ଣ ଭାବେ ଫୁଟିଲା ପରେ ସଂକୀର୍ତ୍ତନ ମଣ୍ଡଳୀ ସହ ଯାଇ ଦେବ ମନ୍ଦିରରେ ଲାଗିହୋଇଥିଲା । ଗୋଟିଏ ଫୁଲକୁ ପ୍ରଥମେ ନୂଆଗଡ ଗ୍ରାମର ପ୍ରଭୁ ଧବଳେଶ୍ୱରଙ୍କ ନିକଟରେ ଏବଂ ଅନ୍ୟଟି ପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରାଯାଇଥିଲା। ସୂଚନାନୁସରେ ଏହା ଏକ ଦୁର୍ଲଭ ପୁଷ୍ପ ଅଟେ ଏହି ଫୁଲଟି ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅତି ପ୍ରିୟ ଫୁଲ ଅଟେ ।

## ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ




ରାୟଗଡ/ ଗୁଣପୁର, (ମହାଭାରତ ): ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଓ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ଭଲପାଇ ବିବାହ କରିବା ଓ ମାତୃତ୍ୱ ଲାଭ କରିବା ଦେଖିବାକୁ ମିଳୁଥିବାରୁ ଏହାକୁ ରୋକିବା ପାଇଁ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା । ବାଲ୍ୟ ବିବାହ ରୋକିବା, ବାଲ୍ୟ ବିବାହ ଜନିତ କୁପ୍ରଭାବ ଯୋଗୁଁ ମା ଓ ଶିଶୁ ଜୀବନ ପ୍ରତି ବିପଦ ଥିବା ଆଦି ବିଷୟରେ ସଚେତନତା କରାଯାଇଥିଲା । ଶିଶୁଟିଏ ହସିଲେ ଦେଶ ହସିବ, ଆଜିର ଦିନଟି ଶିଶୁଙ୍କ ପାଇଁ ଉତ୍ସର୍ଗୀକୃତ, ଶିଶୁଙ୍କ ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସେଥିପାଇଁ ଶିଶୁ ବିକାଶ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଗୁଣପୁର ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦର ମୁଖ୍ୟ ଅତିଥି, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶାଶ୍ୱତ ପରିଡା, ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ କଳ୍ପନା ମହାଙ୍କୁଡ଼, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଭାରପ୍ରାପ୍ତ ପଞ୍ଚାୟତ ଉନ୍ନୟନ ଅଧିକାରୀ ପି ଦିବାକର, ମାଝୀଗୌରୀ ଇଇଙ୍ଗ ସମ୍ପାଦକ ପିଙ୍କି ମହାପାତ୍ର, ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ, ସମସ୍ତ ମହାବିଦ୍ୟାଳୟର ଅଧକ୍ଷ, ଅଧକ୍ଷା, ଛାତ୍ରୀନିବାସର ମେଟ୍ରୋନ, ସମସ୍ତ ପଂଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟ କର୍ମୀ, ପଂଚାୟତରାଜ ସଦସ୍ୟ, ଟେଣ୍ଟ ହାଉସ ମାଲିକ ଉପସ୍ଥିତ ଥିଲେ ।

## ବୃତ୍ତିଗତ ବ୍ୟାଙ୍କିଙ୍ଗ ଏବଂ ବୀମା ସଶକ୍ତିକରଣ ସମ୍ପର୍କୀୟ ବିକାଶ କାର୍ଯ୍ୟକ୍ରମ

ଗୁଣୁପୁର, (ମହାଭାରତ ): ଆଜି ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱ ବିଦ୍ୟାଳୟର ସ୍କୁଲ୍ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ବୃତ୍ତିଗତ ବ୍ୟାଙ୍କିଙ୍ଗ ଏବଂ ବୀମା ସଶକ୍ତିକରଣ ଆଧାରିତ ପରିଚାଳନା ବିକାଶ କାର୍ଯ୍ୟକ୍ରମ 'ରଣନୈତିକ ବିକ୍ରୟ ଦକ୍ଷତା' ସମ୍ପର୍କୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ସାଧନ ବ୍ୟକ୍ତି ଭାବେ ଭୁବନ ମୋହନ ବସ୍ତିଆ ଯୋଗଦେଇ ଉନ୍ନତ ବିକ୍ରୟ ପ୍ରଣାଳୀ, ଗ୍ରାହକ ଆନ୍ଦୋଳନ ରଣନୀତି ଓ ବର୍ତ୍ତମାନର ବଜାର ଅନୁକୂଳତା ବିଷୟରେ କହିବା ସହ ବ୍ୟାଙ୍କିଙ୍ଗ ଏବଂ ବୀମା କ୍ଷେତ୍ରରେ କାର୍ଯ୍ୟରତ ବୃତ୍ତିଗତ ବ୍ୟକ୍ତିମାନଙ୍କ ମଧ୍ୟରେ ରଣନୈତିକ ବିକ୍ରୟ କୌଶଳ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର କୌଶଳ ବିଷୟରେ କହିଥିଲେ। । ସମ୍ମାନୀୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏ ଭି ଏନ ଏଲ ଶର୍ମା, ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ର ଡିନ ଡ. ତୁଲୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ। ବିଭାଗର ମୁଖ୍ୟ ଡ ସୌମେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣୁପୁର ଅଞ୍ଚଳର ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡି କ୍ରେଡେଲ ବେବି ପଏଣ୍ଟରୁ ଶିଶୁ ପୁତ୍ର ଉଦ୍ଧାର

ଗଜପତି, (ମହାଭାରତ ): ଗଜପତି ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ରେଡେଲ ବେବି ପଏଣ୍ଟରୁ ଏକ ପୁତ୍ର ଶିଶୁ ଉଦ୍ଧାର କରାଯାଇଛି। ସୂଚନା ପ୍ରକାରେ ଆଜି ଦିବା ପ୍ରାୟ ୧୧ ଘଣ୍ଟିକା ସମୟରେ ୧ ବର୍ଷରୁ ଉର୍ଦ୍ଧ ଶିଶୁ ପୁତ୍ରକୁ କେହି ଅଜଣା ବ୍ୟକ୍ତି ପରିତ୍ୟକ୍ତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ରେଡେଲ ବେବି ପଏଣ୍ଟରେ ଛାଡ଼ି ଚାଲିଯାଇଥିଲେ। ସେହି ସମୟରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମୀ କୌଣସି କାର୍ଯ୍ୟ ବଶତଃ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ। ଶିଶୁଟିର କାନ୍ଦ ଶୁଣି, ଶିଶୁଟି କାହାର ବୋଲି ପଚରା ଉଚୁରା କରିଥିଲେ କିନ୍ତୁ କୌଣସି ବ୍ୟକ୍ତିଙ୍କୁ ପାଇଲେ ନାହିଁ। ପରବର୍ତ୍ତି ସମୟରେ ଉକ୍ତ ଶିଶୁଙ୍କୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମୀ ଶିଶୁ ମଙ୍ଗଳ ସମିତିଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହିତ ତୁରନ୍ତ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ । ଆପଣମାନେ ଜାଣିଥିବେ ପରିତ୍ୟକ୍ତ ଶିଶୁ ର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ କିଛି ନୁଆ ପଦକ୍ଷେପ ନେଇଥିଲା ଯାହାକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କାର୍ଯ୍ୟାଳୟ ବାହାରେ କ୍ରେଡ଼େଲ୍ ବେବି ପଏଣ୍ଟ ସ୍ଥାପନ କରାଯାଇଛି । ଯେଉଁ ବ୍ୟକ୍ତି ତାହାର ଶିଶୁର ଯତ୍ନ ଓ ସୁରକ୍ଷା ନେବେ ନାହିଁ ସେହି ବ୍ୟକ୍ତି ଶିଶୁକୁ ବାହାରେ ଫୋପାଡି ନଦେଇ ଏହି କ୍ରେଡ଼େଲ୍ ବେବି ପଏଣ୍ଟ ରେ ସୁରକ୍ଷିତ ଭାବେ ଛାଡ଼ି ବେଲ୍ ବଜାଇବେ । ଉକ୍ତ ଅନୁଷ୍ଠାନର ଆଶୁ ଚିକିତ୍ସା ୱାର୍ଡ଼ ରେ କାର୍ଯ୍ୟରତ ଥିବା କର୍ମଚାରୀ ଶିଶୁକୁ ଉଦ୍ଧାର କରିବେ । ପ୍ରକାଶ ଥାଉକି ଏହି କ୍ରେଡ଼ଲ୍ ବେବି ପଏଣ୍ଟ ମାଧ୍ୟମରେ ପ୍ରଥମ ପରିତ୍ୟକ୍ତ ଶିଶୁ ଗଜପତିରୁ ଉଦ୍ଧାର ହୋଇଛି ।

## ଔଷଧୀୟ ମଶାରୀ ବଣ୍ଟନରେ ବିଳମ୍ବ, ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି




କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମ୍ୟାଲେରିଆ ପ୍ରବଣ ଅଂଚଳ ଭାବେ ପରିଗଣିତ ହେଉଥିବା ବେଳେ ପୂର୍ବରୁ ଅଞ୍ଚଳର ଗ୍ରାମବାସୀ ମ୍ୟାଲେରିଆ ଜ୍ୱର ତଥା ବ୍ରେନ ମ୍ୟାଲେରିଆ ଆଦିରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବାର ନଜିର ରହିଛି। ମ୍ୟାଲେରିଆ ଜ୍ୱରର ସରକାରଙ୍କ ପକ୍ଷରୁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସେମାନଙ୍କୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା ଏବଂ ଏହାର ଔଷଧୀୟ ଗୁଣ ସ୍ୱରୂପ ଉକ୍ତ ମଶାରୀରେ ମଶା ବସି ପାରୁ ନ ଥିଲେ, ଯାହାଫଳରେ ଜନସାଧାରଣ ନିରାପଦରେ ମଶାରୀ ଭିତରେ ଶୋଇ ପାରୁଥିଲେ। ଏଠାରେ ପ୍ରକାଶ ଥାଉ କି ଗତ ୨୦୧୯-୨୦ ମସିହାରେ ସରକାରଙ୍କ ପକ୍ଷରୁ ଔଷଧ ବୋଳା ମଶାରୀ ବଣ୍ଟନ କରାଯାଇଥିଲା। ତେବେ ୪ ବର୍ଷ ହେବାକୁ ବସିଲାଣି ମଶାରି ବଣ୍ଟନ ହୋଇଥିଲା ଫଳରେ ସେ ମଶାରି ନଷ୍ଟ ହୋଇଯିବା ଫଳରେ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଆଶଙ୍କା ଦେଖାଦେଇଛି। ସୂଚନା ରୁ ପ୍ରକାଶ ଯେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୮ ମାସ ପୂର୍ବରୁ ବଣ୍ଟନ ପାଇଁ ଆସି ଥିବା ଔଷଧୀୟ ମଶାରୀ ବଣ୍ଟନ ନ ହୋଇ ଗୋଦାମ ଗୃହରେ ପଡି ରହିଛି ।ଅପରପକ୍ଷରେ ଠାକୁରମୁଣ୍ଡା ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଗତ ମାର୍ଚ୍ଚ ମାସରେ ଠାକୁରମୁଣ୍ଡା ବ୍ଲକ ରେ ୩୩ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏପ୍ରିଲ ମାସରେ ୮୪ ଜଣ ଚିହ୍ନଟ ହୋଇଛନ୍ତି ।ମେ ମାସ ଶେଷ ସପ୍ତାହ ପୂର୍ବରୁ ୧୦୦ ମ୍ୟାଲେରିଆ ଆକ୍ରାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ ରେ ଚିହ୍ନଟ ହୋଇ ସାରିଲେଣି। ଦୀର୍ଘ ବର୍ଷ ପୂର୍ବରୁ ଠାକୁରମୁଣ୍ଡା ବ୍ଲକ ଏକ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିରାକରଣ ପାଇଁ ପ୍ରତି ଗ୍ରାମରେ ମଶାରୀ ବଣ୍ଟନ ସହିତ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଅକ୍ଲାନ୍ତ ପରିଶ୍ରମ କରି ଲୋକ ମାନଙ୍କୁ ସଚେତନତା ସୃଷ୍ଟି କରିଥିଲେ ।ଫଳରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା କମି ଯିବା ସହିତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ନଗଣ୍ୟ ହୋଇ ଯାଇଥିଲା। ଗତ ୨୦୨୦ ମସିହା ରେ ଔଷଧୀୟ ମଶାରୀ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ବଣ୍ଟନ ହୋଇଥିବା ବେଳେ ୪ ବର୍ଷ ପରେ ବଣ୍ଟନ ହେବାକୁ ଆସିଥିବା ମସାରି ବଣ୍ଟନ ନ ହୋଇ ଗଛିତ ହୋଇ ରହିଛି। ବର୍ଷା ଦିନ ଆସିବାକୁ ଥିବା ବେଳେ ବର୍ଷା ଦିନରେ ମଶାଙ୍କ ସଂଖ୍ୟା ବୃଦ୍ଧି ଘଟି ଥାଏ ।ଫଳରେ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସିଥିବା ମୋଟ ୮୭ ହଜାର ୪୪୫ ଟି ମଶାରୀ ବଣ୍ଟନ ନ ହୋଇ ପଡି ରହିବା ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି। ଏଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ମଶାରୀ ବଣ୍ଟନ କରିବାକୁ ଦାବୀ ହେଉଛି ।ମାତ୍ର ବ୍ଲକରେ ଏ ପର୍ଯ୍ୟନ୍ତ ମଶାରୀ ବଣ୍ଟନ ନ ହେବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଗାଧେଇବା ସମୟରେ ନଦି ରେ ବୁଡି ଜେଜେ ନାତି ମୃତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ସହାରଡା ଫାଣ୍ଡି ଅନ୍ତର୍ଗତ ସିଲିପଦା ଜେନାସାହି ର ଜେଜେ,ନାତି ଙ୍କ ନଦି ରେ ଗାଧେଇବା ସମୟରେ ମୃତ୍ୟୁ ଘଟିଛି। ସୂଚନା ରୁ ପ୍ରକାଶ ଶୁକ୍ରବାର ଦିନ ବାସୁଦେବ ମହାନ୍ତ ଙ୍କ ସାନପୁଅ ପିତାମ୍ବର ମହାନ୍ତ ଙ୍କ ପୁଅ ଦିବ୍ୟାଂଶୁ ର ଜନ୍ମଦିନ ରହିଥିବା ବେଳେ ଜେଜେ ବାସୁଦେବ ମହାନ୍ତ ବଡପୁଅ କମଳାକାନ୍ତ ମହାନ୍ତ ପୁଅ ଡେନିଏଲ ମହାନ୍ତ ଙ୍କୁ ନେଇ ସିଲିପଦା ଗାଁ ନିକଟ ବୈତରଣୀ ନଦିକୁ ଗାଧେଇବାକୁ ଯାଇଥିଲେ। ନଦୀରେ ଗାଧେଇବା ସମୟରେ ଦିବ୍ୟାଂଶୁ ପାଣିରେ ବୁଡ଼ିଯାଉ ଥିବା ଦେଖି ତାକୁ ଉଦ୍ଧାର କରିବାକୁ ଯାଇ ଜେଜେ ଓ ନାତି ପାଣି ରେ ବୁଡ଼ିଯାଇ ଥିଲେ। ଏହା ଦେଖି ଅନ୍ୟ ନାତି ନଦୀ ଆଖପାଖ ଲୋକ ଙ୍କୁ ପାଣି ବୁଡ଼ିଯାଇ ଥିବା କହିଥିଲେ ।ସ୍ଥାନୀୟ ଲୋକେ ନଦୀ ଭିତର କୁ ଯାଇ ଦୁହିଁ ଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଜେଜେ ବାସୁଦେବ ମହାନ୍ତ ଙ୍କ ମୃତ୍ୟୁ ଘଟି ଥିବା ବେଳେ ନାତି ଦିବ୍ୟାଂଶୁ ର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ରୁ ଡକ୍ଟର ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଙ୍କୁ ସ୍ଥାନାନ୍ତରିତ କରାଯାଇ ଥିଲେ। ମୁଖ୍ୟ ମୁଖ୍ୟ ଚିକିତ୍ସାଳୟ ରେ ଶିଶୁପୁତ୍ର ଦିବ୍ୟାଂଶୁ ମହାନ୍ତ ର ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡିଛି।

## ଦୁଇ ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ

ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ପୌରଳିକା ରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି ପ୍ରତେକ ଦିନ ଏଠାରେ କିଛିନା କିଛି ଚୋରି ହେଉଅଛି କେତେବେଳେ ମୋବାଇଲ୍ ତ ଆଉ କେତେବେଳେ ସୁନାଚେନ ଚୋରି ହେଉଅଛି ହେଲେ ଚୋର ଧରାପଡୁ ନାହାନ୍ତି । ସେହିପରି ଆଜି ସକାଳେ ୯ ନଂ ୱାର୍ଡ ଯୋଡା ଟାଟା କମ୍ପାନୀ କଲୋନୀ ନିକଟରୁ ଦୁଇ ଜଣ ଦୁର୍ବୃର୍ତ୍ତ ଜଣେ ମହିଳା ଙ୍କ ବେକ ରୁ ସୁନା ଚେନ ଲୁଟ କରି ଥିବା ଅଭିଯୋଗ ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ,ସ୍ଥାନୀୟ କଲୋନୀ ର ରବୀନ୍ଦ୍ର ନାଥ ଦାସ ଙ୍କ ସ୍ତ୍ରୀ ଅର୍ଚ୍ଚନା ଦାସ ପ୍ରତି ଦିନ ପରି ଶୁକ୍ରବାର ଭୋର୍ ସମୟ ରେ ଉକ୍ତ କଲୋନୀ ରେ ଥିବା ଫୁଲ ଗଛରୁ ଫୁଲ ତୋଡ଼ିବା ପାଇଁ ଯାଇଥିଲେ। ଫୁଲ ତୋଳିବା ସମୟରେ ପଛ ପାର୍ଶ୍ୱ ରୁ ମହିଳା ଙ୍କ ବେକରୁ ସୁନା ଚେନ ଲୁଟ କରିଥିଲେ ।ତେବେ ଏହି ସମୟରେ ମହିଳା ଜଣକ ସୁନା ଚେନ କୁ ଧରି ପକାଇବା ବେଳେ ଦୁର୍ବୃର୍ତ୍ତ ଜଣକ ଫଟଲେ ସୁନା ଚେନ ଧରି ଦୌଡ଼ି ପଳାଇଥିଲେ । କିଛି ଦୂର ରେ ତାଙ୍କ ସହଯୋଗୀ ଜଣକ ଏକ ବାଇକ୍ ରେ ଥିଲେ। ଉକ୍ତ ବାଇକ୍ ରେ ବସି ଦୁର୍ବୃର୍ତ୍ତ ମାନେ ସେଠାରୁ ପଳାଇ ଯାଇଥିଲେ । ଏ ନେଇ ଯୋଡା ପୋଲିସ କୁ ଜଣାଇବା ପରେ ଘଟଣାସ୍ଥଳ ରେ ପୋଲିସ ପହଂଚି ଉକ୍ତ ଟାଟା କଲୋନୀ ରେ ଲାଗିଥିବା ସି ସି କ୍ୟାମେରା ର ଫୁଟେଜ ଯାଞ୍ଚ କରିଥିଲା ।ସେହିପରି ଯୋଡା ୩ ନଂ ୱାର୍ଡ ହୁଡି ସାହି ରେ ମଧ୍ୟ ସମାନ ଘଟଣା ଘଟିଛି ।ବିଚିତ୍ରୟ ନନ୍ଦ ମହାନ୍ତି ଙ୍କ ସ୍ତ୍ରୀ ମମତା ମଞ୍ଜରୀ ମହାନ୍ତି ଭୋର୍ ପ୍ରାୟ ୫.୪୫ମିନିଟ ସମୟରେ ଫୁଲ ତୋଳିବା ସମୟରେ ସମ୍ମୁଖ ରୁ ମମତା ଙ୍କୁ ଧକ୍କା ଦେଇ ତାଙ୍କ ବେକ ରୁ ସୁନା ଚେନ ଚେନ ଛଡ଼ାଇ ନେଇଥିଲେ ।ସୁନା ଚେନ ଛଡାଇ ବା ସମୟରେ ତାଙ୍କୁ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ତଳେ ପଡ଼ିବା ସମୟରେ ସେ ବହୁ ଚିତ୍କାର କରିଥିଲେ ହେଁ କେହି ଶୁଣି ନ ଥିଲେ । ଦୁର୍ବୃର୍ତ୍ତ ଜଣକ ସୁନା ଚେନ ଲୁଟ କରି ଦୂର ରେ ବାଇକ୍ ରେ ଥିବା ତାଙ୍କ ସହଯୋଗୀ ଙ୍କ ବାଇକ୍ ରେ ବସି ଫେରାର ହୋଇ ଯାଇଥିଲେ।ମମତା ଙ୍କ ସ୍ୱାମୀ ବିଚିତ୍ରୟ ନନ୍ଦ ମଧ୍ୟ ଏ ନେଇ ଯୋଡା ପୋଲିସ କୁ ଜଣାଇଥିଲେ ।ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିବା ସେ କହିଛନ୍ତି ।ଏଠାରେ ସୂଚନା ଯୋଗ୍ୟ କି,ଗତ ତା ୫/୦୫/୨୦୨୫ ରିଖରେ କୁନ୍ଦୁରୁ ନାଲ। ରୁ ପ୍ରାତଃ ଭ୍ରମଣ ରେ ଉକ୍ତ କଲୋନୀ କୁ ଯାଇଥିବା ବେଳେ ଶୁଭୟବତି ସିଂ ନାମ୍ନୀ ମହିଳା ଙ୍କ ବେକ ରୁ ସୁନା ଚେନ ଲୁଟି ନେଇଥିଲେ ।ପୋଲିସ ଏହି ଘଟଣା ର କୌଣସି ସୁରାକ ପାଉ ନ ଥିବା ବେଳେ ଯୋଡା ସହର ରେ ଏହିଭଳି ଲୁଟ ଘଟଣା ଘଟିବାରେ ଲାଗିଛି।

## ବିଶ୍ୱ କଇଁଛ ଦିବସ ପାଳିତ

ଗୁରୁଡିଝାଟିଆ: କଇଁଛ ପ୍ରକୃତି ଓ ପରିବେଶ ର ସୁସ୍ଥ ଭାରସାମ୍ୟ ରକ୍ଷା କରିଥାଏ। ନଦୀ ଜ କୁ ପରିଷ୍କାର କରି ମାନବ ସମାଜର ଉପକାର କରିଥାଏ ବୋଲି ବିଶ୍ୱ କଇଁଛ ଦିବସ ପାଳନ ସଚେତନତା କାର୍ଯ୍ୟକ୍ରମରେ ପରିବେଶବିତ ଶ୍ୱେତକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ଏହାସହ ମହାନଦୀ ର ଧବଳେଶ୍ୱର ଠାରୁ କଖଡି ମଧ୍ୟରେ କଇଁଛ ଓ ପାଣି ଚିରି ପକ୍ଷୀଙ୍କ ସହାବସ୍ଥାନ ଉ□ମ ପରିବେଶ ରହିଛି ବୋଲି କହିଥିଲେ ।କଖଡି ପଞ୍ଚାୟତ ଅନ୍ତର୍ଗତ ବିଦ୍ୟାଧରପୁର ଗାଁ ମତ୍ସ୍ୟଜୀବୀ ସମବାୟ ସମିତି କୋଠ ଘର ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଅଧ୍ୟକ୍ଷତା କରି କଇଁଛ ଓ ପାଣି ଚିରି ପକ୍ଷୀ ଏବେ ବିଦ୍ୟାଧରପୁର ଓ ଲିଙ୍ଗାପଦା ଗାଁ ନିକଟସ୍ଥ ମହାନଦୀ ମଧ୍ୟସ୍ଥ ବାଲୁକା ରାଶି ରହିଛନ୍ତି। ଏହାର ସୁରକ୍ଷା ଆମ ସମସ୍ତ ଙ୍କ କର୍ତ୍ତବ୍ୟ ବୋଲି କହିବା ଏଥିରେ କୈବର୍ତ୍ତ ସମାଜର ଭୂମିକା ବଳିଷ୍ଠ ବୋଲି କହିଥିଲେ। ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ବୈକୁଣ୍ଠ ସୁତାର ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ କଇଁଛ ଓ ପାଣି ଚିରି ପକ୍ଷୀ ସୁରକ୍ଷା ଓ ସଚେତନତା ପାଇଁ ସମିତି ପକ୍ଷରୁ ପଦକ୍ଷେପ ସମ୍ପର୍କ ରେ କହିଥିଲେ। ଅନୁଷ୍ଠାନ ର ସମ୍ପାଦକ ଆକୁଳାନନ୍ଦ ଖଟୁଆ,ଗୋବିନ୍ଦ ଦଳାଇ,କ୍ଷିରୋଦ ବେହେରା,ନୀଳମଣି ମାଝୀ,ରବି ତରାଇ,ନବୀନ ସୁତାର,ଶଙ୍କର ସୁତାର,ବାଦଲ ସୁତାର ଓ ନାରାୟଣ ସୁତାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବନରକ୍ଷୀ ରମାକାନ୍ତ ବଳବନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦକ୍ଷିଣ କେନାଲ ପାଇପଲାଇନ କର୍ମଚାରୀଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

ଆଠଗଡ଼: ଆଠଗଡ଼ରେ କାର୍ଯ୍ୟରତ ରେଙ୍ଗାଲି ଦକ୍ଷିଣ କେନାଲ ପାଇପଲାଇନ କାମରେ ନିୟୋଜିତ ଠିକାସଂସ୍ଥାର କର୍ମଚାରୀଙ୍କୁ ଦାଦା ବଟି ପାଇଁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବିବରଣୀରୁ ପ୍ରକାଶ ଯେ, ବୁଧବାର ଅପରାହ୍ନରେ ଆଠଗଡ଼ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର(ସୋଲଗାଡିଆ) ରାସ୍ତା କଡରେ ପାଇପଲାଇନ ବିଛା କାର୍ଯ୍ୟ ହେଉଥିଲା। କାମ ନେଇଥିବା ଠିକା ସଂସ୍ଥା ଗୁରୁ ମହାରାଜା ଇଞ୍ଜିକମର ପ୍ରକଳ୍ପ ପରିଚାଳକ ତୁଷାରକାନ୍ତ ବିଶ୍ୱାଳ ଓ ତାଙ୍କର ଆଠ ଜଣ ସହଯୋଗୀ କାର୍ଯ୍ୟର ତଦାରଖ କରୁଥିଲେ। ସେତିକି ବେଳେ କିଛି ଯୁବକ ହଠାତ ଆସି ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ବିଧାୟକଙ୍କୁ ନ ପଚାରି କେମିତି କାମ କରୁଛ ବୋଲି ପଚାରିବା ସହ ଦାଦା ଏକ ଲକ୍ଷ ଟଙ୍କା ବଟି ମାଗିଥିଲେ। ତୁଷାରକାନ୍ତ ଦେବା ପାଇଁ ଅସମର୍ଥ ବୋଲି କହିବାରେ ସେମାନେ ତାଙ୍କ ଉପରେ ଆକ୍ରମଣ କରି ନଗଦ ୨୦ ହଜାର ଟଙ୍କା ଛଡାଇ ନେଇଥିଲେ। ସେହିପରି ଗୋଟିଏ ମୋବାଇଲ ଭଙ୍ଗାରୁଜା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହ ଆକ୍ରମଣ କରିଥିବା ନେଇ ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ସଂସ୍ଥାର ପ୍ରକଳ୍ପ ପରିଚାଳକ ତୁଷାରକାନ୍ତ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଠଗଡ଼ ପୁଲିସ ଏ ସମ୍ପର୍କିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ତେବେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ମଧ୍ୟରୁ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

## ପାଟଣା ବଜାରରୁ ଜବରଦଖଲ ଉଚ୍ଛେଦ

ପାଟଣା:-(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ରେ ଥିବା ବଜାର ରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ମାଜିଷ୍ଟ୍ରେ ଦାୟିତ୍ୱ ଭାବେ ପରମାନନ୍ଦ ଖଣ୍ଡେଇଙ୍କ ନେତୃତ ହୋଇଛି। ଏଥିରେ ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର,ପାଟଣା ତହସିଲଦାର ଲିଳାବତୀ ନାଏକ, ଅତିରିକ୍ତ ତହସିଲଦାର ଶ୍ରବଣ କୁମାର ଜେନା,ସୁପରଭାଇଜର ବନମାଳୀ ନାୟକ,ପାଟଣା ଥାନା ଅଧିକାରୀ ମାନସ କୁମାର, ମହାକୁଲ,ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ,ସରୋଜ କୁମାର ସେଠୀ,



ଗୌରହରି କରଡିଆ ତଥା ଦୁଇ ପ୍ଲାଟନ ଫର୍ସ ମୁତୟନ ସହିତ ଘଟଗାଁ ପୂର୍ତ୍ତି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମନାଥ ପ୍ରଧାନ,ସହକାରୀ ଯନ୍ତ୍ରୀ ମହେଶ୍ୱର ପାସା,ପାଟଣା ତହସିଲ ଅଧିନସ୍ଥ ଅମିନ୍,ରାଜସ୍ୱ ନିରୀକ୍ଷକ ଅଧିକାରୀ ଙ୍କ ଉପସ୍ଥିତ ରେ ଶାନ୍ତି ଶୃଙ୍ଖଳା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଛି।

## ଝାଟିମାଟି ଘରେ ବିତୁଛି ପଦ୍ମିନୀଙ୍କ ଜୀବନ



ଗୋଛାପଡ଼ା(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡି ପଞ୍ଚାୟତ ଅନ୍ତର୍ଗତ ବାଲିପଦର ଗ୍ରାମର ଅସହାୟ ବିଧବା ବୃଦ୍ଧା ମହିଳା ପଦ୍ମିନୀ କର୍ଣ୍ଣ ଙ୍କ ପାଇଁ ସରକାର ଙ୍କ ପକ୍କାଘର ଯୋଜନା ଅପହଞ୍ଚ ହୋଇପଡ଼ିଛି ।ଦୀର୍ଘ ବର୍ଷ ହେବ ଝାଟିମାଟି ଘରେ ବିପଦ ସଙ୍କୁଳ ଅବସ୍ଥାରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ପଦ୍ମିନୀ ଓ ୧୨ ବର୍ଷ ର ଝିଅ ପାର୍ବତି କର୍ଣ୍ଣ। ପକ୍କା ଘର ଖଣ୍ଡିଏ ନଥିବାରୁ ଅଧିକ ବର୍ଷା ପବନ ବହିବା ସମୟ ରେ ଏହି ବିପଦ ସଙ୍କୁଳ ଘର ଛାଡ଼ି ଅନ୍ୟ ଘରେ ଆଶ୍ରୟ ନେଉଥିବା କହିଛନ୍ତି ଗ୍ରାମ ବାସୀ। ଅର୍ଥ ଅଭାବରୁ ଘର ସଜାଡ଼ି ନପାରି ଝାଟିମାଟି ତଳେ ବିପଦ ସଙ୍କୁଳ ଅବସ୍ଥାରେ କାଳାତିପାତ କରୁଛନ୍ତି । ପଦ୍ମିନୀ ଙ୍କ ପରିବାରକୁ ମାସିକ ୧୦ କିଲୋ ଚାଉଳ ଓ ୧୦୦୦ ଟଙ୍କା ବିଧବା ଭତ୍ତା ମିଳୁଥିଲେ ମଧ୍ୟ ଚଳିବା ପାଇଁ ବହୁ ଅସୁବିଧା ହେଉଥିବା କହିଛନ୍ତି । ସରକାର ଙ୍କ ପକ୍ଷରୁ ତାଙ୍କୁ ଆଜି ପର୍ଯ୍ୟନ୍ତ ପକ୍କା ଘର ମିଳିନଥିବା ଅସହାୟ ବିଧବା ମହିଳା ପଦ୍ମିନୀ ଦୁଃଖର ସହ କହିଛନ୍ତି । ପକ୍କା ଘର ଖଣ୍ଡିଏ ପାଇବା ପାଇଁ ଦୀର୍ଘ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ସୁଫଳ ମିଳିନାହିଁ । ପଦ୍ମିନୀ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ସବୁଦିନ ମୂଲ ମଜୁରୀ ମିଳୁନାହିଁ । ଯାହା କିଛି ମୂଲ ମଜୁରୀ ମିଳେ ସେଥିରେ ନିଜେ ଚଳୁଥିବା ବେଳେ ପକ୍କା ଘର ଖଣ୍ଡିଏ କରିବା ତାଙ୍କ ପକ୍ଷେ ସାତ ସପନ ପାଲଟିଛି ।ଏଣୁ ସରକାର ଙ୍କୁ ନିବେଦନ କରିଛନ୍ତି ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫କିଲୋ ଚାଉଳ ଦେବା ସହିତ ଆବାସ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ। ସରକାର ଏହି ଗରିବ ପରିବାରକୁ ଘର ଖଣ୍ଡିଏ ଓ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫ କିଲୋ ଚାଉଳ ଯୋଗାଇ ଦେବାକୁ ଗ୍ରାମର ସମାଜ ସେବୀ କିଶ୍ୱର ପ୍ରଧାନ, ଦୁତିଆ କର୍ଣ୍ଣ, ସୁକମଣି କର୍ଣ୍ଣ,ସରିନି କର୍ଣ୍ଣ,ମାନସ କର୍ଣ୍ଣ, ବିଶ୍ୱ କର୍ଣ୍ଣ, ଦାବି କରିଛନ୍ତି ।

## ସ୍ୱାଧୀନତାର ଏତେ ବର୍ଷ ପରେ ବି ରେଭେନ୍ୟୁ ଗାଁକୁ ପହଞ୍ଚି ପାରି ନାହିଁ ପିଚୁ ରାସ୍ତାଟିଏ

ଉମରକୋଟ ବ୍ଲକ,(ମହାଭାରତ) ବେହେଡା ବଦଳିଛି ଯୁଗ ବଦଳିଛି ସମୟ। ବିକଶିତ ଗାଁ, ବିକଶିତ ଭାରତ, ଯେଉଁ ଜାଗାରେ ନାରା ଓ ଢେଣ୍ଡେରା ପିଟୁଛନ୍ତି ହେଲେ ସ୍ୱାଧୀନତାର ଏତେ ବର୍ଷ ପରେ ବି ଜୟପୁର ବିକ୍ରମଦେବ ରାଜାଙ୍କୁ ଠାରୁ ଜମି ପଟ୍ଟା ପାଇଥିବା ରେଭେନ୍ୟୁ ଗାଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ, ଶୁଖିଗାଁ ପଞ୍ଚାୟତ ଅନ୍ତର୍ଗତ ଡେପଗୁଡା ରେ ପହଁଞ୍ଚି ପାରି ନାହିଁ ସରକାରୀ ଯୋଜନାର କଲବେଟଓ ରାସ୍ତାଟିଏ। ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ ।ମୌଳିକ ସୁବିଧା ଏମାନଙ୍କୁ ଯୋଗାଇ ଦିଆଯିବା ନେଇ ବାରଂବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଗ୍ରାମ ପଞ୍ଚାୟତ ଠୁ ବ୍ଲକ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କେହି କର୍ଣ୍ଣପାତ କରୁ ନାହାନ୍ତି। କେବେ ଏହି ରେଭେନ୍ୟୁ ଗାଁଲୋକେ ସରକାରୀ ଯୋଜନାରେ ସାମିଲ ହେବେ ଓ ମୌଳିକ ସୁବିଧା ପାଇବେ । ଏହି ଗାଁକୁ ଯିବାକୁ ହେଲେ ଉମରକୋଟ ମୁଖ୍ୟ ବ୍ଲକ ଠାରୁ ଆନୁମାନିକ ପ୍ରାୟ ୧୫କିଲମିଟର



ମୁଖ୍ୟ ରାସ୍ତାବେହେଡା ଗାଁ ପାଖରୁ ଅଧା କିଲୋମିଟର ସଂଲଗ୍ନୋ ଡେପଗୁଡା ଗାଁ। ଆନୁମାନିକ ଦଶ ବାରୋ (୧୦, ୧୨)ବର୍ଷ ହେବ ଗୋଟିଏ ମାଟି ରାସ୍ତା ସ୍ୱଚ୍ଛ ସରକାରୀ ଅନୁଦାନରେ ତିଆରି ହୋଇଥିଲା। ବର୍ତ୍ତମାନ ଏହି ମାଟି ରାସ୍ତାଟିରେ ଠିକାଦାର ମନମୁଖି ନାମ ମାତ୍ର ମୁରୁମ ପକାଉଛନ୍ତି। କେତେ ଟଙ୍କାର କାମ, କୌ ଯୋଜନାର କାମ,ନା ଅଛି ଫଳକନାମା ବୋର୍ଡ ।ଏଠି ବିକାଶ ଏମାନଙ୍କୁ ପାଇଁ ସାତ ସପନ ଓ ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ ଚିନ୍ତାରେ ଗ୍ରାମବାସୀ। ଜିଲ୍ଲା ପ୍ରଶାସନ ସ୍ତରରେ ଏହି ଡେପଗୁଡା ରେଭେନ୍ୟୁ ଗ୍ରାମବାସୀ ଯେପରି ଗ୍ରାମକୁ, ରାସ୍ତାରେ କେମିତି କଲବେଟପାଇ ପାରିବେ ସେଥିପ୍ରତି ଦୃଷ୍ଟି ଆକର୍ଶନ କରିବା ପାଇଁ ନିବେଦନ କରିଛନ୍ତି।

## ରାସନ କାର୍ଡ ପାଇବାରୁ ବଞ୍ଚିତ ହିତାଧିକାରିଙ୍କୁ କାର୍ଡ ପ୍ରଦାନ ପାଇଁ ଦାବୀ

ରାୟଗଡା(ମହାଭାରତ): ହିତାଧିକାରିଙ୍କୁ ରାସନ କାର୍ଡ ଦେବା ପାଇଁ ଦାବୀ ହୋଇଛି। ଏନେଇ ଏକ ଦାବୀ ପତ୍ର ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରକୁ ଶୁକ୍ରବାର ରାୟଗଡା ଗସ୍ତ ସମୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପ୍ରଦାନ କରାଯାଇଥିବା ଦାବୀ ପତ୍ରରେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନେକ ଯୋଗ୍ୟ ହିତାଧିକାର ଖାଉଟି କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । ଯୋଗ୍ୟ ହିତାଧିକାରି ଖାଉଟି କାର୍ଡ ପାଇ ନଥିବାରୁ ସେମାନେ ମୌଳିକ ସୁବିଧା ପାଇ ପାରୁନାହାନ୍ତି । ବିଭିନ୍ନ ସରକାରି ଯୋଜନାର ଫାଇଦା ମଧ୍ୟ ସେମାନେ ପାଉନାହାନ୍ତି। ଅଯୋଗ୍ୟ ହିତାଧିକାରିଙ୍କୁ ବାଦ ଦେଇ ସରକାର କଠୋର ପଦକ୍ଷେପ ନେଇଛନ୍ତି । ସରକାର ଲୋକଙ୍କ କଲ୍ୟାଣ



ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରୁଥିବାବେଳେ ବଞ୍ଚିତ ହିତାଧିକାରିଙ୍କୁ ରାସନକାର୍ଡ ପ୍ରଦାନ ଦିଗରେ ପଦକ୍ଷେପ ନେବା କୁ ଭାଜପାର ନଗର ସଭାପତି ବଦ୍ରିନାଥ ମହାନ୍ତି, ଜଗଦୀଶ କୀର୍ତ୍ତି କୁମାର ପଣ୍ଡା, ମୁଖି ଦିବାକର, ଜୟଦେବ ପଣ୍ଡା , ଚିନା କଣ୍ଡାଗରି, ରାମନାଗୁଡା ସଭାପତି ଶ୍ରୀନିବାସ ପଣ୍ଡା ପ୍ରମୁଖ ଦାବୀ ଜଣାଇଛନ୍ତି।

## ସରକାରୀ ଯୋଜନା ବାଟବଣା ; ବିଜୁଳି ଓ ପାନୀୟ ଜଳ ସାତ ସପନ

ଲାଞ୍ଜିଗଡ଼ : ଗାଁରେ ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ ଖୁଣ୍ଟ ଅଛି, ତାର ଟଣା ହୋଇଛି, କିନ୍ତୁ ବିଜୁଳି ନାହିଁ। ବର୍ତମାନ ବିଦ୍ୟୁତ ଉପଭୋକ୍ତା ୧୨ ବର୍ଷ ହେଲା ଅନ୍ଧାରରେ ଦିନ କାଟୁଥିବା ଅଭିଯୋଗ ହୋଇଛି। ଗାଁରେ ସ୍ୱାସ୍ଥ୍ୟ, ଶିକ୍ଷା, ଓ ପାନୀୟଜଳ



ବ୍ୟବସ୍ଥା ନାହିଁ ଯାହାଫଳରେ ବାଲିଚୁଆ ଉପରେ ଭରସା କରିଛନ୍ତି ଗ୍ରାମବାସୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ବେଡାଗାଁ ପଞ୍ଚାୟତ ଅନ୍ତର୍ଗତ ତାଡିଝୁଲା ଗାଁରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ।ସୂଚନା ମୁତାବକ, ତାଡିଝୁଲା ଗାଁରେ ୧୦ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି। ପାନୀୟଜଳ ପାଇଁ ଗୋଟିଏ ନଳକୂଅ ରହିଛି ହେଲେ ୧୬ ବର୍ଷ ହେଲା ନଳକୂପଟି ଦୟନୀୟ ଅବସ୍ଥାରେ ରହିଥିବା ଯୋଗୁଁ ଆବଶ୍ୟକ ପରିମାଣର ପାଣି ମିଳୁନାହିଁ ।ତେଣୁ ପୂର୍ବରୁ ଗାଁ ନିକଟସ୍ଥ ଆଲିମରା ଡଙ୍ଗରରୁ ଆସୁଥିବା ପାଣିକୁ ଏକ କୁଣ୍ଡ କରି ସେହି କୁଣ୍ଡରେ ଏକ ପାଇପ ଲଗାଇ ସେହି ପାଣିକୁ ପାନୀୟଜଳ ଭାବେ ଶୋଷ ମେଣ୍ଟାଉ ଥିଲେ କିନ୍ତୁ ତାହା ବର୍ତମାନ ଠପ ହୋଇଥିବା ଅତ୍ୟନ୍ତ ଦୁଃଖଦ ଘଟଣା। ଯାହା ଫଳରେ ଖୋଲା ଆକାଶ ତଳେ ଥିବା ଏକ କୁଣ୍ଡର ପାଣି ଗୋଳିଆ ହୋଇ ରହିଥିବା ବେଳେ ସେହି ପାଣିରେ ବନ୍ୟପ୍ରାଣୀ, କୀଟ ପତଙ୍ଗ, ଆବର୍ଜନା ବସ୍ତୁ ପଡ଼ି ରହିଥିବାରୁ ସେହି ପାଣିକୁ ଲୋକେ ଗାଧେଇବା ଓ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ସହିତ ସେହି ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରିବା ଯୋଗୁଁ ଏହି ଗାଁ ଲୋକଙ୍କ ଶରୀରରେ ରୋଗ ଘର କରି ରହିଛି। ସେହିଭଳି ଆଜିକୁ ୧୩ ବର୍ଷ ପୂର୍ବେ ଗାଁର ୪ ଘରକୁ ବିଦ୍ୟୁତ ସଂଯୋଗ ହୋଇଥିଲା। ତେବେ ବିଦ୍ୟୁ ସଂଯୋଗର ମାତ୍ର ଏକ ମାସ ଆଲୁଅ ଜଳିବା ପରେ ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେହି ଦିନଠାରୁ ଗାଁରେ ବିଜୁଳି ନାହିଁ। ଟ୍ରାନ୍ସଫର୍ମର ମରାମତି ପାଇଁ ବାରମ୍ବାର ଦାବି ହେଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁ ନଥିବା ଗାଁ ଲୋକେ କହୁଛନ୍ତି ।ଡିବିରି ଆଲୁଅ ଭରସାରେ ଗାଁ ଲୋକେ ନିର୍ଭର କରୁଥିବା ବେଳେ ପୂର୍ବ ପରି ପଞ୍ଚାୟତ ତରଫରୁ କିରୋସିନି ମିଳୁନାହିଁ ।ଯାହା ଫଳରେ ଅନ୍ଧାରରେ ଜୀବନ ବିତାଉଛନ୍ତି। ଅନ୍ୟପଟେ ସନ୍ଧ୍ୟା ହେଲେ ବନ୍ୟପ୍ରାଣୀ ଓ ହାତୀର ଭୟରେ ଥରୁଛି ଗାଁ। ଗାଁକୁ ହାତୀପଲ ଆସିବା ଜାଣିପାରି ଭୟରେ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ଗାଁ ମୁଣ୍ଡରେ ନିଆଁ ଜାଳି ଜଗି ରହୁଛନ୍ତି । ଗାଁରେ ବିଦ୍ୟୁତ ନଥିବା ଯୋଗୁଁ ଏପରି ପରିସ୍ଥିତି ସାମ୍ନା କରିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି। ଗାଁରେ ସ୍କୁଲ ନଥିବା ଯୋଗୁଁ ସେହି ପାହାଡିଆ ରାସ୍ତାରେ ଚାଲି ଚାଲି ପିଲା ନିକଟସ୍ଥ ଗାଁ ଦେହେଡା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଥିବା ବେଳେ ବର୍ଷକ ମଧ୍ୟରେ ଅଧିକାଂଶ ସମୟ ପିଲା ଘରେ ରହୁଛନ୍ତି। ସେହିପରି ନିଜ ଗାଁଠାରୁ ଜଙ୍ଗଲୀ ରାସ୍ତା ଦେଇ ନିକଟସ୍ଥ ଦେହେଡା ଗାଁ ଅଙ୍ଗନବାଡି କେନ୍ଦ୍ରକୁ କୋମଳମତି ଶିଶୁମାନଙ୍କୁ ନେଇ ମା ମାନେ ଯାଉଛନ୍ତି। ଏଣୁ ଏଥିପ୍ରତି ଜିଲ୍ଲା ଉଚ୍ଚସ୍ତରୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅବ୍ୟବସ୍ଥା ସମସ୍ୟା ଘେରରେ ପିଣ୍ଡାଙ୍ଗୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର

କନ୍ଧମାଳ:(ମହାଭାରତ):ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ତଥା ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳ ମତି ଶିଶୁ ମାନଙ୍କ ପାଇଁ ପାଚେରୀ, ରୋଷେଇ ଗୃହ ବିଦ୍ୟୁତ ଓ ପାନୀୟ ଜଳ ବ୍ୟବସ୍ଥା କରିଥିବା ବେଳେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ଆଜି ପର୍ଯ୍ୟନ୍ତ ସୁବିଧା ପହଞ୍ଚି ପାରିନାହିଁ । ଏମିତି ଅବ୍ୟବସ୍ଥାରେ ଚାଲୁଥିବା



ପିଣ୍ଡାଙ୍ଗୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ପାହି ରାଜୁ ପଞ୍ଚାୟତ ଅନ୍ତର୍ଗତ ପିଣ୍ଡାଙ୍ଗି ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ। ପିଣ୍ଡାଙ୍ଗୀ ଗ୍ରାମ ରେ ସର୍ବ ମୋଟ ୯୦ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ଏହି ପିଣ୍ଡାଙ୍ଗୀ ଅଙ୍ଗନବାଡ଼ି କେନ୍ଦ୍ରରେ ୧୫ ଜଣ କୋମଳ ମତି ଶିଶୁ ଓ ବିଦ୍ୟାଳୟରେ ୨୫ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି। ପ୍ରଶାସନ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତୀୟ ପିଠ,ପାଚେରୀ, ରୋଷେଇ ଗୃହ, ବିଦ୍ୟୁତ ଓ ପାନୀୟ ଜଳ ନଥିବାବେଳେ ସେପଟେ ଦେଖିବାକୁ ମିଳିଛି ଯେ ଅଙ୍ଗନବାଡ଼ି କେନ୍ଦ୍ର ଘର କାନ୍ଥ ଭାଙ୍ଗିବା ଇଟା ବାହାରି ପଡୁଛି। ଓଡ଼ିଶା ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଅଙ୍ଗନବାଡ଼ି କେନ୍ଦ୍ରରକୁ ପୁନରୁଦ୍ଧାର କଲେ କୋମଳ ମତି ଶିଶୁ ଛାତ୍ରଛାତ୍ରୀ ମାନେ ମୃତ୍ୟୁ ମୁଖରୁ ରୁ ବଞ୍ଚି ଯିବେ । ବହୁଥର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ସ□େ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ପିଣ୍ଡାଙ୍ଗୀ ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ ଦେଇ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପିଣ୍ଡାଙ୍ଗୀ ୪ସାହିର ଗ୍ରାମର ଲୋକମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ କାରି ହେଲେ ଶ୍ରୀଧର ସାହୁ,ରାଙ୍ଗା କହଁର,ଦିଶୁ କହଁର ,ପ୍ରଦିପ ଦିଗାଲ, ନାରାୟଣ ସାହୁ,ଲିଲିମା କହଁର,ପିଉକ କହଁର, ସୁମିତ୍ରା କହଁର, ରାଘବ ନାଗ, ବାବୁଲା ରଣା,ଗାଣ୍ଡୁ ଦିଗାଲ, ଅଚ୍ୟୁତ ନାଗ, ଖଗେଶ୍ୱର ରଣା ସମେତ ଗ୍ରାମ ବାସି ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ କେବେଏହି ସମସ୍ୟା ର ସମାଧାନ କରିପାରିବେ ।









# ଆପଲକୁ ଟ୍ରମ୍ପଙ୍କ ଟାରିଫ ଧମକ

ନୂଆଦିଲ୍ଲୀ: ଆପଲକୁ ଟ୍ରମ୍ପଙ୍କ ଟାରିଫ ଧମକ । ଯଦି ଆମେରିକାରେ ବିକ୍ରି ହେଉଥିବା ଆଇଫୋନ ଆମେରିକାରେ ନିର୍ମିତ ହୋଇନଥାଏ ତେବେ ଆପଲ କମ୍ପାନୀକୁ ୨୫ ପ୍ରତିଶତ ଟାରିଫ ଦେବାକୁ ପଡିବ । ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏ ସମ୍ପର୍କରେ ପୋଷ୍ଟ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତ କିମ୍ବା ଅନ୍ୟ ଦେଶରେ ନିର୍ମିତ ଆଇଫୋନ ଆମେରିକାରେ ବିକ୍ରି କଲେ ଆପଲ କମ୍ପାନୀକୁ ୨୫ ପ୍ରତିଶତ ଅଧିକ ଟାରିଫ ଦେବାକୁ ପଡିବ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପଙ୍କ ଏହି ଘୋଷଣା ପରେ ଷ୍ଟକ ମାର୍କେଟରେ ଆପଲ କମ୍ପାନୀର ଶେୟାର ମୂଲ୍ୟ ୨.୫ ପ୍ରତିଶତ ହ୍ରାସ ପାଇଛି । ତେବେ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ ବିରୋଧରେ ଆମେରିକା ରାଷ୍ଟ୍ରପତି ଟାରିଫ ଲଗାଇ ପାରିବେ କି ନାହିଁ ସେ ସମ୍ପର୍କରେ ଚର୍ଚ୍ଚା ଚାଲିଥିବା ବେଳେ ଟ୍ରମ୍ପଙ୍କ ନୂଆ ଧମକକୁ ନେଇ ଆପଲ ପକ୍ଷରୁ କିଛି କୁହାଯାଇନାହିଁ । ଆପଲ ନିଜ ଆଇଫୋନ ନିର୍ମାଣ ୟୁନିଟ ଚୀନକୁ ଭାରତକୁ ସ୍ଥାନାନ୍ତରିତ କରିବାକୁ ଉଦ୍ୟମ କରୁଥିବା ବେଳେ ଟ୍ରମ୍ପଙ୍କ ଧମକ ଆପଲ ପାଇଁ ଅଡୁଆ ସୃଷ୍ଟି କରିଛି । ପୂର୍ବରୁ ଆପଲ ସିଇଓ ଟିମ କୁକଙ୍କୁ ଭାରତରେ ଉତ୍ପାଦନ ୟୁନିଟ ନଖୋଲିବାକୁ ପରାମର୍ଶ ଦେଇଥିଲେ ଟ୍ରମ୍ପ । ଭାରତରେ ଟିକସ ହାର ସର୍ବାଧିକ ଥିବାରୁ ସେଠାରେ ଉତ୍ପାଦ ବିକ୍ରି କରିବାରେ ସମସ୍ୟା ହେବ ବୋଲି କହିଥିଲେ ଟ୍ରମ୍ପ ।

# କିସ୍ତୱାରରେ ବଡ଼ ଧରଣର ଏନକାଉଣ୍ଟର, ଜଣେ ଯବାନ ସହିଦ

ନୂଆଦିଲ୍ଲୀ: ଜମ୍ମୁ କଶ୍ମୀର କିସ୍ତୱାରରେ ବଡ଼ ଧରଣର ଏନକାଉଣ୍ଟର । ଦ୍ୱିତୀୟ ଦିନ ପାଇଁ ଜାରି ରହିଛି ଏନକାଉଣ୍ଟର । ଛତ୍ରୁ ସିଂପୁରା ଅଞ୍ଚଳରେ ଏନକାଉଣ୍ଟର ଜାରି ରହିଛି । ଅପରେସନ ବେଳେ ଜଣେ ଯବାନ ସହିଦ ହୋଇଛନ୍ତି । ଗତକାଲି ଯବାନଙ୍କ ଗୁଳିରେ ଦୁଇ ଜଣ ଆତଙ୍କୀ ନିହତ ହୋଇଥିଲେ । ପହଲଗାମ ଆକ୍ରମଣ ପରେ ପୂରା ଜମ୍ମୁ କାଶ୍ମୀରରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ଜମ୍ମୁ କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳିନ ପ୍ରଭାତ ଏହି ଅଞ୍ଚଳ ଗସ୍ତ କରି ଆତଙ୍କବାଦ ବିରୋଧୀ ଅଭିଯାନ ସମୀକ୍ଷା କରିଛନ୍ତି । ତେବେ ସହିଦ ହୋଇଥିବା ଯବାନଙ୍କ ନାମ ଗାୟକର ସନ୍ଦୀପ ପାଣ୍ଡୁରଙ୍ଗା ଭାବେ ହୋଇଛି । ତାଙ୍କ ଘର ମହାରାଷ୍ଟ୍ର ଅହମଦନଗର ଜିଲ୍ଲାର କରଣ୍ଡୀ ଗାଁରେ । ତେବେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ପୋଲିସ ଅଧିକାରୀ । କିସ୍ତୱାରର ଚଟ୍ରୁ ଅଞ୍ଚଳର ସିଂହପୋରାରେ ସୁରକ୍ଷା ବାହିନୀ ଅନେକ ଆତଙ୍କବାଦୀଙ୍କୁ ଘେରି ରହିଥିଲେ । ସେନା ଏବଂ ସୁରକ୍ଷା ବାହିନୀର ମିଳିତ ଅପରେସନ ଏବେ ବି ଜାରି ରହିଛି । ଘଟଣାସ୍ଥଳରେ ଗୁଳି ବିନିମୟ ମଧ୍ୟ ହୋଇଥିଲା । ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି ଏବଂ ବିପଦକୁ ନିରପେକ୍ଷ କରିବା ପାଇଁ ପ୍ରୟାସ କରାଯାଉଛି । ସୂଚନାଯୋଗ୍ୟ, ଜମ୍ମୁ ଏବଂ କଶ୍ମୀରର ପୁଲୱାମା ଜିଲ୍ଲାର ତ୍ରାଲ ଅଞ୍ଚଳର ନାଦିର ଗାଁରେ ଗତ ଗୋଟିଏ ସପ୍ତାହ ତଳେ ପୃଥକ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଜୈଶ-ଏ-ମହମ୍ମଦର ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରିବା ପରେ ସୁରକ୍ଷା ବାହିନୀର ଆଉ ଏକ ଅପରେସନ ଜାରି ରହିଛି । ଏନକାଉଣ୍ଟରରେ ନିହତ ତିନି ଆତଙ୍କବାଦୀଙ୍କ ନାମ ଆସିଫ୍ ଅହମ୍ମଦ ଶେଖ୍, ଆମିର ନାଜିର ୱାନି ଏବଂ ୟୱାର ଅହମ୍ମଦ ଭଟ୍ । ଗତ ସପ୍ତାହରେ ମଙ୍ଗଳବାର ସୋପିଆନର କେଲର ଅଞ୍ଚଳ ଏବଂ ଗୁରୁବାର ପୁଲୱାମାର ତ୍ରାଲର ନାଦର ଅଞ୍ଚଳରେ ଏନକାଉଣ୍ଟର ହୋଇଥିବା ରିପୋର୍ଟ କରାଯାଇଥିଲା ।

# ନିର୍ମଳା ସୀତାରାମଣଙ୍କ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ : ଆମ ଆଦମୀ ପାର୍ଟି ନେତା ସୋମନାଥ ଭାରତୀଙ୍କ ପତ୍ନୀ ଲିପିକା ମିତ୍ର ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ବିରୋଧରେ ଫୌଜଦାରୀ ମାନହାନି ଅଭିଯୋଗ ଦାୟର କରିଛନ୍ତି । ଲିପିକା ମିତ୍ର ତାଙ୍କ ଅଭିଯୋଗରେ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ମନ୍ତ୍ରୀ ନିର୍ମଳା ସୀତାରମଣ, ମେ ୧୭ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ସୋମନାଥ ଭାରତୀଙ୍କ ରାଜନୈତିକ କ୍ୟାରିୟରକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ତାଙ୍କ ବୈବାହିକ ଜୀବନ ବିଷୟରେ ମିଥ୍ୟା ଏବଂ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଏହି ମାମଲାର ବିଚାର କରି, ରାଉଜ ଆଭେନ୍ୟୁ କୋର୍ଟର ଅତିରିକ୍ତ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ପାରସ ଦଲାଲ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏକ ନୋଟିସ ଜାରି କରି ଉତ୍ତର ମାଗିଛନ୍ତି । କୋର୍ଟ କହିଛନ୍ତି ଯେ ମାମଲାଟି ବିଚାର ପର୍ଯ୍ୟାୟରେ ଅଛି ଏବଂ ଅଭିଯୁକ୍ତଙ୍କୁ ଇଘଝଝର ଧାରା ୨୨୩ ଅନୁଯାୟୀ ଶୁଣାଣିର ସୁଯୋଗ ଦେବା ଆବଶ୍ୟକ । ଆପ ନେତା ସୋମନାଥ ଭାରତୀଙ୍କ ପତ୍ନୀ ଲିପିକା ମିତ୍ର ତାଙ୍କ ଅଭିଯୋଗରେ ଦାବି କରିଛନ୍ତି ଯେ ନିର୍ମଳା ସୀତାରମଣ ଜାଣିଶୁଣି ତାଙ୍କ ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ପୁରୁଣା ବୈବାହିକ ବିବାଦର କଥା ଉଲ୍ଲେଖ କରିଥିଲେ କିନ୍ତୁ ସେ ଏହି ସୂଚନା ଲୁଚାଇ ରଖିଥିଲେ ଯେ ଏବେ ଉଭୟ ପୁଣି ଏକାଠି ରହୁଛନ୍ତି ଏବଂ ସେମାନଙ୍କର ବୈବାହିକ ଜୀବନ ସ୍ୱାଭାବିକ ଭାବରେ ଚାଲିଛି । ରାଉଜ ଆଭେନ୍ୟୁ କୋର୍ଟରେ ଦାୟର ଅଭିଯୋଗରେ ଲିପିକା ମିତ୍ରଙ୍କ ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ରାଜନୈତିକ ଲାଭ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଲାଭ ପହଞ୍ଚାଇବା ଏବଂ ଲୋକ ସଭା ନିର୍ବାଚନରେ ଅଭିଯୋଗକାରୀଙ୍କ ସ୍ୱାମୀଙ୍କୁ କ୍ଷତି ପହଞ୍ଚାଇବା । ତଥାପି, ରାଉଜ ଆଭେନ୍ୟୁ କୋର୍ଟ ଏବେ ଏହି ମାମଲାରେ ଏକ ନୋଟିସ ଜାରି କରିଛନ୍ତି, କିନ୍ତୁ ଜୁନ ୧୨ତାରିଖରେ ଏହି ମାମଲାରେ କେନ୍ଦ୍ର ମନ୍ତ୍ରୀ ନିର୍ମଳା ସୀତାରମଣ କ'ଣ ଉତ୍ତର ଦାଖଲ କରନ୍ତି ତାହା ଦେଖିବା ଗୁରୁତ୍ୱପୂର୍ଣ୍ଣ ହେବ ।

# ଭାରତକୁ ଶକ୍ତ ଝଟ୍‌କା ଦେବ ବାଂଲାଦେଶ !

ଢାକା/ନୂଆଦିଲ୍ଲୀ: ଭାରତ ଓ ବାଂଲାଦେଶ ମଧ୍ୟରେ ବିଗିଡୁଥିବା ସମ୍ପର୍କ ମଧ୍ୟରେ ବାଂଲାଦେଶ ସରକାର କୋଲକାତା ସ୍ଥିତ ଏକ ସରକାରୀ ଜାହାଜ ନିର୍ମାଣ କମ୍ପାନୀ ଗାର୍ଡେନ ରିଚ ଶିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ (ଜିଆରଏସଇ) ସହିତ ୧୮୦.୨୫ କୋଟି ଟଙ୍କାର ଏକ ପ୍ରତିରକ୍ଷା ଚୁକ୍ତି ରଦ୍ଦ କରିଛି । ଏହି ଚୁକ୍ତି ଅନୁଯାୟୀ ବାଂଲାଦେଶ ନୌସେନା ପାଇଁ ଏକ ଅତ୍ୟାଧୁନିକ ଓସେନ-ଗୋଇଙ୍ଗ ଟଗ (ଜାହାଜ ଟାଣିବା ଯାନ) ନିର୍ମାଣ କରାଯିବାର ଥିଲା । ଜିଆରଏସଇ ବୁଧବାର ଷ୍ଟକ ଏକ୍ସଚେଞ୍ଜକୁ ସୂଚନା ଦେଇ କହିଛି, "ବାଂଲାଦେଶ ସରକାର ଏହି ଅର୍ଡର ରଦ୍ଦ କରିଛନ୍ତି ।" ଏହା ଏକ ପ୍ରତିଶୋଧମୂଳକ ପଦକ୍ଷେପ ବୋଲି ବିବେଚନା କରାଯାଉଛି, କାରଣ ଭାରତ ନିକଟରେ ବାଂଲାଦେଶର ରପ୍ତାନୀ କାର୍ଗୋ ପାଇଁ ଟ୍ରାନ୍ସଶିପମେଣ୍ଟ ସୁବିଧା ବାତିଲ କରିଛି । ଏହା ପୂର୍ବରୁ ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଚୀନ ଗସ୍ତ ସମୟରେ ଭାରତର ପୂର୍ବୋତ୍ତର ରାଜ୍ୟ ସମ୍ପର୍କିତ ବିବାଦୀୟ ମନ୍ତବ୍ୟ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଖରାପ କରିଛି । ୨୦୨୪ ଜୁଲାଇରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେତେବେଳେ ଭାରତ ଓ ବାଂଲାଦେଶ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ସହମତ ହୋଇଥିଲେ । କିନ୍ତୁ ଅଗଷ୍ଟ ୨୦୨୪ରେ ଶେଖ ହସିନାଙ୍କ ସରକାରର ପତନ ପରେ



ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡିଛି । ବାଂଲାଦେଶର ଏହି ନିଷ୍ପତ୍ତି ଭାରତର ପ୍ରତିରକ୍ଷା ରପ୍ତାନୀ ପାଇଁ ଏକ ବଡ଼ ଧକ୍କା ବୋଲି କୁହାଯାଉଛି । ଏହି ଘଟଣା ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଓ କୂଟନୈତିକ ସମ୍ପର୍କରେ ଅଧିକ ତିକ୍ତତା ସୃଷ୍ଟି କରିପାରେ । ତେବେ ବାଂଲାଦେଶ ସରକାର ଏହି ରଦ୍ଦକରଣ ପଛରେ କୌଣସି ଆନୁଷ୍ଠାନିକ କାରଣ ଦେଇନାହାନ୍ତି । କୁହାଯାଏ ଯେ ଇତିହାସ ଅଧ୍ୟୟନ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ । ତଥାପି, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ୟୁନୁସ ଏହାକୁ ବୁଝିପାରିଲେ ନାହିଁ । ଏମିତି ଏକ ବଡ଼ ଭୁଲ କଲେ । କହିରଖୁଛୁ କି, ୟୁନୁସ ମାତ୍ର ଗୋଟିଏ ମାସ ପୂର୍ବରୁ ଚୀନ ଯାଇଥିଲେ । ସେ ସେଠାରେ ବଡ଼ ବଡ଼ କଥା ମଧ୍ୟ କହିଥିଲେ । ଭାରତ ବିରୋଧରେ ସ୍ୱର ଉଠାଇଥିଲେ । ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ୟୁନୁସ ବୋଧହୁଏ ଜାଣି ନ ଥିଲେ ଯେ ବାଂଲାଦେଶର ରାଜନୀତିରେ ଏକ ରହସ୍ୟମୟ ସଂଯୋଗ ସବୁବେଳେ ଚର୍ଚ୍ଚାରେ ରହିଛି । ଚୀନ ଗସ୍ତରେ ଯାଉଥିବା ଯେକୌଣସି ବଡ଼ ନେତାଙ୍କୁ କିଛି ମାସ ମଧ୍ୟରେ କ୍ଷମତାରୁ ହଟାଇ ଦିଆଯାଏ । ଏହା କୌଣସି ଅନ୍ଧବିଶ୍ୱାସ ନୁହେଁ, ବରଂ ସାମ୍ପ୍ରତିକ ଘଟଣା ସହିତ ଜଡିତ ଏକ ସତ୍ୟ ହେବାକୁ ଯାଉଛି । ବିଚାର କରନ୍ତୁ ଯେ ଚୀନର ସୀମା ଅତିକ୍ରମ କରିବା ଦ୍ୱାରା, ବାଂଲାଦେଶର ଶାସକଙ୍କ ପାଇଁ ଗଣନା ଆରମ୍ଭ ହୁଏ । ଆସନ୍ତୁ ଜାଣିବା ଚୀନର ଜିନପିଙ୍ଗଙ୍କ ପାଖକୁ ଯାଇ କିଏ କେବେ ନିଜର କ୍ଷମତା ହରାଇଛି । ୨୦୦୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆ ଏକ ରଣନୈତିକ ଗସ୍ତରେ ଚୀନ ଯାଇଥିଲେ । ସେ ସେଠାରେ ଭିତ୍ତିଭୂମି, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ସହଯୋଗ ପାଇଁ ଅନେକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହା ବିଶ୍ୱାସ କରାଯାଉଥିଲା ଯେ ସେ ଚୀନ ସହିତ ଘନିଷ୍ଠ ସମ୍ପର୍କ ବଜାୟ ରଖି ଭାରତର ପ୍ରଭାବକୁ ସନ୍ତୁଳିତ କରିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କ ପ୍ରତ୍ୟାବର୍ତ୍ତନ ପରେ, ଦେଶରେ ବିରୋଧ ବୃଦ୍ଧି ପାଇଲା, ବିରୋଧୀ ଆନ୍ଦୋଳନ ତୀବ୍ର ହେଲା ଏବଂ ତାଙ୍କୁ ୨୦୦୬ ମସିହାରେ କ୍ଷମତା ଛାଡିବାକୁ ପଡିଲା । ଚୀନର ଅର୍ଥନୈତିକ ଅନୁପ୍ରବେଶ ଏବଂ କଥିତ ଦୁର୍ନୀତିର ଅଭିଯୋଗ ତାଙ୍କ ରାଜନୈତିକ ଭୂମିକୁ ଦୁର୍ବଳ କରିଦେଇଥିଲା । ତା'ପରେ କଣ ? ୨୦୦୬ ମସିହାରେ ହିଁ ଖାଲିଦାଙ୍କୁ କ୍ଷମତା ସିଂହାସନ ଛାଡିବାକୁ ପଡିଲା । ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ଶେଖ ହସିନା ଚୀନ ଗସ୍ତ କରିଥିଲେ । ସେ ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭ (ଇଜଓ) ଅଧୀନରେ ଅନେକ ପ୍ରକଳ୍ପରେ ନିବେଶକୁ ଚୂଡ଼ାନ୍ତ କରିଥିଲେ । ଭାରତ ଚୀନର ଅତ୍ୟଧିକ ଋଣ, ରାଜନୈତିକ ପରିସ୍ଥିତି ଏବଂ କିଛି ସାମରିକ ସହାୟତା ଉପରେ ଅସନ୍ତୋଷ ପ୍ରକାଶ କରିଥିଲା । ବାଂଲାଦେଶର ହାସିନା ସରକାର ଉପରେ ଚୀନ ପ୍ରଭାବରେ କାମ କରିବାର ଅଭିଯୋଗ ଆସିଥିଲା । ବର୍ଷ ଶେଷ ଭାଗରେ, ବିରୋଧୀ ଶକ୍ତିମାନେ ନିଜକୁ ସଂଗଠିତ କଲେ, ବିଶାଳ ପ୍ରତିବାଦ ହେଲା ଏବଂ ଶେଷରେ ସେମାନଙ୍କୁ କ୍ଷମତାରୁ ବାହାର କରାଗଲା । ଯଦିଓ ସେ ଭାରତ ବିରୁଦ୍ଧରେ ଯାଇ ନଥିଲେ ଏଥିରେ କୌଣସି ସନ୍ଦେହ ନାହିଁ, କିନ୍ତୁ ହଁ, ଦେଶରେ ଚୀନର ବୃଦ୍ଧି ପାଉଥିବା ପ୍ରଭାବ ତାଙ୍କ ପାଇଁ ବୋଝ ହେବାକୁ ଲାଗିଲା । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ ସମ୍ପ୍ରତି ଚୀନ ଗସ୍ତ କରିଥିଲେ । ସେ ବେଜିଂରେ ଚୀନ ନେତାମାନଙ୍କୁ ଭେଟି ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ସାମାଜିକ ଉଦ୍ୟୋଗ ଉପରେ ସହଯୋଗ ବିଷୟରେ ଆଲୋଚନା କରିଥିଲେ । ତଥାପି, ତାଙ୍କ ଗସ୍ତ ସମୟରେ ତାଙ୍କ ବକ୍ତବ୍ୟ ଭାରତର ନୀତିର ସମାଲୋଚନାକୁ ନେଇ ବିବାଦ ସୃଷ୍ଟି କରିଥିଲା । ଏବେ ୟୁନୁସଙ୍କ ଭାରତ ବିରୋଧୀ ମନୋଭାବ ଏବଂ ଚୀନ ଉପରେ ବଢୁଥିବା ନିର୍ଭରଶୀଳତାକୁ ନେଇ ତାଙ୍କ ସମାଲୋଚକମାନେ ସକ୍ରିୟ ହୋଇଗଲେଣି । ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି ଯେ ଯଦି ୟୁନୁସ କ୍ଷମତା ଆଡକୁ ଗତି କରନ୍ତି, ତେବେ ତାଙ୍କୁ ମଧ୍ୟ ସମାନ ଡ୍ରାଗନ ସିଣ୍ଡ୍ରୋମର ସମ୍ମୁଖୀନ ହେବାକୁ ପଡ଼ିପାରେ । ଏହି ସିଣ୍ଡ୍ରୋମ ହେଉଛି ଯେ ଯଦି ବାଂଲାଦେଶର ଶାସକ ଚୀନ ଯାଆନ୍ତି, ତେବେ ସେ ଏଠାରେ ତାଙ୍କର କ୍ଷମତା ହରାଇବେ ।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଚୀନ ନିଜର କୂଟନୀତି ମାଧ୍ୟମରେ ନିବେଶ ଏବଂ ବିକାଶ ନାମରେ ଛୋଟ ଦେଶଗୁଡ଼ିକୁ ନିଜ ପ୍ରଭାବରେ ଆଣୁଛି । କିନ୍ତୁ ଏହା ରାଜନୈତିକ ଅସ୍ଥିରତା ଏବଂ ଆଭ୍ୟନ୍ତରୀଣ ବିଭାଜନକୁ ମଧ୍ୟ ଗଭୀର କରିଥାଏ । ବାଂଲାଦେଶ ଏହାର ଏକ ସଦ୍ୟତମ ଉଦାହରଣ । ପ୍ରତ୍ୟେକ ଥର, ଭାରତକୁ କ୍ରୋଧିତ କରି ଚୀନ ସହିତ ଯିବାର ପ୍ରୟାସ ସେଠାକାର ରାଜନୀତି ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଚୀନର ହସ୍ତକ୍ଷେପ ଉପରେ ପୂର୍ବରୁ ମଧ୍ୟ ପ୍ରଶ୍ନ ଉଠିଛି, କିନ୍ତୁ ବାଂଲାଦେଶ ଭଳି ଦେଶ ଏହାର ସିଧାସଳଖ କ୍ଷତି ସହୁଥିବା ପରି ମନେ ହେଉଛି । ଗୋଟିଏ ପଟେ ଚୀନ ତାର ଏଜେଣ୍ଡାକୁ ଆଗକୁ ବଢ଼ାଉଛି, ଅନ୍ୟପଟେ ବାଂଲାଦେଶର ଲୋକମାନେ ଏହାକୁ ବାହ୍ୟ ହସ୍ତକ୍ଷେପ ବୋଲି ବିଚାର କରିବା ଆରମ୍ଭ କରିଛନ୍ତି । ଯେତେବେଳେ ଜଣେ ନେତା ଚୀନ ସହିତ ମୁକାବିଲା କରିବାକୁ ଚେଷ୍ଟା କରନ୍ତି, ସେ ରାଜନୈତିକ ଅସ୍ଥିରତା, ବିରୋଧ ଏବଂ କ୍ଷମତାରୁ ବହିଷ୍କାରର ସମ୍ମୁଖୀନ ହୁଅନ୍ତି । ଏବେ ଦେଖିବାକୁ ବାକି ରହିଲା ଯେ ମହମ୍ମଦ ୟୁନୁସ ଏହି ଚକ୍ରରୁ ଖସିପାରିବେ କି ନାହିଁ, ନା ଏହି ଅଜବ ସଂଯୋଗ ତାଲିକାରେ ଆଉ ଏକ ନାମ ଯୋଡି ହେବ ।

# ବିମାନରେ ମୋବାଇଲ ବ୍ୟବହାର ଉପରେ କଟକଣା

ନୂଆଦିଲ୍ଲୀ : ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତୀୟ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡଏଉଇ) ସମସ୍ତ ବିମାନ କମ୍ପାନୀ ପାଇଁ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି । ଏବେଠାରୁ, ପ୍ରତିରକ୍ଷା ବିମାନବନ୍ଦରରୁ ଉଡ଼ାଣ କିମ୍ବା ଅବତରଣ କରୁଥିବା ସମସ୍ତ ବିମାନ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଯୁଜ୍ୟ ହେବ । ଏହି ନିୟମଗୁଡ଼ିକ ବିଶେଷକରି ଭାରତର ପଶ୍ଚିମ ସୀମା ନିକଟରେ ଅବସ୍ଥିତ ପ୍ରତିରକ୍ଷା ବାୟୁସେନା ଘାଟିଗୁଡ଼ିକରେ କଡ଼ାକଡ଼ି ଲାଗୁ କରାଯିବ । ବିମାନ ଉଡ଼ାଣ ଏବଂ ଅବତରଣ ସମୟରେ ସମସ୍ତ ଯାତ୍ରୀଙ୍କ ଝରକା ପରଦା ତଳେ ରଖିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିୟମ ଉଡ଼ାଣ ସମୟରେ ବିମାନଟି ୧୦,୦୦୦ଫୁଟ ଉଚ୍ଚତା ଅତିକ୍ରମ ନ କରିବା ପର୍ଯ୍ୟନ୍ତ ଏବଂ ଅବତରଣ ସମୟରେ ଯେତେବେଳେ ବିମାନଟି ୧୦,୦୦୦ ଫୁଟ ତଳେ ଆସି ଟର୍ମିନାଲରେ ପାର୍କିଂ କରାନଯାଏ, ସେତେବେଳେ ଲାଗୁ ହେବ । ତଥାପି,



ଏହି ନିୟମ ଜରୁରୀକାଳୀନ ଝରକା ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଡିଜିସିଏ ଅନୁଯାୟୀ, ଯାତ୍ରା ସମୟରେ ଯେକୌଣସି ସମୟରେ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି ସମ୍ପୂର୍ଣ୍ଣ ନିଷେଧ କରାଯିବ, ଯାତ୍ରୀ ଟର୍ମିନାଲରେ ଥାଆନ୍ତୁ, ଯାନରେ ଥାଆନ୍ତୁ, ବିମାନରେ ଥାଆନ୍ତୁ କିମ୍ବା ରନୱେରେ ଥାଆନ୍ତୁ । ଏହି କଟକଣା ଉଡ଼ାଣ, ଟ୍ୟାକ୍ସି, ପୁଶବ୍ୟାକ, ଅବତରଣ ଏବଂ ୧୦,୦୦୦ ଫୁଟ ତଳେ ଉଡ଼ିବା ସମୟରେ ମଧ୍ୟ ଲାଗୁ ହେବ । ଏହି ନିୟମ ଉଲ୍ଲଂଘନ କଲେ ଯାତ୍ରୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ସାମଗ୍ରିକ ଭାବରେ, ବିମାନ କମ୍ପାନୀଗୁଡ଼ିକୁ ଏବେ ସେମାନଙ୍କର ନିୟମିତ ପ୍ରକ୍ରିୟା ପରିବର୍ତ୍ତନ କରିବାକୁ ପଡିବ । ବିମାନ ଏବଂ କ୍ୟାବିନ କ୍ରୁଙ୍କୁ ଉଡ଼ାଣ ପୂର୍ବରୁ, କ୍ୟାବିନକୁ ସୁରକ୍ଷିତ ରଖିବା ପୂର୍ବରୁ ଏବଂ ଅବତରଣ କରିବା ପୂର୍ବରୁ ସମସ୍ତ ଯାତ୍ରୀଙ୍କୁ ସେମାନଙ୍କର ଝରକା ପରଦା ତଳକୁ କରିବାକୁ ଏବଂ ଫଟୋଗ୍ରାଫି/ଭିଡିଓଗ୍ରାଫି ଏଡାଇବାକୁ ବାଧ୍ୟତାମୂଳକ ଭାବରେ ଘୋଷଣା କରିବାକୁ ପଡିବ । ଡିଜିସିଏ ସମସ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦେଇଛି ଯେ ସେମାନେ ସେମାନଙ୍କର ଗ୍ରାଉଣ୍ଡ ଷ୍ଟାଫ ଏବଂ କ୍ୟାବିନ କ୍ରୁଙ୍କୁ ସ୍ୱତନ୍ତ୍ର ତାଲିମ ଦିଅନ୍ତୁ ଯାହା ଦ୍ୱାରା ସେମାନେ ଏହି ସୁରକ୍ଷା ମାନଦଣ୍ଡଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରିପାରିବେ । ଯାତ୍ରୀମାନଙ୍କୁ ବୋର୍ଡିଂ ଗେଟ, ଟର୍ମିନାଲରେ ଏବଂ ବିମାନ ଭିତରେ ସୂଚନା ବୋର୍ଡ ଏବଂ ସ୍କ୍ରିନ ମାଧ୍ୟମରେ ମଧ୍ୟ ଏ ବିଷୟରେ ସୂଚନା ଦିଆଯିବ । ସରକାର ଏବଂ ଡିଜିସିଏ ସମସ୍ତ ଯାତ୍ରୀଙ୍କୁ ଏହି ନିୟମଗୁଡ଼ିକୁ ଗମ୍ଭୀରତାର ସହ ନେବାକୁ ଏବଂ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଦେଶର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସମ୍ବେଦନଶୀଳ ସାମରିକ କ୍ଷେତ୍ର ସହ ଜଡିତ ସୂଚନାର ଅସାବଧାନତାବଶତଃ ଲିକ ରୋକିବା ପାଇଁ ଏହି ନିୟମଗୁଡ଼ିକ କରାଯାଇଛି ।

# ଉତ୍ତରପ୍ରଦେଶରେ ଝଡ଼ବର୍ଷା ନେଲା ୫୧ ଜୀବନ, ବ୍ୟାପକ କ୍ଷୟକ୍ଷତି

ଲକ୍ଷ୍ନୌ: ଉତ୍ତରପ୍ରଦେଶରେ ତାଣ୍ଡବ ରଚିଲା ଝଡ଼ବର୍ଷା । ବୁଧବାର ରାତିରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ପ୍ରାୟ ସମଗ୍ର ରାଜ୍ୟରେ ପ୍ରବଳ ଝଡ଼ ବର୍ଷା ହୋଇଛି । ଏହି ସମୟରେ ଗଛ ଏବଂ କାନ୍ଥ ପଡ଼ିବାସହ ବଜ୍ରପାତ ଭଳି ବିପର୍ଯ୍ୟୟ କାରଣରୁ ୫୧ ଜଣଙ୍କର ମୃତ୍ୟୁ ଘଟିଛି । ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବାରୁ ବିଜୁଳି ଯୋଗାଣ ବାଧାପ୍ରାପ୍ତ ହୋଇଛି । ବୁଲନ୍ଦସହରରେ ଘଣ୍ଟା ପ୍ରତି ୮୯ କିମି ଏବଂ ମିରଟରେ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ଝଡ଼ ପବନ ବହିଥିଲା । ଆଗ୍ରା, ଅଲିଗଡ଼ ଅଞ୍ଚଳ ସହିତ ରାଜ୍ୟର ଅନ୍ୟାନ୍ୟ ପୂର୍ବାଞ୍ଚଳରେ ମଧ୍ୟ ୫୦ରୁ ୮୦ କିମି ବେଗରେ ପବନ ବହିଥିଲା । ଏହା ଯୋଗୁଁ ଅନେକ ଅଞ୍ଚଳରେ ଘରର ଟିଣ ଛାତ ଏବଂ ନଡ଼ା ଛପର ଉଡ଼ାଇ ନେଇଛି ।

# ମସ୍କୋରେ ଅଳ୍ପକେ ବର୍ତ୍ତିଲେ ଭାରତୀୟ ପ୍ରତିନିଧି ଦଳ



ନୂଆଦିଲ୍ଲୀ: ଭାରତର ଅପରେସନ ସିନ୍ଦୁର ଟିମ ପହଞ୍ଚିବା ପୂର୍ବରୁ ମସ୍କୋ ଏୟାରପୋର୍ଟରେ ଡ୍ରୋନ ଷ୍ଟ୍ରାଇକ୍ । ଠିକ ସମୟରେ ଅବତରଣ କରି ପାରିଲାନି ଭାରତୀୟ ପ୍ରତିନିଧି ଦଳର ବିମାନ । ଗୁରୁବାର ମସ୍କୋରେ ପହଞ୍ଚିଥିଲା ଡିଏମକେ ସାଂସଦ କାନି ମୋଝୀଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ । ଅବତରଣ ମାତ୍ର କିଛି ସମୟ ପୂର୍ବରୁ ମସ୍କୋ ଏୟାରପୋର୍ଟରେ ଡ୍ରୋନ୍ ଷ୍ଟ୍ରାଇକ କରିଥିଲା ୟୁକ୍ରେନ । ଫଳରେ ବହୁ ସମୟ ଧରି ବନ୍ଦ ରହିଥିଲା ମସ୍କୋ ଏୟାରପୋର୍ଟ । ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନକୁ ଅବତରଣ ପାଇଁ ଅନୁମତି ମିଳିନଥିଲା । ଫଳରେ ଅନେକ ୪୫ ମିନିଟ୍ ପର୍ଯ୍ୟନ୍ତ ଆକାଶରେ ଚକ୍କର କାଟିଥିଲା ଏମାନଙ୍କ ବିମାନ । ପରେ ଅନୁମତି ମିଳିବାରୁ ଅବତରଣ କରିଥିଲା । ମସ୍କୋ ଏୟାରପୋର୍ଟରେ ଅବତରଣ ପରେ ହୋଟେଲକୁ ଯାଇଥିଲେ ପ୍ରତିନିଧି ଦଳ । ହୋଟେଲରେ ଭାରତୀୟ ରାଜଦୂତ ବିନୟ କୁମାର ଏବଂ ଅନ୍ୟ ଅଧିକାରୀ ସ୍ୱାଗତ କରିଥିଲେ । ତେବେ ଡ୍ରୋନ ଆକ୍ରମଣ ଯୋଗୁଁ ବିମାନବନ୍ଦରକୁ ଅସ୍ଥାୟୀ ରୂପେ ବନ୍ଦ କରାଯାଇଥିଲା । ଫଳରେ ବିମାନଟି ୪୫ ମିନିଟ ଯାଏ ଆକାଶରେ ବୁଲିଥିଲା । ପରେ ଅନୁମତି ମିଳିବା ପରେ ବିମାନଟି ଅବତରଣ କରିଥିଲା । ସୂଚନାଯୋଗ୍ୟ, ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ବାର୍ତ୍ତା ନେଇ ସାରା ବିଶ୍ୱ ବୁଲିବେ ଭାରତର ସାଂସଦ । ବିଦେଶ ଗସ୍ତ ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଗଠନ ହୋଇଛି । ପ୍ରତି ଦଳର ନେତୃତ୍ୱ ନେବେ ୭ ଜଣ ବରିଷ୍ଠ ସାଂସଦ । ତେବେ କଂଗ୍ରେସର ଶଶୀ ଥରୁର, ବିଜେପିର ରବି ଶଙ୍କର ପ୍ରସାଦ, ଜେଡିୟୁର ସଞ୍ଜୟ କୁମାର ଝା, ଡିଏମକେର କାନିମୋଝୀ କରଣାନିଧି, ଏନସିପିର ସୁପ୍ରିୟା ସୋଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରତି ଦଳର ନେତୃତ୍ୱ ନେଇଛନ୍ତି ।

# ସାଇବର ଠକେଇ ରୋକିବ ଡିଜିଟାଲ ଗୁଇନ୍ଦା, ଆରମ୍ଭ ହେଲା ଏଫଆରଆଇ

ନୂଆଦିଲ୍ଲୀ: ସାଇବର ଠକେଇ ଏବଂ ଆର୍ଥିକ ଅପରାଧର ମୁକାବିଲା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଟେଲିକମ୍ ବିଭାଗ (ଡିଓଟି) ଅଂଶୀଦାରମାନଙ୍କ ସହିତ 'ଆର୍ଥିକ ଠକେଇ ବିପଦ ସୂଚକ (ଏଫଆରଆଇ)' ତଥ୍ୟ ପ୍ରଦାନ କରିବା ପାଇଁ ଘୋଷଣା କରିଛି । ଏହା ହେଉଛି ଡିଜିଟାଲ ଗୁଇନ୍ଦା ମଞ୍ଚ ବା ଡିଜିଟାଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ (ଡିଆଇପି)ର ଅଂଶବିଶେଷ ରୂପରେ ବିକଶିତ ଏକ ବହୁମୁଖୀ ବିଶ୍ଳେଷଣାତ୍ମକ ଉପକରଣରୁ ପ୍ରାପ୍ତ ପରିଣାମ । ସାଇବର ଠକେଇ ଏବଂ ଆର୍ଥିକ ଅପରାଧର ମୁକାବିଲା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଟେଲିକମ୍ ବିଭାଗ (ଡିଓଟି) ଅଂଶୀଦାରମାନଙ୍କ ସହିତ 'ଆର୍ଥିକ ଠକେଇ ବିପଦ ସୂଚକ (ଏଫଆରଆଇ)' ତଥ୍ୟ ପ୍ରଦାନ କରିବା ପାଇଁ ଘୋଷଣା କରିଛି । ଏହା ହେଉଛି ଡିଜିଟାଲ ଗୁଇନ୍ଦା ମଞ୍ଚ ବା ଡିଜିଟାଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ (ଡିଆଇପି)ର ଅଂଶବିଶେଷ ରୂପରେ ବିକଶିତ ଏକ ବହୁମୁଖୀ ବିଶ୍ଳେଷଣାତ୍ମକ ଉପକରଣରୁ ପ୍ରାପ୍ତ ପରିଣାମ । ସାଇବର ଠକେଇ ନିବାରଣ ଲାଗି ଅଗ୍ରୀମ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ଗୁଇନ୍ଦା ସୂଚନା ପ୍ରଦାନ କରି ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବା ଲାଗି ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଉପକରଣ ଦ୍ୱାରା ଚିହ୍ନିତ ମୋବାଇଲ ନମ୍ବରରେ ଡିଜିଟାଲ ଦେୟ ପ୍ରଦାନ କରାଯିବା ସମୟରେ ଉକ୍ତ ନମ୍ବରରେ ସାଇବର ସୁରକ୍ଷା ଏବଂ ସତ୍ୟତା ଯାଞ୍ଚକୁ ସୁଦୃଢ଼ କରାଯାଇପାରିବ ।

ଏହା ଏକ ବିପଦ ଆଧାରିତ ମାପନ ବ୍ୟବସ୍ଥା ଯାହା କୌଣସି ଏକ ମୋବାଇଲ୍ ? ନମ୍ବରକୁ ଆର୍ଥିକ ଠକେଇର ମଧ୍ୟମ, ଉଚ୍ଚ କିମ୍ବା ଅତି ଉଚ୍ଚ ବିପଦ ସହ ଜଡ଼ିତ ବୋଲି ବର୍ଗୀକୃତ କରିଥାଏ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି) ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନସିଆରପି), ଦୂରସଞ୍ଚାର ବିଭାଗର ଚକ୍ଷୁ ପ୍ଲାଟଫର୍ମ ଏବଂ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଠାରୁ ମିଳିଥିବା ତଥ୍ୟ ଆଧାରରେ ଏହି ବର୍ଗୀକରଣ କରାଯାଇଥାଏ । ଏହା ବିଭିନ୍ନ ଅଂଶୀଦାର, ବିଶେଷ କରି ବ୍ୟାଙ୍କ, ଏନ୍.ବି.ଏଫ୍.ସି. ଏବଂ ୟୁ.ପି.ଆଇ. ସେବା ପ୍ରଦାନକାରୀଙ୍କୁ କାର୍ଯ୍ୟକାରିତାକୁ ପ୍ରାଥମିକତା ଦେଇଥାଏ ଏବଂ ଯଦି କୌଣସି ମୋବାଇଲ୍ ନମ୍ବରରେ ଅଧିକ ବିପଦ ଥାଏ, ତେବେ ଅତିରିକ୍ତ ଗ୍ରାହକ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ପାଇଁ ସଶକ୍ତ କରିଥାଏ । ଦୂରସଞ୍ଚାର ବିଭାଗର ଡିଜିଟାଲ ଗୁଇନ୍ଦା ୟୁନିଟ୍ (ଡିଆଇୟୁ) ସଂଯୋଗ ବିଚ୍ଛିନ୍ନ ହୋଇଥିବା ମୋବାଇଲ ନମ୍ବର (ମୋବାଇଲ ନମ୍ବର ରିଭୋକେସନ୍ ତାଲିକା-ଏମଏନଆରଏଲ) ଗୁଡ଼ିକୁ ଅଂଶୀଦାରମାନଙ୍କୁ ପ୍ରଦାନ କରିଥାଏ । ଏଥିସହିତ ସାଇବର ଅପରାଧରେ ସମ୍ପୃକ୍ତ ହେବା, ପୁନଃଯାଞ୍ଚରେ ବିଫଳ ହେବ, ସୁପାରିସ ସୀମାଠାରୁ ବାହାରକୁ ଯିବା ଆଦି ଭଳି ସଂଯୋଗ ବିଚ୍ଛିନ୍ନ ହେବାର କାରଣ ମଧ୍ୟ ଦର୍ଶାଇଥାଏ । ଏହି ନମ୍ବରଗୁଡ଼ିକ ସାଧାରଣତଃ ଆର୍ଥିକ ଅପରାଧରେ ବ୍ୟବହାର କରାଯାଇଥାଏ । ଯେହେତୁ ସାଇବର ଠକେଇରେ ଅପବ୍ୟବହାର ହେଉଥିବା ଏକ ମୋବାଇଲ୍ ନମ୍ବରର ଜୀବନକାଳ ସାଧାରଣତଃ କିଛି ଦିନ ହୋଇଥାଏ, ଏବଂ ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ଅନେକ ଦିନ ଲାଗିପାରେ, ଏହିପରି ସଂଖ୍ୟା ସହିତ ଜଡିତ ବିପଦ ଉପରେ ଏକ ଅଗ୍ରୀମ ସୂଚକ ଅତ୍ୟନ୍ତ ଉପଯୋଗୀ ହେବ । ତେଣୁ କୌଣସି ସନ୍ଦିଗ୍ଧ ମୋବାଇଲ ନମ୍ବର କୌଣସି ଅଂଶୀଦାରଙ୍କ ଦ୍ୱାରା ଚିହ୍ନଟ କରାଯିବା ମାତ୍ରେ, ଏହାର ବହୁମୁଖୀ ବିଶ୍ଳେଷଣ କରାଯାଇଥାଏ ଏବଂ ତାହାକୁ ମଧ୍ୟମ, ଉଚ୍ଚ କିମ୍ବା ଅତି ଉଚ୍ଚ ଆର୍ଥିକ ବିପଦ ସହ ଜଡ଼ିତ ଥିବା ବିପଦ ରୂପେ ବର୍ଗୀକୃତ କରାଯାଇଥାଏ । ଏହାପରେ ଉକ୍ତ ନମ୍ବର ବିଷୟରେ ଏହି ଆକଳନକୁ ତୁରନ୍ତ ଡିଆଇପି ମାଧ୍ୟମରେ ସବୁ ଅଂଶୀଦାରଙ୍କୁ ଶେୟାର କରାଯାଏ । ଫୋନ୍ ପେ' ପ୍ରଥମ ସଂସ୍ଥା ଭାବେ ଏଫଆରଆଇକୁ ପ୍ରାରମ୍ଭିକ ଅବସ୍ଥାରେ ଗ୍ରହଣ କରିଛି । ଅତି ଉଚ୍ଚ ଏଫଆରଆଇ ମୋବାଇଲ ନମ୍ବର ସହ ଜଡ଼ିତ ନେଣଦେଣକୁ ଅସ୍ୱୀକାର କରିବା ଏବଂ ଫୋନପେ' ପ୍ରୋଟେକ୍ଟ ସୁବିଧାର ଅଂଶବିଶେଷ ଭାବେ ଅନସ୍କ୍ରିନ୍ ଆଲର୍ଟ ପ୍ରଦର୍ଶିତ କରିବା ଲାଗି ଫୋନ୍ ପେ' ଏହାର ଉପଯୋଗ କରିଛି । ଫୋନ୍ ପେ' ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟରୁ ମଡେଲର ପ୍ରଭାବ ଜଣାପଡ଼ିଥାଏ- ସଫ୍ଟ ସିଗ୍ନାଲ ରୂପରେ ପାସ୍ ହୋଇଥିବା ନମ୍ବର ସାଇବର ଠକେଇ ମାମଲାରେ ବାସ୍ତବରେ ସାମିଲ ହେବାର ଆଶଙ୍କା ବହୁତ ଅଧିକ ଥିବା ଜଣାପଡ଼ିଥାଏ । ମଧ୍ୟମ ଏଫଆରଆଇ ନମ୍ବର ପାଇଁ ନେଣଦେଣର ଅନୁମତି ଦେବା ପୂର୍ବରୁ ଫୋନ୍ ପେ' ଏକ ସକ୍ରିୟ ବ୍ୟବହାରକାରୀ ଚେତାବନୀ ପ୍ରଦର୍ଶିତ କରିବା ଲାଗି କାମ କରିଥାଏ । ଫୋନ ପେ', ପେ'ଟିଏମ ଏବଂ ଗୁଗଲ ପେ' ଭଳି ଅଗ୍ରଣୀ ୟୁପିଆଇ ପ୍ଲାଟଫର୍ମରେ ୯୦% ୟୁପିଆଇ ନେଣଦେଣ ହେଉଥିବା ବେଳେ ସେମାନେ ମଧ୍ୟ ଆର୍ଥିକ ଠକେଇକୁ ହ୍ରାସ କରିବା ଲାଗି ଡିଆଇପି ଆଲର୍ଟକୁ ସେମାନଙ୍କ ବ୍ୟବସ୍ଥା ସହ ଯୋଡ଼ିବା ଆରମ୍ଭ କରିଛନ୍ତି । ଉଦାହରଣ ସ୍ୱରୂପ, ଅଗ୍ରଣୀ ୟୁପିଆଇ ପ୍ଲାଟଫର୍ମଗୁଡ଼ିକ ମଧ୍ୟରୁ ଗୋଟିଏ ସତର୍କ ସୂଚନା ଏବଂ ବ୍ୟବହାରକାରୀଙ୍କ ନିଶ୍ଚିତକରଣର ଆବଶ୍ୟକତା ସହିତ ନେଣଦେଣ ବିଳମ୍ବ କରିବା ଆରମ୍ଭ କରିଛି । ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ସାଇବର ଠକେଇକୁ ହ୍ରାସ କରିବା ପାଇଁ ତଥ୍ୟକୁ ସକ୍ରିୟ ଭାବେ ବ୍ୟବହାର କରୁଛନ୍ତି । ୟୁପିଆଇ ସମଗ୍ର ଭାରତରେ ସର୍ବାଧିକ ପସନ୍ଦଯୋଗ୍ୟ ଦେୟ ପଦ୍ଧତି ହୋଇଥିବାରୁ, ଏହି ହସ୍ତକ୍ଷେପ ଲକ୍ଷ ଲକ୍ଷ ନାଗରିକଙ୍କୁ ସାଇବର ଠକେଇର ଶିକାର ହେବାରୁ ରକ୍ଷା କରିପାରିବ । ଉଭୟ ଦୂରସଞ୍ଚାର ଏବଂ ଆର୍ଥିକ କ୍ଷେତ୍ରରେ ସନ୍ଦିଗ୍ଧ ଠକେଇ ବିରୋଧରେ ଦ୍ରୁତ, ଲକ୍ଷ୍ୟବଦ୍ଧ ଏବଂ ସହଯୋଗୀ କାର୍ଯ୍ୟାନୁଷ୍ଠାନ ପାଇଁ ଏଫ୍.ଆର.ଆଇ. ଅନୁମତି ଦେଇଥାଏ । ଜାତୀୟ ସ୍ତରର ପ୍ରଯୁକ୍ତିବିଦ୍ୟା ପରିଚାଳିତ ସମାଧାନ କାର୍ଯ୍ୟକାରୀ କରି ଏବଂ ଅଂଶୀଦାରମାନଙ୍କ ସହିତ ସହଯୋଗ ମାଧ୍ୟମରେ ଦୂରସଞ୍ଚାର ସମ୍ବଳର ଅପବ୍ୟବହାରକୁ ରୋକିବା ପାଇଁ ଦୂରସଞ୍ଚାର ବିଭାଗ ପ୍ରତିଶ୍ରୁତିବଦ୍ଧ । ଏହା ସବୁ ନାଗରିକଙ୍କ ପାଇଁ ଏକ ସୁରକ୍ଷିତ ଏବଂ ନିରାପଦ ଦୂରସଞ୍ଚାର ଇକୋସିଷ୍ଟମ ନିଶ୍ଚିତ କରିଥାଏ । ଦୂରସଞ୍ଚାର ବିଭାଗ ଆର୍ଥିକ ଅନୁଷ୍ଠାନ ଏବଂ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ସହିତ ସହଭାଗିତା ଜାରି ରଖିଛି ଯାହା ସତର୍କତା ପ୍ରଣାଳୀକୁ ଆହୁରି ଉପଯୋଗ କରିବ ଏବଂ ପ୍ରତିକ୍ରିୟା ସମୟ ହ୍ରାସ କରିବ । ଗ୍ରାହକ ସମ୍ମୁଖୀନ ହେଉଥିବା ବ୍ୟବସ୍ଥାରେ ଏଫ.ଆର.ଆଇ.ର ଏକୀକରଣ ଏକ ଶିଳ୍ପ ମାନକରେ ପରିଣତ ହେବ ବୋଲି ଆଶା କରାଯାଉଛି, ଯାହା ଭାରତର ଡିଜିଟାଲ ଆର୍ଥିକ ଇକୋସିଷ୍ଟମରେ ବ୍ୟବସ୍ଥିତ ନମନୀୟତା ଆଣିବ ।

# କାହାକୁ ନିଷ୍ପତ୍ତି ନେବାର ଅଧିକାର ନାହିଁ : ଗମ୍ଭୀର

## ରୋହିତ-ବିରାଟଙ୍କ ଅବସର ଉପରେ ମୁହଁ ଖୋଲିଲେ କୋଚ୍





ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଶେଷରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ ସନ୍ନ୍ୟାସ ଉପରେ ମୁହଁ ଖୋଲିଛନ୍ତି ସେ କହିଛନ୍ତି, ଏହା ସେମାନଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଏହାର ସମ୍ମାନ କରିବା ଉଚି୍ ରୋହିତ-ବିରାଟଙ୍କ ଟେଷ୍ଟରୁ ସନ୍ନ୍ୟାସ ନେବା ଭାରତୀୟ ଦଳରେ ବଡ଼ ବ୍ୟବଧାନ ସୃଷ୍ଟି କରିବ କିନ୍ତୁ ଯୁବ ଖେଳାଳିଙ୍କ ନିକଟରେ ନିଜକୁ ପ୍ରମାଣିତ କରିବାର ଏହା ସୁବର୍ଣ୍ଣ ସୁଯୋଗ ବୋଲି ଗୌତମ ଗମ୍ଭୀର କହିଛନ୍ତି

ସିଏନଏନ-ନ୍ୟୁଜ ୧୮ ସହ ଆଲୋଚନା ବେଳେ ଗମ୍ଭୀର କହିଁଛନ୍ତି, ମୋ ମତରେ ଆପଣ ଯେବେ ଖେଳ ଅରମ୍ଭ କରନ୍ତି ଏବଂ ଏହାର ଶେଷ କରନ୍ତି ତେବେ ତାହା ବ୍ୟକ୍ତିଗତ ନିଷ୍ପତ୍ତି ହୋଇଥାଏ କୋଚ୍ ହୁଅନ୍ତୁ କି ଚୟନକର୍ତ୍ତା ଦେଶର ଯିଏ ବି ହେଉ କେହି ଖେଳାଳିଙ୍କୁ କେବେ ସନ୍ନ୍ୟାସ ନେବାର କହିବାର ଅଧିକାର ନାହିଁ ସନ୍ନ୍ୟାସ ନେବାର ସ୍ୱର ଖେଳାଳିଙ୍କ ମନରୁ ଆସିଥାଏ ।

ସୂଚନାଯୋଗ୍ୟ, ରୋହିତ ଶର୍ମା ଓ ବିରାଟ କୋହଲି ଚଳିତ ମାସ ଆରମ୍ଭରେ ଟେଷ୍ଟ ଫର୍ମାଟରୁ ଅବସର ନେଇଛନ୍ତି। ଗମ୍ଭୀର ସ୍ୱୀକାର କରିଛନ୍ତି ଯେ, ଦଳରେ ଦୁଇ ଖେଳାଳିଙ୍କ ଅଭିଜ୍ଞତାର ଅଭାବ ଅନୁଭୂତ ହେବ। କିନ୍ତୁ ସେ ଜୋର ଦେଇ କହିଛନ୍ତି ଯେ, ଯୁବ ଖେଳାଳିଙ୍କ ନିକଟରେ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିଛି। ତେଣୁ ଯାହାକୁ ବି ସୁଯୋଗ ମିଳିବ। ତାଙ୍କୁ ଏହାର ଭରପୁର ଫାଇଦା ଉଠାଇବା ଉଚିତ।

ଗମ୍ଭୀର ଭାରତରର ଚାମ୍ପିଅନ୍ସ ଟ୍ରଫି ଜିତିବାର ଉଦାହରଣ ଦେଇଛନ୍ତି। ଏଥିରେ ବୁମରା ଭାରତୀୟ ଦଳରେ ନ ଥିଲେ ।ତଥାପି ଦଳ ଟ୍ରଫି ଜିତି ପାରିଛି। ବିନା ବରିଷ୍ଠ ଖେଳାଳିରେ ବି ଦଳକୁ ସଫଳ କରାଯାଇ ପାରିବ ବୋଲି ହେଡ୍ କୋଚ୍ କହିଛନ୍ତ। ଇଂଲଣ୍ଡ ଗସ୍ତ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା ହୋଇପାରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗକର ଗଣମାଧ୍ୟମକୁ ସମ୍ବୋଧିତ କରିବେ ।

# ଗୁଜରାଟକୁ ହରାଇଲା ଲକ୍ଷ୍ନୌ

ଅହମଦାବାଦ,୨୩।୫: ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ୩୩ ରନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି ଲକ୍ଷ୍ନୌ ଦ୍ୱାରା ପ୍ରଦତ୍ତ ୨୩୬ ରନର ଟାର୍ଗେଟର ପିଛା କରୁଥିବା ଗୁଜରାଟ ୨୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ୍ କରିଥିଲା ପୂର୍ବରୁ ପ୍ଲେଅଫ୍‌ରୁ ବାଦ୍ ପଡ଼ିଥିବା ଲକ୍ଷ୍ନୌ ଲାଗି ଏହା ଷଷ୍ଠ ବିଜୟ

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୫ ରନ୍ କରିଥିଲା। ମିଚେଲ ମାର୍ଶ ୬୪ ବଲରେ ୧୦ ଚୌକା ଓ ୮ ଛକା ସହିତ ୧୧୭ ରନର ଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ଥିଲା। ନିକୋଲସ ପୁରନ ୨୭ ବଲରେ ୫୬ (୪ ଚୌକା ଓ ୫ ଛକା) ଓ ଏଡେନ ମାରକ୍ରାମ ୩୬ (୩ ଚୌକା ଓ ୨ ଛକା) ରନ କରିଥିଲେ।

ଜବାବରେ ଗୁଜରାଟକୁ ଶୁବମନ ଗିଲ ଓ ସାଇ ସୁଦର୍ଶନ ୪୬ ରନ୍‌ର ଆରମ୍ଭ ଦେଇଥିଲେ। ପ୍ରଥମେ ସୁଦର୍ଶନ ୨୧ (୪ ଚୌକା) ଓ ତାଙ୍କ ପଛରେ ଗିଲ ୩୫ (୭ ଚୌକା) ଏବଂ ଜୋସ ବଟଲର ୩୩ (୩ ଚୌକା ଓ ୨ ଛକା) ରନ୍ କରି ପାଭିଲିଅନ ଫେରିଥିଲେ। ପରେ ଶାହରୁଖ ଖାନ ଓ ଶେର୍ଫାନେ ରଦରଫୋର୍ଡ ଚତୁର୍ଥ ଉଇକେଟରେ ୩୯ ବଲରେ ଦ୍ରୁତ ୮୬ ରନ ଯୋଡ଼ିଥିଲେ। ହେଲେ ତାହା ଦଳକୁ ଜିତାଇ ପାରି ନ ଥିଲା । ଦଳ ପାଇଁ ଶାହରୁଖ ଖାନ ୨୯ ବଲରେ ୫୭ (୫ ଚୌକା ଓ ୩ ଛକା) ଓ ରଦରଫୋର୍ଡ ୩୮ (୧ ଚୌକା ଓ ୩ ଛକା) ରନ କରି ଥିଲେ ।ଫଳରେ ଗୁଜରାଟ ୨୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ୍ କରିପାରିଥିଲା।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୦୯ | ୦୩ | ୧୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୦୮ | ୦୪ | ୧୭ |
| ପଞ୍ଜାବ କିଙ୍ଗ୍‌ସ | ୧୨ | ୦୮ | ୦୩ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୦୮ | ୦୫ | ୧୬ |
| ଦିଲ୍ଲୀ କ୍ୟାପିଟାଲ୍ | ୧୩ | ୦୬ | ୦୫ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୩ | ୦୫ | ୦୬ | ୧୨ |
| ସନରାଇଜର୍ସ ହାଇଦ୍ରାବାଦ | ୧୩ | ୦୫ | ୦୭ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୨ | ୦୫ | ୦୭ | ୧୦ |
| ରାଜସ୍ଥାନ ରୟାଲ୍‌ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୩ | ୦୩ | ୦୯ | ୦୬ |

# ଅବସର ନେବେ ଆଞ୍ଜେଲୋ ମାଥ୍ୟୁସ୍

ନୂଆଦିଲ୍ଲୀ,୨୩।୫: ଶ୍ରୀଲଙ୍କାର ଅଭିଜ୍ଞ କ୍ରିକେଟର ଆଞ୍ଜେଲୋ ମାଥ୍ୟୁସ୍ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାର ଏକ ବିବୃତିରେ ୩୭ ବର୍ଷୀୟ ମାଥ୍ୟୁସ୍ ନିଶ୍ଚିତ କରିଛନ୍ତି ଯେ ଜୁନ ମାସରେ ଗାଲେ ଆନ୍ତର୍ଜାତୀୟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟେଷ୍ଟ ମ୍ୟାଚ ତାଙ୍କର ଦୀର୍ଘତମ ଫର୍ମାଟରେ ଶେଷ ମ୍ୟାଚ ହେବ।



ମାଥ୍ୟୁସ୍ ୨୦୦୯ରେ ଗାଲେରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ଶ୍ରୀଲଙ୍କାର ଟେଷ୍ଟ ଇତିହାସରେ ତୃତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇପାରିଛନ୍ତି, କୁମାର ସାଙ୍ଗାକାରା ଓ ମାହେଲା ଜୟବର୍ଦ୍ଧନେଙ୍କ ପଛରେ।

୧୧୮ ଟେଷ୍ଟରେ ମାଥ୍ୟୁସ୍ ୪୪.୬୨ ହାରରେ ୮,୧୬୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର ୨୦୦ଅପରାଜିତ ୨୦୨୦ରେ ଜିମ୍ବାୱେ ବିପକ୍ଷରେ ହାରାରେ ସ୍ପୋର୍ଟସ କ୍ଲବରେ ଆସିଥିଲା।

କୃତଜ୍ଞ ହୃଦୟ ଓ ଅବିସ୍ମରଣୀୟ ସ୍ମୃତି ସହିତ, ମୁଁ ଖେଳର ସବୁଠାରୁ ପ୍ରିୟ ଫର୍ମାଟ, ଆନ୍ତର୍ଜାତୀୟ ଟେଷ୍ଟ କ୍ରିକେଟକୁ ବିଦାୟ ଦେବାର ସମୟ ଆସିଛି ! ଶ୍ରୀଲଙ୍କା ପାଇଁ ୧୭ ବର୍ଷ କ୍ରିକେଟ ଖେଳିବା ମୋ ପାଇଁ ସର୍ବୋଚ୍ଚ ସମ୍ମାନ ଓ ଗର୍ବର ବିଷୟ। ଜାତୀୟ ଜର୍ସି ପିନ୍ଧି ଦେଶପ୍ରୀତି ଓ ସେବାର ଅନୁଭବ ଅତୁଳନୀୟ ମୁଁ କ୍ରିକେଟକୁ ସବୁକିଛି ଦେଇଛି ଓ କ୍ରିକେଟ ମୋତେ ବଦଳରେ ସବୁକିଛି ଦେଇ ଆଜିର ବ୍ୟକ୍ତିତ୍ୱରେ ଗଢ଼ିଛି, ମାଥ୍ୟୁସ୍ ତାଙ୍କ ସୋସିଆଲ ମିଡିଆ। ହ୍ୟାଣ୍ଡେଲରେ ଲେଖିଛନ୍ତି

ତେବେ, ମାଥ୍ୟୁସ୍ ହ୍ୱାଇଟ-ବଲ ଫର୍ମାଟରେ ନିର୍ବାଚନ ପାଇଁ ନିଜକୁ ଉପଲବ୍ଧ ରଖିଛନ୍ତି। ୨୦୦୮ରେ ହାରାରେ ଜିମ୍ବାବେ ବିପକ୍ଷରେ ତାଙ୍କର ଓଡିଆଇ ଡେବ୍ୟୁ ହୋଇଥିଲା, ଯାହା ଆଜକୁ ୧୭ ବର୍ଷ ହେଲା। ମୁଁ ଖେଳ ପ୍ରତି କୃତଜ୍ଞ ଓ ଶ୍ରୀଲଙ୍କା କ୍ରିକେଟର ହଜାର ହଜାର ପ୍ରଶଂସକଙ୍କୁ ଧନ୍ୟବାଦ ଦେଉଛି, ଯେଉଁମାନେ ମୋ କ୍ୟାରିୟରର ସର୍ବୋଚ୍ଚ ଓ ନିମ୍ନତମ ସମୟରେ ମୋ ସହ ଥିଲେ ଜୁନରେ ବାଂଲାଦେଶ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ ମୋ ଦେଶ ପାଇଁ ଶେଷ ରେଡ-ବଲ ଖେଳ ହେବ।

ଟେଷ୍ଟ ଫର୍ମାଟକୁ ବିଦାୟ ଦେଉଥିବା ବେଳେ, ଚୟନକର୍ତ୍ତାଙ୍କ ସହ ଆଲୋଚନା ଅନୁଯାୟୀ ମୁଁ ହ୍ୱାଇଟ-ବଲ ଫର୍ମାଟ ପାଇଁ ନିର୍ବାଚନ ଲାଗି ଉପଲବ୍ଧ ରହିବି, ଯଦି ମୋ ଦେଶର ଆବଶ୍ୟକତା ହୁଏ ମୁଁ ବିଶ୍ୱାସ କରେ ଏହି ଟେଷ୍ଟ ଟିମ୍ ଏକ ପ୍ରତିଭାବାନ ଦଳ, ଯେଉଁଥିରେ ଅନେକ ଭବିଷ୍ୟତ ଓ ବର୍ତ୍ତମାନର ମହାନ ଖେଳାଳି ରହିଛନ୍ତି, ମାଥ୍ୟୁସ୍ କହିଛନ୍ତି। ୨୨୬ ଦିନିକିଆ ଓ ୯୦ ଟି-୨୦ ରେ ମାଥ୍ୟୁସ୍ ଯଥାକ୍ରମେ ୫,୯୧୬ ଓ ୧,୪୧୬ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୩ଟି ଶତକ ଓ ୪୬ଟି ଅର୍ଦ୍ଧଶତକ ରହିଛି।

# ନକଲି ଖବରକୁ ନେଇ ପନ୍ତ ଅସନ୍ତୁଷ୍ଟ

ନୂଆଦିଲ୍ଲୀ.୨୩।୫: ଲକ୍ଷ୍ନୌ ସୁପରଜାଏଣ୍ଟସର ଅଧିନାୟକ ରିଷଭ ପନ୍ଥଙ୍କ ପ୍ରଦର୍ଶନ ନିରାଶାଜନକ ରହିଛି ତାଙ୍କ ଦଳ ମଧ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହିଁ ରିଷଭ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୩ଟି ମ୍ୟାଚ୍‌ରେ ମୋଟ ୧୫୧ ରନ୍ କରିଥିବା ବେଳେ ତାଙ୍କ ଦଳ ମଧ ଲିଗ୍ ପର୍ଯ୍ୟାୟରୁ ବାଦ ପଡ଼ି ଯାଇଛି। ଏଭଳି ସମୟରେ ଜଣେ ସାମ୍ବାଦିକ ଟ୍ୱିଟ୍ କରି ଲେଖିଛନ୍ତି, ବ୍ରେକିଙ୍ଗ ନ୍ୟୁଜ୍, ଏଲଏସଜି ଆଇପିଏଲ ୨୦୨୬ ପୂର୍ବରୁ ରିଷଭ ପନ୍ତଙ୍କୁ ମୁକ୍ତ କରିପାରେ। ଏଲଏସଜି ପରିଚାଳନାକୁ ଲାଗୁଛି ୨୭ କୋଟି ଟଙ୍କା ରିଷଭଙ୍କ ପାଇଁ ବହୁତ ଅଧିକ। ପନ୍ତ ଏହି ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ ବୁଝିପାରୁଛି ଯେ ନକଲି ଖବର ଅଧିକ ବିଷୟବସ୍ତୁକୁ ପ୍ରୋତ୍ସାହିତ କରେ। ବିଶ୍ୱାସନୀୟ ଖବର ଏକ ଏଜେଣ୍ଡା ସହିତ ନକଲି ଖବର ସୃଷ୍ଟି କରିବା ଅପେକ୍ଷା ଅଧିକ ସାହାଯ୍ୟ କରିବ। ଧନ୍ୟବାଦ, ଆପଣଙ୍କର ଦିନ ଶୁଭ ହେଉ। ଆସନ୍ତୁ ଆମେ ସୋସିଆଲ ମିଡିଆରେ ଯାହା ପୋଷ୍ଟ କରୁ ସେ ବିଷୟରେ ଦାୟିତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ହେବା ଉଚିତ।

# ହଠାତ ବଦଳିଲା ଅଧିନାୟକ

ନୂଆଦିଲ୍ଲୀ,୨୩।୫: ୨୦୨୫ର ୬୫ତମ ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା କିନ୍ତୁ ବଡ଼ ଖବର ଥିଲା ଯେ ଦଳ ଏହାର ଅଧିନାୟକ ପରିବର୍ତ୍ତନ କରିଛି। ରଜତ ପାଟିଦାରଙ୍କ ସ୍ଥାନରେ ଜିତେଶ ଶର୍ମାଙ୍କୁ ଅଧିନାୟକ କରାଯାଇଛି ।ତେବେ ରଜତ ପାଟିଦାର ଜଣେ ଇମ୍ପ୍ୟାକ୍ଟ ପ୍ଲେୟାର ଭାବରେ ଖେଳିବେ। କିନ୍ତୁ ଆଘାତ ଯୋଗୁ ତାଙ୍କୁ ୪୦ ଓଭର ପର୍ଯ୍ୟନ୍ତ ପଡ଼ିଆରେ ରଖାଯାଇପାରିବ ନାହିଁ। ଜିତେଶ ଶର୍ମାଙ୍କ ବିଷୟରେ କହିବାକୁ ଗଲେ, ସେ ଗତ ବର୍ଷ ପଞ୍ଜାବ କିଙ୍ଗସର ଅଧିନାୟକ୍ କରିଥିଲେ ଏବଂ ଗତ ବର୍ଷ ମଧ ସେ ହାଇଦ୍ରାବାଦ ବିପକ୍ଷରେ ଦଳର ନେତୃତ୍ୱ ନେଇଥିଲେ।



ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ଦଳରେ କିଛି ବଡ଼ ପରିବର୍ତ୍ତନ ହୋଇଛି। ଫିଲ ସଲ୍ଟ ପ୍ଲେଇଂ ଏକାଦଶକୁ ଫେରିଛନ୍ତି। ସେହିଭଳି ମୟଙ୍କ ଅଗ୍ରାଲ ଏହି ସିଜିନରେ ପ୍ରଥମ ଥର ପାଇଁ ଦଳ ପାଇଁ ଖେଳିବେ କୋଭିଡ ଯୋଗୁ ଶେଷ ମ୍ୟାଚ୍ ଖେଳିପାରି ନ ଥିବା ହାଇଦ୍ରାବାଦ ଦଳକୁ ଟ୍ରାଭିସ ହେଡ ଫେରିଥିବା ବେଳେ ଜିତେଶ ଶର୍ମା ଅଧିନାୟକ ହୋଇଥିଲେ। ଉନାଦକଟ ପ୍ଲେଇଂ ଇଲେଭେନକୁ ଫେରିଛନ୍ତି।

ବାଙ୍ଗାଲୋରର ପ୍ଲେଇଂ ଏକାଦଶ:

ଫିଲ ସଲ୍ଟ, ବିରାଟ କୋହଲି, ମୟଙ୍କ ଅଗ୍ରାଲ, ଜିତେଶ ଶର୍ମା, ଟିମ ଡେଭିଡ୍, ରୋମାରିଓ ଶେଫର୍ଡ, କ୍ରୁଣାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶ ଦିଳଲ, ଲୁଙ୍ଗି ନିଗିଡି ଏବଂ ସୁଆଶ ଶର୍ମା

ସନରାଇଜର୍ସ ହାଇଦ୍ରାବାଦର ପ୍ଲେଇଂ ଏକାଦଶ:

ଅଭିଷେକ ଶର୍ମା, ଟ୍ରାଭିସ ହେଡ, ଇଶାନ କିଶନ, ନୀତୀଶ କୁମାର ରେଡ୍ଡୀ, ହେନ୍‌ରିଚ୍ କ୍ଲାସେନ, ଅନିକେତ ବର୍ମା, ଅଭିନାଭ ମନୋହର, ପ୍ୟାଟ କମିନ୍ସ, ହର୍ଷଲ ପଟେଲ, ଜୟଦେବ ଉନାଦକାଟ ଏବଂ ଏହସାନ ମଲିଙ୍ଗା

ହାଇଦ୍ରାବାଦ ଏବଂ ମଧ୍ୟରେ କଠିନ ପ୍ରତିଯୋଗିତା ଚାଲିଛି:

ଆରସିବି ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ ଜିତିଥିବା ବେଳେ ସନରାଇଜର୍ସ ୧୩ଟି ମ୍ୟାଚ ଜିତିଛି ତଥାପି ଯଦି ଆମେ ଗତ ପାଞ୍ଚଟି ମ୍ୟାଚ ବିଷୟରେ କଥା ହେବା, ତେବେ ୩ଟି ମ୍ୟାଚ ଜିତିଛି ଏବଂ ୨ଟିରେ ହାରିଛି । ପାଇଁ ହାଇଦ୍ରାବାଦ ବିପକ୍ଷ ମ୍ୟାଚ ଜିତିବା ବହୁତ ଗୁରୁତ୍ୱପୂର୍ଣ୍ଣ ।କାରଣ ଏହି ଦଳ ଯେକୌଣସି ମୂଲ୍ୟରେ ପଏଣ୍ଟ ଟେବୁଲର ଶୀର୍ଷ ୨ରେ ରହିବାକୁ ଚାହିଁବ କାରଣ କେବଳ ଏହି ଆଧାରରେ ଦଳକୁ ଫାଇନାଲରେ ପହଞ୍ଚିବା ପାଇଁ ଦୁଇଟି ସୁଯୋଗ ମିଳିବ।

# ଇଂଲଣ୍ଡ ଟୁର୍‌ରୁ କଟିଲା ଶାମୀଙ୍କ ପତା !



ମୁମ୍ବାଇ ୨୩।୦୫: ଇଂଲଣ୍ଡ ବିପକ୍ଷରେ ପାଞ୍ଚଟିକିଆ। ଟେଷ୍ଟ ସିରିଜ ଘୋଷଣା ହୋଇନି ଶନିବାର ଘୋଷଣା ହେବ ଦଳ ଚୟନ ଶନିବାର (୨୩ ମଇ) ଅନୁଷ୍ଠିତ ହେବାକୁ ଯାଉଛି ଟିମ୍ ଇଣ୍ଡିଆ। ଚୟନ ପୂର୍ବରୁ କିଛି ରିପୋର୍ଟରେ ଅନେକ ଦାବି ଚର୍ଚ୍ଚା ହେଉଛି କି, ବିସିସିଆଇ (ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ) ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମୀଙ୍କୁ ଗସ୍ତରୁ ବାଦ୍ ଦେଇପାରେ ଆହୁରି ବି ଶୁଣିବାକୁ ମିଳିଛି କି, ସେ ବି କୁଆଡେ ଅବସର ନେଇପାରନ୍ତି ଜସପ୍ରିତ ବୁମରାହଙ୍କ ସମ୍ପର୍କରେ ଏକ ବଡ଼ ଅପଡେଟ୍ ମଧ ସାମ୍ନାକୁ ଆସିଛି ।

ବିସିସିଆଇ ଡାକ୍ତରୀ ଦଳ ବୋର୍ଡକୁ କହିଛି ଯେ ୩୪ ବର୍ଷୀୟ ଶାମୀ ଲଙ୍ଗ ସ୍ପେଲ ବୋଲିଂ କରିବା ପାଇଁ ସମ୍ପୂର୍ଣ୍ଣ ଫିଟ୍ ନୁହଁନ୍ତି ଏପରି ପରିସ୍ଥିତିରେ, ସେ ସମ୍ପୂର୍ଣ୍ଣ ପାଞ୍ଚଟି ଟେଷ୍ଟ ଖେଳିପାରିବେ କି ନାହିଁ ତାହା ମଧ ସ୍ଥିର ହୋଇନାହିଁ ଏପରି ପରିସ୍ଥିତିରେ, ଏହା ବିଶ୍ୱାସ କରାଯାଉଛି ଯେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଭାରତୀୟ ଦଳରେ ଫିଟ୍ ବୋଲରମାନଙ୍କୁ ସାମିଲ କରିବାକୁ ଚାହୁଁଛନ୍ତି ଯେଉଁମାନେ ଲମ୍ବା ସ୍ପେଲ କରିପାରିବେ । ଭାରତୀୟ ଦଳରେ ଶାମୀଙ୍କୁ ସାମିଲ କରିବା ଓ କିଛି ମ୍ୟାଚ୍‌ରେ ତାଙ୍କୁ ଖେଳାଇବା ଉପରେ ଆଲୋଚନା ହୋଇଛି ତଥାପି, ଜସପ୍ରିତ ବୁମରାହ ପୂର୍ବରୁ ବୋର୍ଡକୁ ଜଣାଇ ସାରିଛନ୍ତି ଯେ ତାଙ୍କ ଶରୀର ତିନୋଟିରୁ ଅଧିକ ଟେଷ୍ଟ ମ୍ୟାଚ୍ ଖେଳିବା ସ୍ଥିତିରେ ନାହାଁନ୍ତି । ତେଣୁ ଚୟନ କମିଟି ଦଳରେ ସମାନ ଅନିଶ୍ଚିତ ବୋଲରଙ୍କୁ ସାମିଲ କରିବା କି ନାହିଁ ତାହା ଦ୍ୱନ୍ଦ୍ୱରେ ଅଛି ଯିଏ କେବଳ କିଛି ମ୍ୟାଚ୍ ଖେଳିପାରିବେ ଏହା ଭାରତୀୟ ଦଳର ଯୋଜନାକୁ ମଧ ପ୍ରଭାବିତ କରିବ।

ବୋର୍ଡର ଏକ ସୂତ୍ର କହିଛି - ଶାମୀ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଚାରି ଓଭର ବୋଲିଂ କରୁଛନ୍ତି କିନ୍ତୁ ବୋର୍ଡ ଏବଂ ଚୟନକର୍ତ୍ତାମାନେ ଜାଣିନାହାଁନ୍ତି ଯେ ସେ ଗୋଟିଏ ଦିନରେ ୧୦ ଓଭରରୁ ଅଧିକ ବୋଲିଂ କରିପାରିବେ କି ନାହିଁ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ଦ୍ରୁତ ବୋଲରଙ୍କଠାରୁ ଲମ୍ବା ସ୍ପେଲ ଦାବି କରିପାରେ ଆମେ ଏ ବିଷୟରେ କୌଣସି ରିସ୍କ ନେବାକୁ ଚାହୁଁନାହୁଁ ଶାମୀ ୨୦୨୩ ଭାରତ ବନାମ ଅଷ୍ଟ୍ରେଲିଆ। ବିଶ୍ ଟେଷ୍ଟ ଚାମ୍ପିଅନସିପର ଫାଇନାଲ ସମୟରେ ଓଭାଲରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ

# ହକି ଇଣ୍ଡିଆ ମାଷ୍ଟର୍ସ କପ୍: ଯୋଗଦେବେ ଭେଟେରାନ ଖେଳାଳି

ନୂଆଦିଲ୍ଲୀ,୨୩।୫: ଭେଟେରାନ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ। ମାଷ୍ଟର୍ସ କପ୍‌ର ଉଦ୍‌ଘାଟନୀ ସଂସ୍କରଣ ଜୁନ୍ ୧୮ରୁ ୨୭ ପର୍ଯ୍ୟନ୍ତ ଚେନ୍ନାଇରେ ହେବ ହକି ଇଣ୍ଡିଆ। ଶୁକ୍ରବାର ବିଧିବଦ୍ଧ ଭାବେ ଇଭେଣ୍ଟର ଭେନ୍ୟୁ ଓ ତାରିଖ ଘୋଷଣା କରିଛି। ଟୁର୍ନାମେଣ୍ଟ ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳି ନିଲାମ ପ୍ରକ୍ରିୟାରେ ଭାଗ ନେବେ। ଏହି ଲିଗ୍ ଭାରତୀୟ ହକିର ଏକ ନୂଆ। ଅଧ୍ୟାୟ ହେବାକୁ ଯାଉଛି ।ଭେଟେରାନ ଖେଳାଳିମାନଙ୍କ ଲାଗି ଏହା ହେଉଛି ଏକ ଉତ୍ସର୍ଗିକୃତ ପ୍ଲାଟଫର୍ମ ଲିଗ୍‌ର ନିୟମାନୁସାରେ ଏଥିରେ ପୁରୁଷ ବିଭାଗରେ ୪୦ବର୍ଷ କିମ୍ବା ତଦୂର୍ଦ୍ଧ୍ ବୟସର ଖେଳାଳି ଭାଗ ନେଇପାରିବେ ସେହିପରି ମହିଳା ବିଭାଗରେ ୩୫ ଏବଂ ତାଠାରୁ ଅଧିକ ବୟସର ଖେଳାଳି ଅଂଶଗ୍ରହଣ କରିପାରିବେ ।ଉଭୟ ବିଭାଗର ଦଳଗୁଡ଼ିକର ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ହେଲେ ସମ୍ପୃକ୍ତ ଖେଳାଳିଙ୍କୁ ସେମାନେ ରାଜ୍ୟ ୟୁନିଟ ଜରିଆରେ ନାମ ପଞ୍ଜୀକରଣ କରିବାକୁ ହେବ ବୋଲି ହକି ଇଣ୍ଡିଆ। କହିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡ଼ିକ ସ୍ଥିର ହେବା ପରେ ପୁଲ୍ ଢାଞ୍ଚାରେ ଲିଗ୍-କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପୂର୍ବତନ ଭାରତୀୟ ମହିଳା ହକି ଦଳ ଅଧିନାୟିକା ଅସୁନ୍ତା ଲାକ୍ରା ଟୁର୍ନାମେଣ୍ଟରେ ଭାଗନେବା ଲାଗି ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି।



ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ୟାରିଅରର ଦ୍ୱିତୀୟ ଶତକ ହାସଲ ଅବସରରେ ଓ୍ୱେଷ୍ଟଇଣ୍ଡିଜର କାର୍ଟି।

# ପୁରୁଷ ହକି ଟିମ୍ ଘୋଷିତ

ନୂଆଦିଲ୍ଲୀ,୨୩।୫: ହକି ଇଣ୍ଡିଆ ଗୁରୁବାର ଏଫଆଇଏଚ ହକି ପ୍ରୋ ଲିଗ୍ ୨୦୨୪-୨୫ର ୟୁରୋପିୟ ପର୍ଯ୍ୟାୟ ନିମନ୍ତେ ୨୪ ସଦସ୍ୟ ବିଶିଷ୍ଟ ଭାରତୀୟ ପୁରୁଷ ହକି ଟିମ୍ ର ଘୋଷଣା କରିଛନ୍ତି । ଏହି ପର୍ଯ୍ୟାୟ ୭ରୁ ୨୨ ଜୁନ୍ ୨୦୨୫ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡସର ଏସ୍ଟଟେଲବିନ ଏବଂ ବେଲଜିୟମ ର ଏଂଟବର୍ପ ରେ ଖେଳାଯିବ। ଟିମ୍ ର କ୍ୟାପଟେନ ପୁଣି ଥରେ ଅନୁଭବୀ ଡ୍ରେଗ- ଫ୍ଲିକର ହରମନପ୍ରିତ ସିଂହଙ୍କୁ କରାଯାଇଛି । ଯେତେବେଳେକି ମିଡଫିଲ୍ଡ ର ଦମଦାର୍ ଖେଳାଳୀ ହାର୍ଦ୍ଦିକ ସିଂହ ଭାଇସ୍ - କ୍ୟାପଟେନ ରହିବେ । ଭାରତୀୟ ଟିମ୍ ନିଜର ୟୁରୋପିୟ ଯାତ୍ରାର ଆରମ୍ଭ ୭ ଏବଂ ୯ ଜୁନ୍ ରେ ନେଦରଲ୍ୟାଣ୍ଡସ ବିରୁଦ୍ଧରେ ୨ ମ୍ୟାଚ୍ ରୁ କରିବ । ଏହାପରେ ୧୧ ଓ ୧୨ ଜୁନ୍ ରେ ଆର୍ଜେଂଟିନାକୁ ଭେଟିବ । ଏ ସମସ୍ତ ମୁକାବିଲା ଏସ୍ଟଟେଲବିନ ର ବାଗନର ଷ୍ଟାଡ଼ିୟମ୍ ରେ ଖେଳାଯିବ । ଏହାପରେ ଟିମ୍ ୧୪ ଏବଂ ୧୫ ଜୁନ୍‌ରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ଏଂଟବର୍ପରେ ଖେଳିବ ଏବଂ ଶେଷରେ ୨୧ ଓ ୨୨ ଜୁନ୍ ରେ ବେଲଜିୟମ୍ ସହିତ ମୁକାବିଲା ହେବ ।

# ଚିୟରଲିଡ଼ର୍ସ ନା ଅମ୍ପାୟାର, କିଏ ପାଆନ୍ତି ଅଧିକ ଟଙ୍କା ?

ନୂଆଦିଲ୍ଲୀ,୨୩।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଆଉ କିଛି ଦିନ ପରେ ଶେଷ ହୋଇଯିବ। ଏହି ଖେଳରେ, ଦଳ ମାଲିକଙ୍କ ସହିତ, ଖେଳାଳିମାନେ ମଧ କୋଟି କୋଟି ଟଙ୍କା ରୋଜଗାର କରନ୍ତି ସେହି ସମୟରେ, ଚିୟରଲିଡର୍ସ ଏବଂ ଅମ୍ପାୟାରମାନଙ୍କୁ ମଧ ବହୁତ ଟଙ୍କା ମିଳିଥାଏ। ଦଳର ଖେଳାଳିମାନଙ୍କୁ ନିଲାମ କରାଯାଏ, ଯାହା ସେମାନଙ୍କୁ ମିଳୁଥିବା ପରିମାଣ ପ୍ରକାଶ କରେ କିନ୍ତୁ ଆପଣ ଜାଣନ୍ତି କି ଚିୟରଲିଡରସ ଏବଂ ଅମ୍ପାୟାରମାନେ ଏକ ମ୍ୟାଚ୍ ପାଇଁ କେତେ ଟଙ୍କା ପାଆନ୍ତି।

ଆଇପିଏଲ ମ୍ୟାଚ୍ ସମୟରେ, ଚୌକା ଏବଂ ଛକା ମାରିବା ସମୟରେ କିମ୍ବା କୌଣସି ଦଳର ୱିକେଟ୍ ପଡ଼ିବା ସମୟରେ ଚିୟରଲିଡର୍ସ ସେମାନଙ୍କ ନିଜ ନିଜ ଦଳକୁ ସମର୍ଥନ କରୁଥିବାର ଦେଖାଯାଏ ସମସ୍ତ ଦଳର ଚିୟରଲିଡରସଙ୍କ ଦରମା ଭିନ୍ନ ଭିନ୍ନ ସମସ୍ତ ଫ୍ରାଞ୍ଚାଇଜ୍ ନିଜ ନିଜ ଅନୁସାରେ ସେମାନଙ୍କର ଦରମା ନିର୍ଦ୍ଧାରଣ କରନ୍ତି ।ଚିୟରଲିଡରସ ଆଇପିଏଲର ଗୋଟିଏ ସିଜିନ୍ ରୁ ଦୁଇରୁ ଚାରି ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି ଆଇପିଏଲରେ, ଯେତେବେଳେ କିଛି ଦଳ ସେମାନଙ୍କ ଚିୟରଲିଡରସଙ୍କୁ ଏକ ମ୍ୟାଚ୍ ପାଇଁ ପ୍ରାୟ ୧୪ ହଜାର ଟଙ୍କା ଦିଅନ୍ତି। ସେହି ସମୟରେ, କିଛି ଦଳ ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ମଧ ଦିଅନ୍ତି।

ଏହିପରି ଭାବରେ, ଚିୟରଲିଡରସ ଦଳ ଅନୁସାରେ ଭିନ୍ନ ଭିନ୍ନ ପରିମାଣର ଟଙ୍କା ପାଆନ୍ତି ।ଅନ୍ୟପଟେ ଅମ୍ପାୟରଙ୍କ କାମ ହେଉଛି ମ୍ୟାଚ୍ କୁ ସଠିକ୍ ଭାବରେ ପରିଚାଳନା କରିବା ଏବଂ ସେମାନେ ମ୍ୟାଚ୍ ରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି ।ଅମ୍ପାୟରଙ୍କ କାମ ଚିୟରଲିଡର୍ସଙ୍କ ଅପେକ୍ଷା ଅଧିକ ଏବଂ ଏହି କାରଣରୁ ସେମାନଙ୍କର ଦରମା ମଧ ଅଧିକ। ଆଇପିଏଲ ୨୦୧୯ରେ, ଅମ୍ପାୟର ଜବାଗଲ ଶ୍ରୀନାଥଙ୍କୁ ୫୨.୪୫ ଲକ୍ଷ ଟଙ୍କା ମିଳିଥିଲା। ସେହି ସମୟରେ, ମନୁ ନାୟାରଙ୍କୁ ଅମ୍ପାୟରିଂ ପାଇଁ ୪୧.୯୬ ଲକ୍ଷ ଟଙ୍କା ମିଳିଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ